RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-257 •BHUBANESWAR •TUESDAY •12 MARCH 2024 •PAGE-16+16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୭ •ଭୁବନେଶ୍ୱର •ମଙ୍ଗଳବାର •୧୨ ମାର୍ଚ୍ଚ ୨୦୨୪ •ପୃଷ୍ଠା-୧୬+୧୬ •ଟ.୬.୦୦




ଟି-୨୦ ବିଶ୍ୱକପ୍ ଖେଳିବେନି ସାମି

▶କ୍ରୀଡ଼ା ପୃଷ୍ଠାରେ...

# ଲାଗୁହେଲା ସିଏଏ

## ବିଦେଶାଗତ ଅଣମୁସ୍‌ଲିମ୍‌ଙ୍କୁ ଭାରତୀୟ ନାଗରିକତ୍ୱ

■ **ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ବହୁ ଚର୍ଚ୍ଚିତ ନାଗରିକ ସଂଶୋଧନ ଆଇନ(ସିଏଏ) ସାରା ଦେଶରେ ଲାଗୁ ହୋଇଛି।ଏଥିପାଇଁ କେନ୍ଦ୍ର ସରକାର ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ଏହି ଆଇନ ଲାଗୁ କରାଯିବା ନେଇ ସୂଚନା ଦିଆଯାଇଛି। ଏହାଦ୍ୱାରା ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶ ଆଦି ଦେଶରୁ ନିର୍ଯାତିତ ହୋଇ ଭାରତରେ ଶରଣାର୍ଥୀ ଜୀବନ ବିତାଉଥିବା ହିନ୍ଦୁ, ଶିଖ, ଜୈନ, ବୌଦ୍ଧ. ପାର୍ସି ଏବଂ ଖ୍ରୀଷ୍ଟିଆନମାନଙ୍କୁ ସ୍ଥାୟୀ ନାଗରିକତ୍ୱ ମିଳିବ। ଏହି ସଂପ୍ରଦାୟର ଯେଉଁମାନେ ଉପରୋକ୍ତ ତିନି ଦେଶରୁ ଆସି ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ପହଞ୍ଚିଥିଲେ ଏବଂ ଏଠାରେ ସ୍ଥାୟୀ ନାଗରିକତ୍ୱ ଚାହୁଁଥିଲେ, ସେମାନଙ୍କୁ ଏଣିକି ନାଗରିକତ୍ୱ ପ୍ରଦାନ କରାଯିବ। ଏହାପରେ ମଧ୍ୟ ଭାରତ ଆସିଥିବା ଲୋକମାନେ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଏଥିପାଇଁ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସମସ୍ତ ଦିଗରେ କାର୍ଯ୍ୟ ଶେଷ କରାଯାଇଛି। ସାଧାରଣ ପ୍ରକ୍ରିୟା ବ୍ୟତୀତ ବିଦେଶାଗତ ହିନ୍ଦୁ କିମ୍ବା ଶିଖମାନେ ଅନଲାଇନ ବ୍ୟବସ୍ଥାରେ ମଧ୍ୟ ଆବେଦନ କରିପାରିବେ। ଏଥିପାଇଁ ଗୃହ ମନ୍ତ୍ରାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ପୋର୍ଟାଲ ବ୍ୟବସ୍ଥା କରାଯାଇଛି। ଯେଉଁମାନେ ବିଦେଶରୁ ଆସି ଭାରତରେ ରହୁଛନ୍ତି ସେମାନେ କେବେ ଭାରତରେ ପ୍ରବେଶ କଲେ ତାହା ଉଲ୍ଲେଖ କରିବାକୁ ପଡ଼ିବ। ତେବେ ଭାରତ ଗସ୍ତଜନିତ କୌଣସି ଦସ୍ତାବିଜ୍ ଦେବାକୁ ପଡ଼ିବ ନାହିଁ। କିନ୍ତୁ ସିଏଏ ଆଇନ ଅନୁସାରେ ଏହି ସବୁ ଦେଶରୁ ଆସିଥିବା କୌଣସି ମୁସଲମାନମାନଙ୍କୁ ଭାରତରେ ନାଗରିକତା ମିଳିବ ନାହିଁ କି ସେମାନଙ୍କୁ ଏହି ଆଇନରେ ସାମିଲ କରାଯିବ ନାହିଁ।

ଉଲ୍ଲେଖଯୋଗ୍ୟ ଯେ, ସିଏଏ ଲାଗୁ କରିବାକୁ ୨୦୧୯ ନିର୍ବାଚନରେ ବିଜେପି ପ୍ରତିଶ୍ରୁତି ଦେଇଥିଲା। ଏହି ବର୍ଷ ଦଳର ନିର୍ବାଚନୀ ଏଜେଣ୍ଡା ମଧ୍ୟରୁ ସିଏଏ ଏକ ପ୍ରମୁଖ ବିଷୟ ହୋଇଥିଲା। ପ୍ରାୟ ୪ ବର୍ଷରୁ ଅଧିକ ସମୟ ଧରି ଏହି ବିବାଦୀୟ ଆଇନକୁ ନେଇ ବିତର୍କ ଲାଗି ରହିଥିଲ। ତେବେ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ରକ୍ଷା କରିବା ସ୍ୱରୂପ ସିଏଏ ଲାଗୁ କରିଛନ୍ତି। ୨୦୧୯ ଡିସେମ୍ବର ୯ ତାରିଖରେ ନାଗରିକ ସଂଶୋଧନ ବିଲ୍ ଲୋକସଭାରେ ଅନୁମୋଦନ ଲାଭ କରିବାର ଦୁଇ ଦିନ ପରେ ରାଜ୍ୟସଭାରେ ମଧ୍ୟ ବହୁ ମତରେ ପାରିତ ହୋଇଥିଲା। ପରେ ପରେ ସେହି ବର୍ଷ ଡିସେମ୍ବର ୧୨ ତାରିଖରେ ଏହି ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଥିଲା। କିନ୍ତୁ ସିଏଏ ଆଇନରେ ପରିଣତ ହେବା ପରେ ଏହାକୁ ▶ପୃଷ୍ଠା-୯




**ଆଇନ କାର୍ଯ୍ୟକାରିତା ନେଇ ଘୋଷଣା କଲେ କେନ୍ଦ୍ର ସରକାର**

**ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରୀ**

**୨୦୧୪ ଡିସେମ୍ବରର ୩୧ ପୂର୍ବର ଶରଣାର୍ଥୀଙ୍କୁ ମିଳିବ ଭାରତୀୟ ମାନ୍ୟତା**

## 'କାଳିଆ' ଅବଧି ଆଉ ୩ ବର୍ଷ ବୃଦ୍ଧି; ଖର୍ଚ୍ଚ ହେବ ୬୦୩୦ କୋଟି

# ୬୪ ଲକ୍ଷ ଚାଷୀଙ୍କୁ ୧୨୯୩ କୋଟି ସହାୟତା

**୪୬ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୯୩୩ କୋଟି ଟଙ୍କା 'କାଳିଆ' ରାଶି**

**୧୮ ଲକ୍ଷ ଭୂମିହୀନ ଚାଷୀ ପରିବାରକୁ ଖରିଫ ପାଇଁ ଅତିରିକ୍ତ ୨୦୦୦ ଟଙ୍କା**

**ବାହାର ରାଜ୍ୟରେ ପଢୁଥିବା ରାଜ୍ୟର ଚାଷୀ ଘର ପିଲାଙ୍କୁ 'କାଳିଆ' ଛାତ୍ରବୃତ୍ତି**

**ଚାଷୀଙ୍କୁ କୃଷିରେ ବୈଷୟିକ ସହାୟତା ଲାଗି ୩୦ ଜିଲ୍ଲାରେ 'କାଳିଆ' କେନ୍ଦ୍ର**



■ **ଭୁବନେଶ୍ୱର, ୧୧।୩ (ସମିସ):** ରାଜ୍ୟରେ 'କାଳିଆ' ଯୋଜନାର ଅବଧିକୁ ଆଉ ୩ ବର୍ଷ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଯୋଜନା ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ ଏବଂ ରାଜ୍ୟ ସରକାର ଏଥିପାଇଁ ୬୦୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଗୋଟିଏ ଦିନରେ ରାଜ୍ୟର ୬୪ ଲକ୍ଷ ଚାଷୀଙ୍କୁ ୧୨୯୩ କୋଟି ଟଙ୍କା ବଣ୍ଟନ କରିବା ଅବସରରେ ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟର ୪୬ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ୯୩୩ କୋଟି ଟଙ୍କା 'କାଳିଆ' ସହାୟତା ଓ ରାଜ୍ୟର ୧୮ ଲକ୍ଷ ଭୂମିହୀନ ଚାଷୀ ପରିବାରକୁ ଖରିଫ ଋତୁ ପାଇଁ ଅତିରିକ୍ତ ଦୁଇ ହଜାର ଟଙ୍କା ଲେଖାଏଁ ମୋଟ ୩୬୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନୁରୂପ ଭାବରେ ଚାଷୀ ଭାଇଭଉଣୀମାନଙ୍କୁ କୃଷି କାର୍ଯ୍ୟରେ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ ସବୁ ▶ପୃଷ୍ଠା-୯

**'ଚାଷୀଙ୍କ ଖୁସିରେ ମୁଁ ଖୁସି, ଚାଷୀ ଭାଇଙ୍କ ସମୃଦ୍ଧି ହିଁ ରାଜ୍ୟର ସମୃଦ୍ଧି: ମୁଖ୍ୟମନ୍ତ୍ରୀ'**

### ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଦେବାରେ ଓଡ଼ିଶା ପ୍ରଥମ: ପାଣ୍ଡିଆନ

ଦେଶର ଏକମାତ୍ର ରାଜ୍ୟ ଭାବରେ ଭୂମିହୀନ ଚାଷୀଙ୍କୁ ଓଡ଼ିଶା ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ 'କାଳିଆ' ସହାୟତା ପ୍ରଦାନ କାର୍ଯ୍ୟକ୍ରମର ସଂଯୋଜନା କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ 'କାଳିଆ' ଯୋଜନାର ▶ପୃଷ୍ଠା-୯

# ମିଶନ ଶକ୍ତି କର୍ମକର୍ତ୍ତାଙ୍କୁ ଆଉ ୫୦୦ ବର୍ଦ୍ଧିତ ଦେୟ

■ **ଭୁବନେଶ୍ୱର, ୧୧।୩ (ସମିସ):** ମିଶନ ଶକ୍ତି କାର୍ଯ୍ୟକ୍ରମର ପଞ୍ଚାୟତ ଓ ବ୍ଲକସ୍ତରୀୟ ଫେଡେରେସନର କର୍ମକର୍ତ୍ତାମାନଙ୍କର ବୈଠକ ଦେୟ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବ୍ଲକସ୍ତରୀୟ ଫେଡେରସନର ସଭାପତି ଓ ସମ୍ପାଦକମାନେ ବୈଠକ ପାଇଁ ପୂର୍ବରୁ ୪ ହଜାର ଟଙ୍କା ପାଉଥିବା ବେଳେ ଏବେ ୪୫୦୦ ଟଙ୍କା ପାଇବେ। ସେହିପରି ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ପୂର୍ବରୁ ୨ ହଜାର ଟଙ୍କା ପାଉଥିବା ବେଳେ ଏବେ ୨୫୦୦ ଟଙ୍କା ପାଇବେ। ଗ୍ରାମପଞ୍ଚାୟତସ୍ତରୀୟ ଫେଡେରସନର ସଭାପତି ଓ ସମ୍ପାଦକମାନେ ବୈଠକ ପାଇଁ ପୂର୍ବରୁ ପାଉଥିବା ୨ ହଜାର ଟଙ୍କା ଦଳରେ ୨୫୦୦ ଓ ଅନ୍ୟ କାର୍ଯ୍ୟକାରିଣୀ ସଦସ୍ୟାମାନେ ୧ ହଜାର ଟଙ୍କା ପରିବର୍ତ୍ତେ ୧୫୦୦ ଟଙ୍କା ପାଇବେ। ଏଥିପାଇଁ ବର୍ଷକୁ ରାଜକୋଷରୁ ୨୪୯.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ବର୍ଦ୍ଧିତ ଦେୟ ୨୦୨୩ ଅକ୍ଟୋବର ମାସରୁ ପିଛିଲା ଭାବେ ଲାଗୁ ହେବ।

ରାଜ୍ୟରେ ମିଶନ ଶକ୍ତି ଏକ ବିଶାଳ ଆନ୍ଦୋଳନରେ ପରିଣତ ହୋଇ ▶ପୃଷ୍ଠା-୯




**ଉପକୃତ ହେବେ ସାରା ରାଜ୍ୟର ୧.୨୬ ଲକ୍ଷରୁ ଊର୍ଦ୍ଧ୍ୱ 'ମିଶନ ଶକ୍ତି' ସଙ୍ଗଠନର କର୍ମକର୍ତ୍ତା**

**'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲାଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ, ପିଛିଲା ଭାବରେ ଅକ୍ଟୋବରରୁ ଲାଗୁ**




# ଲୋକଙ୍କ ଅନୁରୋଧ ରଖିଲା ରେଳବାଇ
# ପୁରୀ ନୁହେଁ; ଭୁବନେଶ୍ୱରରୁ ଗଡ଼ିବ ତୃତୀୟ ବନ୍ଦେ ଭାରତ

**ଭୁବନେଶ୍ୱର, ୧୧।୩ (ସମିସ):** ପୁରୀ ନୁହେଁ, ଭୁବନେଶ୍ୱରରୁ ବିଶାଖାପାଟଣା ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍। ପୁରୀ-ବିଶାଖାପାଟଣା ମଧ୍ୟରେ ୧୨ ତାରିଖ (ମଙ୍ଗଳବାର)ଠାରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡ଼ିବ ବୋଲି ରେଳବାଇ ଘୋଷଣା କରିଥିଲା। ତେବେ ପୁରୀ ବଦଳରେ ଭୁବନେଶ୍ୱରରୁ ଏହି ବନ୍ଦେ ଭାରତ ଟ୍ରେନ୍ ଚଳାଇବା ପାଇଁ ବିଭିନ୍ନ ମହଲରୁ ସ୍ୱର ଉଠିଥିଲା। ପୁରୀରୁ ଏହି ଟ୍ରେନ୍ ଖୋର୍ଦ୍ଧା ଦେଇ ବିଶାଖାପାଟଣା ଗଲେ ଯାତ୍ରୀ ସଂଖ୍ୟା କମ୍ ରହିବ। ଭୁବନେଶ୍ୱରରୁ ଚାଲିଲେ, ବହୁ ଲୋକ ଉପକୃତ ହୋଇପାରିବେ ବୋଲି ବହୁ ଲୋକ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ତେବେ ଲୋକଙ୍କ ଅନୁରୋଧ ରକ୍ଷା କରି ପୁରୀ ବଦଳରେ ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ବନ୍ଦେ ଭାରତ ଚଳାଇବା ପାଇଁ ନିଷ୍ପତ୍ତି ହୋଇଛି। ନୂଆ ସମୟ ସାରଣୀ ଅନୁସାରେ, ଭୁବନେଶ୍ୱର ଓ ବିଶାଖାପାଟଣା ମଧ୍ୟରେ ଏହି ଟ୍ରେନ୍ ଖୋର୍ଦ୍ଧାରୋଡ୍, ବାଲୁଗାଁ, ବ୍ରହ୍ମପୁର, ଇଚ୍ଛାପୁରମ୍, ପଲାସା, ଶ୍ରୀକାକୁଲମ୍ ରୋଡ୍ ଏବଂ ବିଜୟନଗରମ୍‌ଠାରେ ରହଣି କରିବ। ଏହି ବନ୍ଦେ ଭାରତରେ ସମୁଦାୟ ୮ଟି କୋଚ୍ ରହିଛି ଏବଂ ସୋମବାର ବ୍ୟତୀତ ଅନ୍ୟ ସମସ୍ତ ଦିନରେ ଏହା ଚଳାଚଳ କରିବ। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଏହି ଟ୍ରେନ୍‌ର ଲୋକାର୍ପଣ କରିବେ। ଏହା ପୂର୍ବରୁ ପୁରୀ-ହାୱଡ଼ା ଏବଂ ପୁରୀ-ରାଉରକେଲା ମଧ୍ୟରେ ଗୋଟିଏ ଲେଖାଏଁ ବନ୍ଦେ ଭାରତ ଚଳାଚଳ କରୁଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16+16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬+୧୬ ◆ଟ.୬.୦୦




## ଉପାନ୍ତରୁ ଉପକୂଳ
# ‘ନବୀନ’ ଓଡ଼ିଶାର ସ୍ୱର୍ଣ୍ଣିମ ରୂପାନ୍ତରଣ

- ଯୋଡ଼ାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭରକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ଧାର୍ମିକ ପୀଠ ରୂପାନ୍ତରଣରେ ସାମିଲ ହେଲା ବଲାଙ୍ଗିରର ପ୍ରସିଦ୍ଧ ହରିଶଙ୍କର ମନ୍ଦିର
- ଖୋର୍ଦ୍ଧା ଜଟଣୀ କୁଦିଆରୀରେ ୭୬୨ ମିଟର ଦୈର୍ଘ୍ୟବିଶିଷ୍ଟ ରେଳ ଓଭରବ୍ରିଜ
- ଆଠମଲ୍ଲିକ-ଧଳପୁର ରାସ୍ତାରେ ମହାନଦୀ ଉପରେ ଓଡ଼ିଶାର ଦୀର୍ଘତମ ସେତୁ
- ନେମାଳ ଅଚ୍ୟୁତାନନ୍ଦ ପୀଠ ଓ ଖୋର୍ଦ୍ଧାରେ ଉଗ୍ରତାରା ମନ୍ଦିର ରୂପାନ୍ତରଣ ଶିଳାନ୍ୟାସ
- ବୌଦ୍ଧ ଜିଲ୍ଲାର ବାଉଁଶୁଣୀ-ବୀରମହାରାଜପୁର ରାସ୍ତାର ମହାନଦୀରେ ହେବ ସେତୁ
- ଉନ୍ନୟନ କାମରେ ସହଯୋଗ ପାଇଁ ସ୍ଥାନୀୟ ଲୋକଙ୍କୁ ‘୫-ଟି’ଅଧ୍ୟକ୍ଷଙ୍କ ପ୍ରଶଂସା





**ଭୁବନେଶ୍ୱର,୧୧।୩(ସମିସ):** ରାଜ୍ୟରେ ଚାଲିଛି ରୂପାନ୍ତରଣର ଧାରା। ‘ନବୀନ’ ଓଡ଼ିଶାର ଏହି ନବ ରୂପାନ୍ତରରେ ସାମିଲ ହୋଇଛି ସାରା ରାଜ୍ୟ। ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ଖେଳେଇ ହୋଇ ଯାଇଛି ବିକାଶର କିରଣ। ରାଜ୍ୟର ଜାରି ରହିଥିବା ରୂପାନ୍ତରଣ ଏବଂ ଭିତ୍ତିଭୂମି ବିକାଶରେ ଆଜି ଯୋଡ଼ି ହୋଇଛି ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ। ବଲାଙ୍ଗିର, କେନ୍ଦୁଝର, ଖୋର୍ଦ୍ଧା ଓ ବୌଦ୍ଧ ଜିଲ୍ଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବଲାଙ୍ଗିର ଜିଲ୍ଲାର ହରିଶଙ୍କର ମନ୍ଦିରର ରୂପାନ୍ତରଣ, ୨୫୮.୭୮ କୋଟି ଟଙ୍କା ବ୍ୟୟରେ କେନ୍ଦୁଝର ଜିଲ୍ଲା ଯୋଡ଼ାରେ ନିର୍ମିତ ୩ କିଲୋମିଟର ବିଶିଷ୍ଟ ଓଡ଼ିଶାର ଦୀର୍ଘତମ ଫ୍ଲାଏ-ଓଭର, ଖୋର୍ଦ୍ଧା ଜିଲ୍ଲାର କୁଦିଆରିରେ ୧୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୬୨ ମିଟର ଦୈର୍ଘ୍ୟବିଶିଷ୍ଟ ରେଳ ଓଭର-ବ୍ରିଜ, ଆଠମଲ୍ଲିକ-ଧଳପୁର ରାସ୍ତାରେ ମହନଦୀ ଉପରେ ୧୫୯.୩୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩ କିଲୋମିଟର ପରିବ୍ୟାପ୍ତ ରାଜ୍ୟର ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ସେହିପରି ରାକଡୋର- ଫସାଦ ରାସ୍ତାରେ ତେଲ ନଦୀ ଉପରେ ୪୫.୮୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ସେତୁ, ୭୧.୫୯ କୋଟି ଟଙ୍କା ବ୍ୟୟରେ ବୌଦ୍ଧ-ମର୍ଯ୍ୟାକୁଦ ସଂଯୋଗୀ ରାସ୍ତାରେ ମହାନଦୀ ଉପରେ ସେତୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଆଜି ଅନେକଗୁଡ଼ିଏ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଛନ୍ତି। କଟକ ଜିଲ୍ଲା ନେମାଳଠାରେ ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପୀଠ, ୩୨.୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଖୋର୍ଦ୍ଧା ମା’ ଉଗ୍ରତାରା ଶକ୍ତିପୀଠର ଉନ୍ନତିକରଣ କାର୍ଯ୍ୟ, ୧୫୫.୭୨ କୋଟି ଟଙ୍କା ବ୍ୟୟ ଅଟକଳରେ ବୌଦ୍ଧ ଜିଲ୍ଲାର ବାଉଁଶୁଣୀ-ବୀରମହାରାଜପୁର ସଂଯୋଗୀକରଣ ରାସ୍ତାରେ ମହାନଦୀ ଉପରେ ୧୭୩୮ ମିଟର ଦୈର୍ଘ୍ୟବିଶିଷ୍ଟ ସେତୁ ନିମନ୍ତେ ମୁଖ୍ୟମନ୍ତ୍ରୀ ଶୁଭ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ଉପକ୍ରମରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ ଗୁଡ଼ିକ ପର୍ଯ୍ୟଟନ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶାର ଏକ ପ୍ରମୁଖ ପୀଠ ହେଉଛି ହରିଶଙ୍କର। ଐତିହ୍ୟ, ସ୍ଥାରକୀ ଏବଂ ପର୍ଯ୍ୟଟନ ସ୍ଥଳର ସମନ୍ୱିତ ବିକାଶ ଯୋଜନାରେ ହୋଇଥିବା ଏହି ପୀଠର ରୂପାନ୍ତରଣ କାର୍ଯ୍ୟ ଏଠାକୁ ଆସୁଥିବା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇବାରେ ସଫଳ ହେବା ସହ ଅଞ୍ଚଳବାସୀଙ୍କ ଆର୍ଥିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି ଯେ ସଂସ୍କୃତି ଗୋଟିଏ ଜାତିର ଅସ୍ମିତାର ପରିଚୟ। ଏହାର ସୁରକ୍ଷା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। କଟକ ଜିଲ୍ଲାର ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠ ଏବଂ ଖୋର୍ଦ୍ଧା ଜିଲ୍ଲାର ମା’ ଉଗ୍ରତାରା ପୀଠର ରୂପାନ୍ତରଣ ପାଇଁ ଆଜି ଭିତ୍ତି ଦିଆଗଲା। ଏହି ମହାନ ପୀଠ ଗୁଡିକର ବିକାଶ ଦ୍ୱାରା ଓଡ଼ିଆ ଜାତିର ଭାବଗତ ବନ୍ଧନ ଆହୁରି ମଜବୁତ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ସେହିପରି କେନ୍ଦୁଝରର ଯୋଡ଼ାଠାରେ ରାଜ୍ୟର ସବୁଠାରୁ ବଡ ଫ୍ଲାଏ ଓଭର, ଜଟଣୀଠାରେ ରେଳ ଓଭରବ୍ରିଜ, ତେଲ ନଦୀ ଉପରେ ହାଇ ଲେଭଲ ସେତୁ, ମର୍ଯ୍ୟାକୁଦ ରାସ୍ତା ହାଇ ଲେଭଲ ସେତୁ ଏବଂ ଆଠମଲ୍ଲିକ-ଧଳପୁର ରାସ୍ତାରେ ସବୁଠାରୁ ବଡ ସେତୁ ଉଦ୍‌ଘାଟନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହିସବୁ ପ୍ରକଳ୍ପ ଆମର ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିବା ସହିତ ଯାତ୍ରା ସମୟକୁ ମଧ୍ୟ ହ୍ରାସ କରିବ। ଏହି ସବୁ ପ୍ରକଳ୍ପ ଦ୍ୱାରା ଲକ୍ଷ ଲକ୍ଷ ଲୋକ ଉପକାର ପାଇବେ। ଯୋଗାଯୋଗ ହେଉଛି ସମୃଦ୍ଧିର ଆଧାର। ‘୫-ଟି’ ଉପକ୍ରମରେ ଆଜି ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆସିଛି ଏବଂ ଏହା ବିକାଶର ମାର୍ଗକୁ ପ୍ରଶସ୍ତ କରିଛି। ବିକାଶର ଏହି ଯାତ୍ରାରେ ରାଜ୍ୟବାସୀଙ୍କ ପୂର୍ଣ୍ଣ ସହଯୋଗ ଆମକୁ ଶକ୍ତି ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ‘ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା’ ଗଠନ ପାଇଁ ଏହି ସହଯୋଗ ଜାରି ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମର ସଂଯୋଜନା କରିଥିବା ‘୫-ଟି’ ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ କମ୍ ସମୟ ମଧ୍ୟରେ ବାବା ହରିଶଙ୍କରଙ୍କ ପୀଠ ରୂପାନ୍ତରଣ କାର୍ଯ୍ୟ ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବରେ ସମ୍ପୂର୍ଣ୍ଣ ହୋଇଛି। ଯୋଡାଠାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭର ନିର୍ମାଣରେ ପୂର୍ତ୍ତ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୁଖ୍ୟମନ୍ତ୍ରୀ ନେମାଳବାସୀଙ୍କ ଅନୁରୋଧ ରକ୍ଷା କରି ଅଚ୍ୟୁତାନନ୍ଦ ଗାଦି ଓ ପୀଠର ରୂପାନ୍ତରଣ ନିମନ୍ତେ ଅର୍ଥ ମଞ୍ଜୁର କରିଛନ୍ତି, ଉଗ୍ରତାରା ପୀଠ ଉନ୍ନତିକରଣର ଶିଳାନ୍ୟାସ କରାଯାଇଛି। ଖୁବ୍ ଶୀଘ୍ର ଏହି କାମ ସବୁ ଆରମ୍ଭ ହେବ ଏବଂ ଏଥିରେ ସ୍ଥାନୀୟ ଜନସାଧାରଣ ସହଯୋଗ କଲେ ତାହା ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବୌଦ୍ଧରେ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଖୋର୍ଦ୍ଧାରେ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପାଟଣାଗଡ଼ରେ ବିଧାୟକ ସରୋଜ କୁମାର ମେହେର, ଚମ୍ପୁଆରେ ବିଧାୟିକା ମିନାକ୍ଷୀ ମହନ୍ତ, ନେମାଳରେ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ମାହାଙ୍ଗାରେ ବିଧାୟକ ପ୍ରତାପ ଜେନା, ଖୋର୍ଦ୍ଧାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜିକା ଶ୍ରୀମୟୀ ଶ୍ୱେତସ୍ମିଗ୍ଧା ମିଶ୍ର ଯୋଗଦେଇ ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏପରି ଜଣେ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଓଡ଼ିଶାବାସୀ ଆଜି ଗର୍ବିତ। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେଉଥିବା ରୂପାନ୍ତରଣକୁ ସମଗ୍ର ବିଶ୍ୱ ଦେଖୁଛି। ଓଡ଼ିଶାକୁ ଏକ ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଏବଂ ଓଡ଼ିଶାବାସୀ କିଭଳି ଭଲରେ ରହିବେ ସେହି ଚିନ୍ତା କରି ମୁଖ୍ୟମନ୍ତ୍ରୀ ଏଭଳି ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ଓ ବିଧାୟକମାନେ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବଦୁଲ୍ କଲାମ ଦ୍ୱୀପରୁ ‘ଅଗ୍ନି-୫’ର ସଫଳ ପରୀକ୍ଷଣ

- ଟ୍ରାକ୍ କରିବାରେ ବିଫଳ ହେବ ଶତ୍ରୁପକ୍ଷ ସାଟେଲାଇଟ୍
- ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ

**ବାଲେଶ୍ୱର, ୧୧।୩(ସମିସ):** ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଇଣ୍ଟର-କଣ୍ଟିନେଣ୍ଟାଲ ବାଲାଷ୍ଟିକ କ୍ଷେପଣାସ୍ତ୍ର ‘ଅଗ୍ନି-୫’ର ସଫଳ ପରୀକ୍ଷଣ କରାଯାଇଛି। ଚୀନ୍ ଓ ପାକିସ୍ତାନ ସହ ବିଶ୍ୱର ଅନେକ ଦେଶ ଉପରେ ଆକ୍ରମଣ କରିପାରିବାର କ୍ଷମତା ରଖିଛି ଅଗ୍ନି-୫ ମିସାଇଲ। ଉତ୍କ୍ଷେପଣ ପରେ ଏହି ମିସାଇଲ ବାୟୁମଣ୍ଡଳରୁ ଊର୍ଦ୍ଧ୍ୱକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର କ୍ଷମତା ଏହା ପାଖରେ ରହିଛି। ବାୟୁମଣ୍ଡଳରୁ ଊର୍ଦ୍ଧ୍ୱକୁ ଉଠିପାରୁଥିବାରୁ ଶତ୍ରୁପକ୍ଷ ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହେବ ବୋଲି ଜଣାଯାଇଛି। ଏହାସହ ଏହି କ୍ଷେପଣାସ୍ତ୍ରରେ ୧୫ଶହ କେଜି ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ। ଏହା ଉତ୍କ୍ଷେପଣ ସ୍ଥାନଠାରୁ ୫ ଏମ୍‌ବିପିଏସ୍ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ ବୋଲି ଜଣାଯାଇଛି। ଏହାର ଓଜନ ୫୬ଶହ କିଲୋଗ୍ରାମ ଥିବା ବେଳେ ଲମ୍ବ ୧୭.୫ ମିଟର ଓ ମୋଟେଇ ୨ ମିଟର ରହିଛି। ଅଗ୍ନି-୫ ଘଣ୍ଟା ପ୍ରତି ୩୦,୬୦୧ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷକୁ ଧ୍ୱଂସ କରିପାରିବା କ୍ଷମତା ରଖିଛି। ଏହା ଶବ୍ଦଠାରୁ ୨୪ଗୁଣା ଅଧିକ ଗତିରେ ଯାଇ ଟାର୍ଗେଟ୍‌କୁ ଆକ୍ରମଣ କରିଥାଏ। ଏଥିରେ ରିଙ୍ଗ ଲେଜର ଗାଇରସ୍କୋପ ଇନ୍‌ସିୟିରଲ ନେଭିଗେସନ ସିଷ୍ଟମ, ଜିପିଏସ, ନେଭିକ ସେଟଲାଇଟ୍ ଓ ଗାଇଡେଣ୍ଟସ ସିଷ୍ଟମ ଲାଗିଛି। ତେଣୁ ଏହା ଟାର୍ଗେଟ୍‌କୁ ସଠିକ ଭାବେ ଆକ୍ରମଣ କରି ଧ୍ୱଂସ କରିପାରିବ। ଯଦି ଟାର୍ଗେଟ ନିଜର ସ୍ଥାନ ବଦଳାଇ ୧୦ରୁ ୮୦ମିଟର ପର୍ଯ୍ୟନ୍ତ ଚାଲି ଯାଇଥାଏ, ତାହେଲେ ମଧ୍ୟ ଏହା ଟାର୍ଗେଟ୍‌କୁ ଧ୍ୱଂସ କରିପାରିବ। ଏହି ମିସାଇଲ ଗୋଟିଏ ସେକେଣ୍ଡରେ ୮.୧୬କିମି ଦୂରତ୍ୱ ଅତିକ୍ରମ କରିପାରିବ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ଆଜିର ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିବା କୁହାଯାଇଛି। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓର ବୈଜ୍ଞାନିକ, ଇଞ୍ଜିନିୟର ଓ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରଶଂସା କରିଛନ୍ତି।



# ଲାଞ୍ଚ ନେଇ ଧରାପଡ଼ିଲେ ଏଫ୍‌ଆର୍‌ଏ
## ଜଙ୍ଗଲ ଜମି ପଟ୍ଟା କରିଦେବା ପାଇଁ ୮ ହଜାର ନେଉଥିଲେ

**ଭୁବନେଶ୍ୱର/ସମ୍ବଲପୁର, ୧୧।୩ (ସମିସ):** ଭିଜିଲାନ୍ସ ଜାଲରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜଙ୍ଗଲ ଜମି ବିଭାଗର ସଂଯୋଜିକା(ଏଫ୍‌ଆରଏ) ନିଘତ ପରୱିନ୍ ଓରଫ୍ ରୋଜା। ଜଙ୍ଗଲ ଜମି ପଟ୍ଟା କରିଦେବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କ ନାମରେ ମାମଲା ରୁଜୁ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ସମ୍ବଲପୁର, କୁଚିଣ୍ଡା ଥାନା ୱାର୍ଡ ନଂ-୫ସ୍ଥିତ ଘରେ ଚଢ଼ଉ କରିଥିଲା। ଜଙ୍ଗଲ ଜମି ପଟ୍ଟା ଦେବା ପାଇଁ ନିଘତ କିଛି ବ୍ୟକ୍ତିଙ୍କୁ ୨୩ ହଜାର ଟଙ୍କା ମାଗିଥିଲେ। ସେମାନେ ୧୫ ହଜାର ଟଙ୍କା ଦେଇଥିଲେ। କିନ୍ତୁ ବାକି ୮ ହଜାର ଟଙ୍କା ନଦେଲେ କାମ ହେବ ନାହିଁ ବୋଲି ନିଘତ ସଫାସଫା ମନା କରିଦେଇଥିଲେ। ତେଣୁ ସେମାନଙ୍କ ମଧ୍ୟରୁ ଜଣେ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ନିଘତଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ଉକ୍ତ ବ୍ୟକ୍ତିଜଣଙ୍କ ନିଘତଙ୍କ କାର୍ଯ୍ୟାଳୟରେ ତାଙ୍କୁ ଲାଞ୍ଚ ଟଙ୍କା ଦେଉଥିବା ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ।



## ଲୋକକଥା



ମେଣ୍ଟ ପାଇଁ ଯେତେ କଥା ଉଠୁଅଛି
କେତେ ସତ କେତେ ମିଛ,
ଚର୍ଚ୍ଚାରେ ଚର୍ଚ୍ଚାରେ ନେତାଠାରୁ କର୍ମୀ
କିଏ ଆଗ କିଏ ପଛ ।
ସ୍ଥିତି ହୋଇଯାଉ ସ୍ୱଚ୍ଛ
ରାଜ୍ୟର ପ୍ରଗତି ଧ୍ୟେୟ ହିଁ ଆମର
ଆଉ ସବୁ ଜାଣ ତୁଚ୍ଛ ॥

## ନିର୍ବାଚନ ପାଇଁ ସୁରକ୍ଷା କର୍ମୀଙ୍କ ସଜବାଜ
# ପହରା ଦେବେ ୭୫ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ

- ସୁରକ୍ଷିତ ହେବ ଯବାନଙ୍କ ପାଟ୍ରୋଲିଂ
- ଯବାନଙ୍କ ଗାଡ଼ିରେ ଲାଗିବ ଜିପିଏସ୍
- ଚାଲିଛି କେନ୍ଦ୍ରୀୟ ପୁଲିସର ଫ୍ଲାଗମାର୍ଚ୍ଚ

**ଭୁବନେଶ୍ୱର, ୧୧।୩ (ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଏବେଠୁ କସରତ ଆରମ୍ଭ ହୋଇଗଲାଣି। ଆଗାମୀ କିଛି ଦିନ ମଧ୍ୟରେ ନିର୍ବାଚନ କମିସନ୍ ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି। ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ହେବାକୁ ଥିବାରୁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଉଛି। ସୁରକ୍ଷାରେ ଯେପରି କୌଣସି ପ୍ରକାର ତ୍ରୁଟିବିଚ୍ୟୁତି ନ ରହିବ, ସୁରକ୍ଷା ବାହିନୀ ପକ୍ଷରୁ ସଜବାଜ ଆରମ୍ଭ ହୋଇଗଲାଣି। ସ୍ୱଚ୍ଛ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ରାଜ୍ୟରେ ୭୫ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ ମୁତୟନ ହୋଇଛନ୍ତି। ଏଥିରେ ୩୫ କମ୍ପାନୀ ସିଆର୍‌ପିଏଫ୍, ୩୫କମ୍ପାନୀ ବିଏସ୍‌ଏଫ୍ ଓ ୫କମ୍ପାନୀ ସିଆଇଏସ୍‌ଏଫ୍ ମୁତୟନ ହୋଇଛନ୍ତି। ଏହି କମ୍ପାନୀଗୁଡ଼ିକର ନେତୃତ୍ୱ ନେଉଥିବା ସିଆରପିଏଫ୍ ଆଇଜି ଅର୍ଚ୍ଚନା ସିଭରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଭୁବନେଶ୍ୱରସ୍ଥିତ ସିଆରପିଏଫ୍ କ୍ୟାମ୍ପସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଜି ସିଭ୍‌ରେ କହିଥିଲେ, ନିର୍ବାଚନ ସମୟରେ ମାଓ-ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଶାନ୍ତିଶୃଙ୍ଖଳା ଓ ଭୟମୁକ୍ତ ମତଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ବେଳେ ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଯବାନମାନେ ମୁତୟନ ହେବେ। ତେଣୁ ସେମାନଙ୍କ ସୁରକ୍ଷାକୁ ବି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯବାନମାନଙ୍କୁ ଦିଆଯିବାକୁ ଥିବା ପାଟ୍ରୋଲିଂ ଗାଡ଼ିଗୁଡ଼ିକରେ ଜିପିଏସ୍ ଲଗାଯିବ। ପାଟ୍ରୋଲିଂ ସମୟରେ କୌଣସି ଅଘଟଣ ଘଟିଲେ, ତୁରନ୍ତ ମୁଖ୍ୟ କାର୍ଯ୍ୟାଳୟକୁ ସୂଚନା ଯିବ ଏବଂ ତ୍ୱରିତ ସହାୟତା ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯିବ।

ଅପରପକ୍ଷେ, ଏବେ ସବୁ ଜିଲ୍ଲାରେ କେନ୍ଦ୍ରୀୟ ପୁଲିସ ଫୋର୍ସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ମାଓବାଦୀ ସକ୍ରିୟ ରହିଥିବା ଜିଲ୍ଲାଗୁଡ଼ିକରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବ୍ୟାପକ ମତଦାନ କରିବା ଲାଗି ସିଆର୍‌ପିଏଫ୍‌ର ଯବାନମାନେ ସଚେତନତା କରୁଛନ୍ତି। ମାଓ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସରକାରଙ୍କ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ମାଓବାଦୀ, ମାଓ ସମର୍ଥକ, ମିଲିସିଆ ଓ ସାଧାରଣଲୋକଙ୍କୁ ଅବଗତ କରାଯାଉଛି। ଏହି ସବୁ ଯୋଜନା ଦ୍ୱାରା ମାଓବାଦୀମାନେ ମୁଖ୍ୟସ୍ରୋତକୁ ଫେରୁଥିବା ସିଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି ବୋଲି ସେ କହିଛନ୍ତି।

## ନୂଆ କ୍ୟାମ୍ପରେ ଦୁର୍ଦ୍ଧର୍ଷ ‘କୋବ୍ରା’ ଫୋର୍ସ

ଓଡ଼ିଶାରେ ମାଓବାଦୀଙ୍କ ସ୍ଥିତି ଦୁର୍ବଳ। ଆଗାମୀ କିଛି ବର୍ଷରେ ମାଓମୁକ୍ତ ହେବ ଓଡ଼ିଶା। ଓଡ଼ିଶାରେ ନକ୍ସଲଙ୍କ ମୁକାବିଲା କରିବା ଲାଗି ରାଜ୍ୟ ପୁଲିସ ସହ ମିଶି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ସିଆର୍‌ପିଏଫ। ମାଓବାଦୀଙ୍କୁ ଦମନ କରିବା କ୍ଷେତ୍ରରେ ବଡ଼ ସଫଳତା ମିଳିଛି। ରାଜ୍ୟରେ ଏବେ ନକ୍ସଲ ଗତିବିଧି ହ୍ରାସ ହୋଇଛି। ଓଡ଼ିଶାରେ ଓଡ଼ିଆ ମାଓବାଦୀ ନାହାନ୍ତି, ଏଠାରେ ଛତିଶଗଡ଼ ମାଓବାଦୀଙ୍କ ଗତିବିଧି ରହିଛି। ନିକଟରେ ଧରାପଡ଼ିଥିବା କିଛି ମାଓବାଦୀମାନେ ଛତିଶଗଡ଼ ବୋଲି ସିଆର୍‌ପିଏଫ୍ ଆଇଜି ଅର୍ଚ୍ଚନା ସିଭ୍‌ରେ କହିଛନ୍ତି। ଛତିଶଗଡ଼ ସୀମାରୁ ନକ୍ସଲମାନେ ଅନୁପ୍ରବେଶ କରିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସିଆର୍‌ପିଏଫ୍ ପକ୍ଷରୁ ୪ଟି ନୂଆ କ୍ୟାମ୍ପ ଖୋଲାଯାଇଛି। ଏହି ନୂଆ କ୍ୟାମ୍ପରେ ପ୍ରଥମଥର ଲାଗି ‘କୋବ୍ରା’ ବାହିନୀଙ୍କୁ ମୁତୟନ କରାଯାଇଛି। କନ୍ଧମାଳ ଓ ବୌଦ୍ଧ ଭଳି ନକ୍ସଲଙ୍କ ଚଳପ୍ରଚଳ ପୂର୍ବପେକ୍ଷା ବଢ଼ିଛି। ଏହି ଜିଲ୍ଲାଗୁଡ଼ିକରେ ବିନା ଭୟରେ ମତଦାନ କରିବା ଲାଗି କେନ୍ଦ୍ରୀୟ ସୁରକ୍ଷା ବାହିନୀ ଉଦ୍ୟମ ଜାରି ରଖିଛି ବୋଲି ଆଇଜି ସିଭ୍‌ରେ କହିଛନ୍ତି।

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା

**ନବରଙ୍ଗପୁର, ୧୧।୩(ସମିସ):** ଗୁଣିଗାରେଡ଼ି ସନ୍ଦେହରେ ଜଣେ ୫୦ ବର୍ଷୀୟ ବୃଦ୍ଧାଙ୍କୁ ହତ୍ୟା କରି ମାଟିତଳେ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମରେ। ଉକ୍ତ ଗାଁର କାନଝରନ ନିକଟସ୍ଥ ନାଳ ନିକଟରେ ବୃଦ୍ଧାଙ୍କ ମୃତଦେହ ମାଟିତଳେ ପୋତି ଦିଆଯାଇଥିବା ଜଣାପଡ଼ିଛି। ମୃତ ବୃଦ୍ଧା ଜଣକ କେନ୍ଦୁଗୁଡ଼ା ଗ୍ରାମର ରଇବାରୀ ସାନ୍ତା(୫୦) ବୋଲି ଜଣାପଡ଼ିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦୁଗୁଡ଼ା ଗ୍ରାମର ରଇବାରୀ ସାନ୍ତାଙ୍କୁ ଗ୍ରାମର କିଛି ଲୋକେ ଗତ ୭ ତାରିଖ ଦିନ ଘରୁ ଡାକିନେଇ ମାଡ଼ ମାରିବା ସହ କେଉଁ ଆଡ଼େ ନେଇ ଚାଲିଯାଇଥିଲେ। ଏନେଇ ରଇବାରୀ ସାନ୍ତାଙ୍କ ଝିଅ ବୁଟୁଲି ସାନ୍ତା କେନ୍ଦୁଗୁଡ଼ା ଗ୍ରାମର ସାରଧି ସାନ୍ତା, କଜୁଳୀ ସାନ୍ତା, ମୁଗୁରି ସାନ୍ତା, ଚମ୍ପା ସାନ୍ତାଙ୍କ ନାଁରେ ଝରିଗାଁ ଥାନାରେ ଅଭିଯୋଗ କରିଥିଲେ। ତେବେ ନିଖୋଜର ତିନିଦିନ ପରେ କାନଝରନ ନିକଟରେ ଥିବା ରଇବାରୀଙ୍କ ଜମିର ନାଳରେ ମୃତଦେହକୁ ପୋତି ଦେଇଥିବା ଦେଖିବାକୁ ପାଇଥିଲେ। ଝରିଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ସମୟରେ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହକୁ ମାଟିତଳୁ ବାହାର କରାଯାଇଛି।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16+16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬+୧୬ ◆ଟ.୬.୦୦




# ୭୮୬ ଅଧ୍ୟାପକ ପଦ ପାଇଁ ବିଜ୍ଞପ୍ତି

**ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପାଇବେ ନିଯୁକ୍ତି**

■ **ଭୁବନେଶ୍ୱର, ୧୧।୩ (ସମିସ):** ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମ ଜାରି ରଖିଛନ୍ତି। ଶିକ୍ଷାର ମାନ ବୃଦ୍ଧି କରିବାକୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛନ୍ତି। ଏହି କ୍ରମରେ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଆଉ ୭୮୬ ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ଏହି ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ୨୦ତାରିଖରୁ ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ସମୁଦାୟ ପଦବୀ ମଧ୍ୟରୁ ମାନବତତ୍ତ୍ୱ ବିଭାଗରେ ୩୨ଟି, ରସାୟନ ବିଜ୍ଞାନରେ ୫୦ଟି, ବାଣିଜ୍ୟରେ ୪୬ଟି, ଅର୍ଥଶାସ୍ତ୍ରରେ ୫୬ଟି, ଶିକ୍ଷାରେ ୫୪ଟି, ଇଂରାଜୀରେ ୫୦ଟି, ଭୂଗୋଳରେ ୬ଟି, ହିନ୍ଦିରେ ୪ଟି ଓ ଇତିହାସରେ ୧୦୯ଟି ପଦବୀ ରହିଛି। ସେହିପରି ଗୃହ ବିଜ୍ଞାନରେ ୪ଟି, ଆଇଆର୍‌ପିଏମ୍‌ରେ ୧ଟି, ତର୍କ ଓ ଦର୍ଶନ ଶାସ୍ତ୍ରରେ ୩୨ଟି, ଗଣିତରେ ୩୩ଟି, ଓଡ଼ିଆରେ ୧୧୧ଟି, ପଦାର୍ଥ ବିଜ୍ଞାନରେ ୩୧ଟି, ରାଜନୀତି ବିଜ୍ଞାନରେ ୬୯ଟି, ମନୋବିଜ୍ଞାନରେ ୯ଟି, ସଂସ୍କୃତରେ ୪୧ଟି, ସମାଜ ବିଜ୍ଞାନରେ ୧୪ଟି, ତେଲୁଗୁରେ ୧ଟି ଏବଂ ପ୍ରାଣୀବିଜ୍ଞାନ ବିଭାଗରେ ୩୨ ଟି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଶାୟୀ ପ୍ରାର୍ଥୀମାନେ ଏସ୍‌ଏସ୍‌ବି ୱେବସାଇଟ୍ www.ssbodisha.ac.inରେ ନିର୍ଦ୍ଧାରିତ ସମୟପୂର୍ବରୁ ଆବେଦନ କରିପାରିବେ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16+16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬+୧୬ ◆ଟ.୬.୦୦







**ବିଜେପିରେ ଘନଘଟା**

## ମେଣ୍ଟ ଉତ୍କଣ୍ଠା; ନିଷ୍ପତ୍ତି ଆଜି

■ **ଭୁବନେଶ୍ୱର, ୧୧।୩(ସମିସ):** ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ରାଜନୈତିକ ମେଣ୍ଟକୁ ନେଇ ଉତ୍କଣ୍ଠା ଚରମ ସୀମାରେ। ମେଣ୍ଟ ହେବ କି ନାହିଁ, ଯଦି ହେବ କିଏ କେତେ ଆସନରେ ଲଢ଼ିବେ, କିଏ କେଉଁଠାରୁ ପ୍ରାର୍ଥୀ ହେବ ତାହାକୁ ନେଇ ଅଙ୍କକଷା ଚାଲିଛି। ଗାଁ ଛକର ଚା' ଦୋକାନଠାରୁ ଆରମ୍ଭ କରି ରାସ୍ତାଘାଟ, ବିଭିନ୍ନ ଦପ୍ତର, ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ମେଣ୍ଟ ଚର୍ଚ୍ଚା। ବିଜେପି ନେତାଙ୍କ ଭୁବନେଶ୍ୱରରୁ ଦିଲ୍ଲୀ ଧାଁ ଧଉଡ଼, ଘନଘନ ବୈଠକ ସମ୍ଭାବ୍ୟ ମେଣ୍ଟକୁ ନେଇ ରାଜ୍ୟରେ ଉତ୍କଣ୍ଠା ସୃଷ୍ଟି କରିଛି। ତେବେ ଏ ସଂକ୍ରାନ୍ତରେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଶେଷ ନିଷ୍ପତ୍ତି ନିଆଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟରେ ମେଣ୍ଟ ରାଜନୀତି ପାରା ଏବେ ଶୀର୍ଷରେ ପହଞ୍ଚିଛି। ବିଭିନ୍ନ ଗଣମାଧ୍ୟମରେ ମେଣ୍ଟକୁ ନେଇ ଖବରକୁ ଲୋକମାନେ ଚାତକ ପରି ଚାହିଁ ବସିଛନ୍ତି। ତେବେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମେଣ୍ଟ ସଂକ୍ରାନ୍ତରେ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି। ଦିଲ୍ଲୀରେ ଆଜି ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ସଂକ୍ରାନ୍ତ ଆଲୋଚନା ସମୟରେ ଓଡ଼ିଶା ପ୍ରସଙ୍ଗ ଉଠିଛି। ମାତ୍ର ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କି ଆଲୋଚନା ହୋଇଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ, ରାଜ୍ୟ ବିଜେପି ନେତାମାନେ ଏ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି।

ଅନ୍ୟପକ୍ଷରେ ବିଜେପି ଶୀର୍ଷ ନେତୃତ୍ୱଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ଗତକାଲି ରାତିରେ ଦିଲ୍ଲୀ ପହଞ୍ଚିଛନ୍ତି। ବିଳମ୍ବିତ ରାତି ସତ୍ତ୍ୱେ ଏହି ନେତାମାନେ ଦଳର କିଛି ଜାତୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିଲ୍ଲୀ ବାସଭବନରେ ଏହି ଚାରି ନେତାଙ୍କ ସହ ଜୁଏଲ ଓରାମ, ସମ୍ବିତ ପାତ୍ର ରାଜ୍ୟ ରାଜନୀତି ପ୍ରସଙ୍ଗ, ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ଆଲୋଚନା କରିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଅନୁଷ୍ଠିତ ସିଇସି ବୈଠକରେ ରାଜ୍ୟରେ ବିଜେପିର ସ୍ଥିତି, ନିର୍ବାଚନୀ ପ୍ରସ୍ତୁତି, ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ସମସ୍ତ ତଥ୍ୟ ଏବଂ ଯୁକ୍ତିକୁ ବିଚାରକୁ ନେଇ ବିଜେପି ଶୀର୍ଷ ନେତୃତ୍ୱ ମଙ୍ଗଳବାର ଶେଷ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ସେହିପରି ଆଜି ସନ୍ଧ୍ୟାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଘରେ ରାଜ୍ୟ ବିଜେପିର ୫ ବିଧାୟକ ଏକାଠି ହୋଇଛନ୍ତି। ବିଧାୟିକା କୁସୁମ ଟେଟେ, ଭାସ୍କର ମଢ଼େଇ, ବୁଧାନ ମୁର୍ମୁ, କେ ନାରାୟଣ ରାଓ ପ୍ରମୁଖ ଏକାଠି ହୋଇଥିବା ବେଳେ ସେମାନେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ପୂର୍ବତନ ବିଜେପି ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଯେ ପର୍ଯ୍ୟନ୍ତ ଦିଲ୍ଲୀରୁ ଏ ନେଇ କୌଣସି ସୂଚନା ମିଳିନାହିଁ, ସେ ବିଷୟରେ ଆମେ କିଛି କହିବା ଉଚିତ୍ ନୁହେଁ। ନିର୍ବାଚନ ଏବଂ ପ୍ରାର୍ଥୀ ସଂକ୍ରାନ୍ତ ସମସ୍ତ ନିଷ୍ପତ୍ତି ଦିଲ୍ଲୀସ୍ଥିତ ଶୀର୍ଷ ନେତୃତ୍ୱ ନେବେ। ବର୍ତ୍ତମାନ ରାଜ୍ୟ ନେତୃତ୍ୱ ଦିଲ୍ଲୀରେ ଅଛନ୍ତି। ଅତଏବ ଦିଲ୍ଲୀ ବୈଠକ ଉପରେ ଆମର ବି ନଜର ରହିଛି। ରାଜ୍ୟ ନେତୃତ୍ୱ ଦିଲ୍ଲୀରେ ଅଛନ୍ତି, ସେମାନେ ଫେରିବା ପରେ ଯାଇ ଏ ସମ୍ପର୍କରେ କହିବା ଉଚିତ ହେବ ବୋଲି କନକବର୍ଦ୍ଧନ କହିଛନ୍ତି।

**ଏସ୍‌ଆଇଟି ବୈଠକ**

## ନିର୍ବାଚନ ବେଳେ ନିଶା, ଉପହାର ଉପରେ ନଜର

■ **କଟକ, ୧୧।୩ (ସମିସ):** ନିର୍ବାଚନ ବେଳେ ଏବେ ଟଙ୍କା କାରବାର ବଦଳରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଉପହାର ବଣ୍ଟନ କରାଯିବା ଭଳି ଉପାୟ ଅବଲମ୍ବନ ହେଲାଣି। ଏହିଭଳି ଗିଫ୍ଟ କୁପନ ଜରିଆରେ ଲୋକଙ୍କୁ ପ୍ରଭାବିତ କରାଯିବାର ଆଶଙ୍କା ରହିଛି। ସେହିପରି ନିଶା କାରବାରକୁ ଦମନ କରିବା ମଧ୍ୟ ଏକ ଆହ୍ୱାନ ହୋଇଛି। ଏଣୁ ଉପରୋକ୍ତ ଦିଗ ପ୍ରତି ସମସ୍ତ ବିଭାଗ ସଜାଗ ରହିବା ଉପରେ କଳାଧନ କାରବାର ସଂକ୍ରାନ୍ତରେ ତଦନ୍ତ କରୁଥିବା ସ୍ପେଶାଲ୍ ଇନଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି)ର ଉପାଧ୍ୟକ୍ଷ ଜଷ୍ଟିସ ଅରଜିତ ପଶାୟତ ଗୁରୁତ୍ୱାରୋପ କରିଛନ୍ତି।

ସୋମବାର କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ ପଶାୟତଙ୍କ ବାସଭବନଠାରେ ଏସ୍‌ଆଇଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଅଧ୍ୟକ୍ଷତା କରି ଜଷ୍ଟିସ ପଶାୟତ ବିଭିନ୍ନ ବିଭାଗ ତଥା ତଦନ୍ତକାରୀ ସଂସ୍ଥାର ପଦାଧିକାରୀଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। କିଛି କ୍ଷେତ୍ରରେ ଆଇନ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ବିଗତ କିଛି ମାସ ମଧ୍ୟରେ ୩ ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ମଧ୍ୟ ଜବତ କରାଯାଇଛି। ଯାହା ଏକ ସଂକଟଜନକ ସ୍ଥିତି ସୃଷ୍ଟି କରିଛି। ଏପରିକି ନିକଟ ଅତୀତରେ ୫ଟି ରାଜ୍ୟର ହୋଇଥିବା ବିଧାନସଭା ନିର୍ବାଚନ ବେଳେ



ମଧ୍ୟ ବହୁ ପରିମାଣର ନିଶାଦ୍ରବ୍ୟ ଜବତ କରାଯାଇଥିଲା। ସେହିପରି ବିଦେଶରୁ ମଧ୍ୟ ନିଶା କାରବାର ହେଉଥିବା ନିକଟରେ ନାର୍କୋଟିକ ବିଭାଗ ପର୍ଦ୍ଦାଫାସ କରିଛି। ଏହାକୁ କିଭଳି ରୋକାଯାଇପାରିବ, ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଭିଜିଲାନ୍ସ ପକ୍ଷରୁ ଯେଉଁ ମାମଲାଗୁଡ଼ିକ ହେଉଛି, ସେ ସମ୍ପର୍କିତ ତଥ୍ୟ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଓ ଆୟକର ବିଭାଗକୁ ପ୍ରଦାନ କରିବା ପାଇଁ ଜଷ୍ଟିସ ପଶାୟତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଲେ ତାହା ଅଧିକ ପ୍ରଭାବୀ ହୋଇପାରିବ ବୋଲି ଏସ୍‌ଆଇଟି ଉପାଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ।

ଏସଆଇଟି ପକ୍ଷରୁ ସୁପ୍ରିମକୋର୍ଟରେ ଇତିମଧ୍ୟରେ ୯ଗୋଟି ଅନ୍ତରୀଣ ରିପୋର୍ଟ ଦିଆଯାଇଛି। ଦଶମ ରିପୋର୍ଟ ଆସନ୍ତା ଜୁନ ଶେଷ ସୁଦ୍ଧା ଦିଆଯିବ ବୋଲି ସେ କହିଥିଲେ। ଏବେ ନିଶା କାରବାର, ଚୋରା ସୁନା କାରବାର ସହ ଜିଏସଟି ଠକେଇ ମଧ୍ୟ କଳାଧନର ଉପାର୍ଜନର ମାଧ୍ୟମ ପାଲଟିଛି। କଳାଧନ ଭାବେ ଜିଏସଟି ଠକେଇରୁ ମିଳୁଥିବା ଟଙ୍କା ବ୍ୟାପକ ଭାବେ ବିନିଯୋଗ ହୋଇଚାଲିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଇଡି, କଷ୍ଟମ, ଆୟକର ବିଭାଗ, ସେବି, ରାଜ୍ୟ ପୁଲିସ ବିଭାଗ, କ୍ରାଇମବ୍ରାଞ୍ଚ, ନାର୍କୋଟିକ ବ୍ୟୁରୋ, ଭିଜିଲାନ୍ସ, ଖଣି ବିଭାଗ, ବାଣିଜ୍ୟକର

**ଜୁନ୍ ଶେଷ ସୁଦ୍ଧା ଦାଖଲ ହେବ ଅନ୍ତରୀଣ ରିପୋର୍ଟ**

ବିଭାଗ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଥିଲେ। ବିଭିନ୍ନ ବିଭାଗ ପକ୍ଷରୁ କଳାଧନ ପ୍ରସଙ୍ଗରେ କରାଯାଇଥିବା ତଦନ୍ତର ଷ୍ଟାଟସ ରିପୋର୍ଟ ଆଜିର ବୈଠକରେ ଉପସ୍ଥାପନ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଶା କାରବାର, ଜିଏସଟି ଠକେଇ, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ବେଆଇନ୍ ଖଣି କାରବାର, ଚିଟଫଣ୍ଡ ଟଙ୍କାର ବିନିଯୋଗ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

## କର୍ଣ୍ଣପାଳରେ ବାଘ ଆତଙ୍କ

### ସଂଧ୍ୟା ହେଲେ ପଡୁଛି ତାଟିକବାଟ

■ **ଛେଣ୍ଡିପଦା, ୧୧।୩ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳର କଣଲୋଇ ସଂରକ୍ଷିତ ଜଙ୍ଗଲରେ ଗତ କିଛି ଦିନ ହେବ ଏକ ବାଘ ଘୂରି ବୁଲୁଥିବା ଚର୍ଚ୍ଚାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବାଘଟି ବର୍ତ୍ତମାନ ସୁଦ୍ଧା ୬ରୁ ଊର୍ଦ୍ଧ୍ୱ ଛେଳି ଖାଇଥିବା ଜଣାଯିବା ପରେ ସ୍ଥାନୀୟ କର୍ଣ୍ଣପାଳ ଗ୍ରାମବାସୀ ଭୟରେ ଘରୁ ବାହାରୁନାହାନ୍ତି। ସଂଧ୍ୟା

**୬ରୁ ଊର୍ଦ୍ଧ୍ୱ ଛେଳି ଖାଇଥିବା ଅଭିଯୋଗ**

ହେଲେ ସମସ୍ତଙ୍କ ଘରେ ତାଟିକବାଟ ପଡ଼ି ଯାଉଛି। ଏପରିକି ଦିନରେ ବି ଗ୍ରାମବାସୀ ନିକଟ ଆଉଁଳି ନଦୀକୁ ଆଉ ଲୋକେ ଗାଧୋଇ ଯାଉନାହାନ୍ତି। ତେବେ ଏନେଇ ଅଭିଯୋଗ ହେବା ପରେ ବନାଞ୍ଚଳ ଅଧିକାରୀ ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି। ବାଘର ପାଦଚିହ୍ନ ଠାବ କରିବା ସହ ତା'ର ଗତିବିଧି ଜାଣିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲରେ କ୍ୟାମେରା ଲଗାଯାଇଛି। ତେବେ ମିଳିଥିବା ପାଦଚିହ୍ନରୁ ତାହା କଲରାପତରିଆ ବାଘ ବୋଲି ବନ ବିଭାଗ ଅନୁମାନ କରୁଛି।

ଘଟଣାରୁ ପ୍ରକାଶ, କିଛି ଦିନ ତଳେ କର୍ଣ୍ଣପାଳ ଗ୍ରାମର ହୃଷୀକେଶ ନାୟକ ଗାଁ ନିକଟ କଣଲୋଇ ସଂରକ୍ଷିତ ଜଙ୍ଗଲର ରଙ୍ଗମାଟିଆ ଜଙ୍ଗଲ ପାଦଦେଶରେ ଛେଳି ଚରାଉଥିଲେ। ହଠାତ ଛେଳିମାନଙ୍କ ବିକଳ ରଡ଼ି ଶୁଣି ସେଠାକୁ ଧାଇଁଥିଲେ। ସେତେବେଳକୁ ଗୋଟିଏ ଛେଳି ବାଘ କବଳରୁ କ୍ଷତାକ୍ତ ହୋଇ ପଳାଇ ଆସିଥିବା ବେଳେ ଆଉ ଗୋଟିଏ ଛେଳିର ସନ୍ଧାନ ପାଇ ନଥିଲେ। ତେବେ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳବାସୀ ନଦୀ ବାଲିରେ ବାଘପାଦ ଚିହ୍ନ ପଡ଼ିଥିବା ଦେଖି ବାଘ ଆକ୍ରମଣ କରିଥିବା ସନ୍ଦେହ କରିଥିଲେ। ପୂର୍ବରୁ ବାଘଟି କର୍ଣ୍ଣପାଳ ଗ୍ରାମର ନବଘନ ନାଏକ, ବିଦ୍ୟାଧର ପ୍ରଧାନ, ବରୁଣ କଂସାରିଆଙ୍କର ଗୋଟିଏ ଲେଖାଏଁ ଛେଳି ଖାଇଥିବା ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ କୁହନ୍ତି, ତା'ର ପାଦଚିହ୍ନରୁ କଲରାପତରିଆ ପରି ଲାଗୁଛି। ଏ ସମ୍ପର୍କରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ ଗତ ୯ ଫେବୃଆରୀ ୨୦୧୯ରେ ରଙ୍ଗମାଟିଆ ଜଙ୍ଗଲରେ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା।

## ବଙ୍ଗାଳୀ ନନ୍ଦଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

■ **ଭୁବନେଶ୍ୱର,୧୧।୩(ସମିସ):** ବିଶିଷ୍ଟ ସାହିତ୍ୟିକ ବଙ୍ଗାଳୀ ନନ୍ଦଙ୍କୁ ମିଳିବ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ବର୍ଷ ୨୦୨୩ ପାଇଁ ଅନୁବାଦ ବର୍ଗରେ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।



ତେଲୁଗୁ ଭାଷାରୁ ଓଡ଼ିଆ ଭାଷାକୁ ଅନୁଦିତ ନେଲୁରୀ କେଶବ ସ୍ୱାମୀଙ୍କ ଶ୍ରେଷ୍ଠ ଗଳ୍ପ ପାଇଁ ବଙ୍ଗାଳୀ ନନ୍ଦଙ୍କୁ ଏହି ସମ୍ମାନ ମିଳିବାକୁ ଯାଉଛି। ୨୦୧୯ ମସିହାରେ ତାଙ୍କର ଏହି ପୁସ୍ତକ ନ୍ୟାସନାଲ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଦ୍ୱାରା ପ୍ରକାଶିତ ହୋଇଥିଲା। ସେ ହିନ୍ଦୀ, ଇଂରାଜୀ ଓ ତେଲୁଗୁ ସମେତ ଅନ୍ୟ ଭାଷାରୁ ଅନେକ ଗଳ୍ପ ଓ କବିତା ଅନୁବାଦ କରି ପ୍ରସିଦ୍ଧି ଲାଭ କରିଛନ୍ତି। ଏନ୍‌ବିଟିର ସମ୍ପାଦକ ତାଙ୍କୁ ନେଲୁରୀ କେଶବ ସ୍ୱାମୀଙ୍କ ଶ୍ରେଷ୍ଠ ଗଳ୍ପ ବହିଟିକୁ ଅନୁବାଦ କରିବା ପାଇଁ ଅନୁରୋଧ କରିଥିଲେ। ଏହି ବହିଟି ମୂଳତଃ ତେଲୁଗୁ ଭାଷାରେ ଲିଖିତ। ଏ ସଂପର୍କରେ ଶ୍ରୀ ନନ୍ଦ କହିଛନ୍ତି ଯେ ତାଙ୍କର ଅନେକ ଦିନର ପରିଶ୍ରମକୁ ଆଜି ଗୋଟିଏ ସ୍ୱୀକୃତି ମିଳିଛି। ଏଥିପାଇଁ ସେ ବହୁତ ଖୁସି ବୋଲି କହିଛନ୍ତି।

**ଜେଲ ଭିତରୁ ବ୍ରାଉନସୁଗର ନେଟ୍‌ୱର୍କ**

## ମହିଳାଙ୍କ ସମେତ ୭ ଗିରଫ



■ **ଖୋର୍ଦ୍ଧା, ୧୧।୩ (ସମିସ):** ଜେଲ୍ ଭିତରେ ଚାଲିଥିଲା ବ୍ରାଉନସୁଗାର ନେଟ୍‌ୱର୍କ। କେଉଁଠୁ ବ୍ରାଉନସୁଗାର ଆସିବ, କାହାକୁ ଓ କେତେ ଦିଆଯିବ; ଏ ସବୁର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଥିଲା ଜେଲ୍ ଭିତରେ। ଆଉ ବାହାରେ କିଛି ବେପାରୀ ତାକୁ କାର୍ଯ୍ୟକାରୀ କରୁଥିଲେ। ମୋବାଇଲ୍ ଯୋଗେ ଜେଲ୍ ଭିତରୁ ଆସୁଥିବା ନିର୍ଦ୍ଦେଶକୁ ପାଳନ କରୁଥିଲେ ବେପାରୀ। ଗତ କିଛି ବର୍ଷ ହେବ ଚାଲିଥିବା ଏହି କାରବାର ଉପରୁ ପରଦା ହଟାଇଛି ଖୋର୍ଦ୍ଧା ଜିଲ୍ଲା ପୁଲିସ୍। ଏହି ଘଟଣାରେ ପୁଲିସ ଜଣେ ମହିଳାଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ଗଞ୍ଜାମ ଜିଲ୍ଲା ପୋଲସରା ଥାନା କେନ୍ଦୁବାଡ଼ିର କାଳୁଚରଣ ଭୂୟାଁ(୨୯), ସ୍ଥାନୀୟ ଶ୍ରୀରାମନଗରର ପ୍ରମୋଦ କୁମାର ପଣ୍ଡା(୧୯), ସୁମନ ସେଠୀ (୧୯), ଉପରସାହିର ଦେବାଶିଷ ପଟ୍ଟନାୟକ ଓରଫ ଜୁଡୁ (୨୧), ସ୍ୱପ୍ନେଶ୍ୱର ସାହିର ପୁଷ୍ପା ନାୟକ (୩୫), ଫରେଷ୍ଟ କଲୋନୀର ଅମିତ ସାହୁ ଓରଫ୍ ଦାଶ (୧୯) ଏବଂ ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦର ସେକ ଏକ୍ରାମ (୫୮)। ଏମାନଙ୍କଠାରୁ ପୁଲିସ ୧୧ଟି ମୋବାଇଲ ଜବତ କରିଥିବା ବେଳେ ଖୋର୍ଦ୍ଧା ଜେଲରୁ ୯ଟି ମୋବାଇଲ୍ ଜବତ କରିଛି। ସୋମବାର ଆଦର୍ଶ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ (ସଦର) ଦିଲ୍ଲୀପ କୁମାର ଦାସ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ଶ୍ରୀ ଦାସଙ୍କ ସୂଚନାନୁସାରେ, ଗତ ମାସ ୯ତାରିଖରେ ଜେଲ ଭିତରୁ

**ଜେଲ୍ ଭିତରୁ ୯ ମୋବାଇଲ ଜବତ**

ଗୋଟିଏ ମୋବାଇଲ୍ ମିଳିଥିଲା। ଜବତ ମୋବାଇଲର କଲ୍ ରେକର୍ଡ ଯାଞ୍ଚ କରିବାରୁ ପୁଲିସକୁ ଏହି ସଫଳତା ମିଳିଛି। ପୁଲିସ କୁଖ୍ୟାତ ବ୍ରାଉନସୁଗାର ମାଫିଆ ଭାଲିଆବାଡ଼ିର ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ, ମନୋରଞ୍ଜନ ସାହୁ ଓରଫ୍ ମିକି ଏବଂ ଗତ ୧୯ ତାରିଖରେ ବ୍ରାଉନସୁଗର ଘଟଣାରେ ଗିରଫ ହୋଇ ଜେଲରେ ଥିବା ନୟାଗଡ଼ ବାମଣ୍ଡାର ଏସ୍.କେ ଜାଫର ଓରଫ୍ ବାବୁ ଏବଂ ଭାଲିଆବାଡ଼ିର ଲକ୍ଷ୍ମୀଧର ସାହୁ ଓରଫ ଲକିକୁ ୨ଦିନିଆ ରିମାଣ୍ଡରେ ଆଣିଥିଲା। ସଞ୍ଜୁ ଓ ମିକିକୁ ମାରାଥନ ଜେରା କରି ପୁଲିସ ଦୁହିଁଙ୍କଠାରୁ ବ୍ରାଉନସୁଗର ନେଟ୍‌ୱର୍କର ଅନେକ ଗୁମର କଥା ଜାଣିବାକୁ ପାଇଥିଲା। ଜେଲ ଭିତରେ ବିଭିନ୍ନ ସ୍ଥାନରେ ୭/୮ଟି ମୋବାଇଲ ରଖିଥିବା ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିଲେ। ଏହାପରେ ପୁଲିସ ଜେଲରଙ୍କ ସହଯୋଗରେ ତଦନ୍ତ ବେଳେ ଜେଲ ଭିତରୁ ବିଭିନ୍ନ କମ୍ପାନୀର ୯ଟି ମୋବାଇଲ ଜବତ କରିଛି। ସେହିପରି ସେମାନଙ୍କ ବୟାନ ମୁତାବକ ଜେଲ ବାହାରେ ରହି ସେମାନଙ୍କୁ ମୋବାଇଲ ଓ ସିମ୍ ନେଣଦେଣରେ ସହଯୋଗ ତଥା ବାହାର ମାର୍କେଟରେ ବେପାର ଚଳାଉଥିବା ଜଣେ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରିଛି।

ଏହି ଘଟଣାରେ ଆହୁରି କିଛି ଅପରାଧୀଙ୍କ ସଂପୃକ୍ତି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଶ୍ରୀ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଅତିରିକ୍ତ ଥାନା ଅଧିକାରୀ ସୁଚିତ୍ରା ଜେନା, ଏସଆଇ ସ୍ୱାଗତିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ **ଆନନ୍ଦପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ହତ୍ୟା ଘଟଣା**

## ଫାଶୀ ଦଣ୍ଡାଦେଶ ଅନୁମୋଦନ ପାଇଁ ହାଇକୋର୍ଟରେ ଆବେଦନ

■ **କଟକ, ୧୧।୩(ସମିସ):** ବହୁଚର୍ଚ୍ଚିତ କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ହତ୍ୟା ମାମଲାରେ ନିମ୍ନ ଅଦାଲତଙ୍କ ପକ୍ଷରୁ ହୋଇଥିବା ଫାଶୀ ଦଣ୍ଡାଦେଶକୁ ଅନୁମୋଦନ କରିବା ସଂକ୍ରାନ୍ତରେ ଏକ ମାମଲା ହାଇକୋର୍ଟରେ ପହଞ୍ଚିଛି। ଏହି ମାମଲାରେ ୫ ଦୋଷୀ ବଡ଼ଏକତାଳି ଗ୍ରାମର ଅଜିତ ପୃଷ୍ଟି, ସଞ୍ଜୀବ କୁମାର ପୃଷ୍ଟି, ଅଲେଖ ପୃଷ୍ଟି, ଅରୁଣ ପୃଷ୍ଟି ଓ ଦୋଳ ବାଇତେଇଙ୍କୁ ଆନନ୍ଦପୁର ଅତିରିକ୍ତ ଦୌରାଜଜ୍ ଅଦାଲତ ମାର୍ଚ୍ଚ ୬ରେ ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ। ରାଜ୍ୟ



ସରକାରଙ୍କ ପକ୍ଷରୁ ନିମ୍ନ ଅଦାଲତଙ୍କ ମୃତ୍ୟୁଦଣ୍ଡ ଆଦେଶର ଅନୁମୋଦନ ସମ୍ପର୍କିତ ମାମଲା(ଡିଏସଆରଇଏଫ୍) ହାଇକୋର୍ଟରେ ଦାୟର ହୋଇଛି। ପ୍ରକାଶ ଯେ ୨୦୧୯, ମାର୍ଚ୍ଚ ୨୫ର ରାତି ପ୍ରାୟ ୧୦ଟାରେ କିଛି ଦୁର୍ବୃତ୍ତ ରାମଚନ୍ଦ୍ରଙ୍କ ଧକୋଠାସ୍ଥିତ ଘରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ରାମଚନ୍ଦ୍ରଙ୍କ ଗୋଟିଏ ହାତକୁ ଦୁର୍ବୃତ୍ତମାନେ କାଟି ଦେଇଥିଲେ। କଟାହାତକୁ ସେମାନେ ଗାଁ ସାରା ବୁଲିବା ପରେ ନିକଟସ୍ଥ ପୋଖରୀରେ ଫିଙ୍ଗି ଦେଇଥିଲେ। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମଚନ୍ଦ୍ରଙ୍କ ଝିଅଙ୍କ ଏତଲା ଆଧାରରେ ଘସିପୁରା ଥାନାରେ ମାମଲା ରୁଜୁ ହୋଇଥିଲା। ୫ଜଣଙ୍କୁ ପୁଲିସ ଏହି ମାମଲାରେ ଗିରଫ କରିଥିଲା।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16+16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬+୧୬ ◆ଟ.୬.୦୦

## ୩ ଦିନରେ ପାରଦ ଛୁଇଁବ ୪୦

**ଭୁବନେଶ୍ୱର, ୧୧।୩ (ସମିସ):** ଉପରମୁହାଁ ହୋଇଛି ରାଜ୍ୟରେ ତାତି। ସାରା ଦିନ ଆଜି ପ୍ରଚଣ୍ଡ ତାତି ଅନୁଭୂତ ହୋଇଛି। ଏହି ସ୍ଥିତି ଆଗାମୀ ୩/୪ ଦିନ ଲାଗି ରହିବ ଓ ଚଳିତ ସପ୍ତାହରେ ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ପୂର୍ବାପେକ୍ଷା ବୃଦ୍ଧି ଘଟିଛି। ସୋମବାର ବଲାଙ୍ଗୀରରେ ତାପମାତ୍ରା ୩୬.୮, ଭବାନୀପାଟଣା, ମାଲକାନଗିରି ଓ ସୋନପୁରରେ ୩୭ ଡିଗ୍ରୀ ରେକର୍ଡ ହୋଇଛି। ବୌଦ୍ଧରେ ତାପମାତ୍ରା ୩୭.୭ ଡିଗ୍ରୀରେ ପହଞ୍ଚିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଦିନରେ ତାପମାତ୍ରା ୪-୬ ଡିଗ୍ରୀ ବଢ଼ିବା ସହ ରାତିର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅନ୍ୟପଟେ ଆସନ୍ତା ୧୪ ତାରିଖରୁ ପରବର୍ତ୍ତୀ ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଆଦିରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

### ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର୍ ବସ୍‌ର ସଚେତନତା ଅଭିଯାନ

# ଏଣିକି ଶ୍ରୀକ୍ଷେତ୍ରକୁ ଆରାମଦାୟକ ଯାତ୍ରା

**ପୁରୀ, ୧୧।୩ (ସମିସ):** ଯାତ୍ରୀ ପରିବହନ କ୍ଷେତ୍ରରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ସୋମବାର ପୁରୀରେ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର୍ ବସ୍‌ର ପ୍ରଦର୍ଶନ ଏବଂ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ମାଧ୍ୟମରେ ପରିବହନ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ୍ ଚଳାଚଳର ବ୍ୟବସ୍ଥା କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ସୋମବାର ପୁରୀ ବସ୍‌ଷ୍ଟାଣ୍ଡରେ ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର କୋଚ୍‌ର ସୁବିଧା, ସୁଯୋଗ ଓ ବ୍ୟବସ୍ଥା ସମ୍ପର୍କରେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଶ୍ରୀ ବିଶ୍ୱାଳ କହିଥିଲେ ଯେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବହନ ବିଭାଗରେ ରୂପାନ୍ତରଣ କରାଯାଇ ଲକ୍ଷ୍ମୀ ବସ୍ ମାଧ୍ୟମରେ ଗମନାଗମନକୁ ସହଜ, ସୁଗମ ଓ ସୁରକ୍ଷିତ କରାଯାଇପାରିଛି। ବର୍ତ୍ତମାନ ରାଜ୍ୟର ସମସ୍ତ ୩୦ ଜିଲ୍ଲାର ପ୍ରତି ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ସେହିପରି ଜିଲ୍ଲା ସଦର ମହକୁମାଠାରୁ ଅନ୍ୟ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଏବଂ ଜିଲ୍ଲା ସଦର ମହକୁମାରୁ ରାଜଧାନୀ ଭୁବନେଶ୍ୱର ଦେଇ ପୁରୀକୁ ଜଗନ୍ନାଥ ଏକ୍ସପ୍ରେସ୍ ଚଳାଚଳର ବ୍ୟବସ୍ଥା କରାଯାଇଛି।



**୩ ଜିଲ୍ଲାରୁ ବାହାରି ୧୮ ଜିଲ୍ଲା ଦେଇ ପୁରୀରେ ପହଞ୍ଚିବ**

**ମହିଳାମାନଙ୍କ ଯାତ୍ରା ପାଇଁ ୫୦ ପ୍ରତିଶତ ରିହାତି**

ଆସନ୍ତା ୧୩ ତାରିଖରୁ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ପୁରୀକୁ ନୂତନ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ୍ ଚଳାଚଳ କରିବ। ଏହା ମୋଟ ୧୮ଟି ଜିଲ୍ଲା ଦେଇ ପୁରୀରେ ପହଞ୍ଚିବ। ଏହି ବସ୍ କିପରି ଦେଖାଯାଉଛି ଏବଂ ଏଥିରେ କ'ଣ କ'ଣ ସୁବିଧା ରହିଛି ସେ ନେଇ ଯାତ୍ରୀଙ୍କୁ ଅବଗତ କରାଇବା ଲାଗି ପୁରୀ ବସ୍‌ଷ୍ଟାଣ୍ଡର ଏହି ଅତ୍ୟାଧୁନିକ ସ୍ଲିପର ଲକ୍‌ଜ୍ୟୁରି ବସ୍‌ର ପ୍ରଦର୍ଶନ କରାଯାଇଛି। ଏହି ଭଲ୍‌ଭୋ ବସ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଓ ଏଥିରେ ୪୨ଟି ସିଟ୍ ରହିଛି। ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ମୋବାଇଲ ରିଚାର୍ଜ ପଏଣ୍ଟ ରହିଛି। ଏଥିରେ ଆରାମଦାୟକ ଯାତ୍ରା ସହ ଯାତ୍ରୀମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଗାଡ଼ିରେ ଉତ୍ତମ ମାନର ବ୍ୟବସ୍ଥା ରହିଛି। ଏଥିରେ ଯାତ୍ରା ଲାଗି ମହିଳାମାନଙ୍କ ପାଇଁ ଶତକଡ଼ା ୫୦ଭାଗ ରିହାତି ରହିଛି। ପୁରୀ ସହ ସମସ୍ତଙ୍କ ଭାବାବେଗ ଜଡ଼ିତ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସମସ୍ତେ ଇଚ୍ଛା ରଖିଥା'ନ୍ତି। ତେଣୁ ସେମାନେ ଯେପରି ଆରାମଦାୟକ ଭାବେ ପୁରୀକୁ ଯାତାୟାତ କରିପାରିବେ, ତା' ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସମସ୍ତେ ଏହି ସେବାକୁ ଉପଲବ୍ଧ କରନ୍ତୁ। ଏହା ନିଶ୍ଚିତ ପୁରୀ ଏବଂ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓଏସ୍‌ଆରଟିସିର ଜିଲ୍ଲା ପରିଚାଳିକା ରଶ୍ମି ସାହୁ ଓ ପରିବହନ ବିଭାଗର ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ।

ଅନ୍ୟପକ୍ଷରେ ପୁରୀ ଧାମକୁ ଲୋକଙ୍କୁ ସହଜରେ ନେବା ଆଣିବା କରିବା ଲକ୍ଷ୍ୟରେ ଏହି ଆରାମଦାୟକ ବସ୍ ସେବା ଆରମ୍ଭ ହେବାକୁ ଯାଉଛି। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ସେବାକୁ ସ୍ୱାଗତ କରିଛନ୍ତି ଯାତ୍ରୀ। ଏହି ବସ୍ ସେବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଁର ପ୍ରଚାର କରିବା ସହ ଲୋକଙ୍କ ଭିତରେ ଏକ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଉଛି।

### ନିର୍ବାଚନୀ ବଣ୍ଡ ତଥ୍ୟ ପ୍ରସଙ୍ଗରେ ଏସ୍‌ବିଆଇକୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ନିର୍ଦ୍ଦେଶ

# ଆଜି ସୁଦ୍ଧା ଦିଅ ସମ୍ପୂର୍ଣ୍ଣ ତଥ୍ୟ

**ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି):** ନିର୍ବାଚନୀ ବଣ୍ଡକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ)କୁ କଡ଼ାବାଣୀ ଶୁଣାଇଛନ୍ତି। ଆସନ୍ତାକାଲି ସରକାରୀ କାର୍ଯ୍ୟନିର୍ଘଣ୍ଟ ଶେଷ ସୁଦ୍ଧା ନିର୍ବାଚନୀ ବଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ରଖିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ତଥ୍ୟ ଦେବା ଲାଗି ଏସବିଆଇ ସୁପ୍ରିମକୋର୍ଟରେ ଏକ ଆବେଦନ ଜରିଆରେ ଅଧିକ ସମୟ ଲୋଡିଥିଲା। ଆସନ୍ତା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେବାକୁ ଏସବିଆଇ ଆବେଦନ କରିଥିଲା ବେଳେ ଏହି ପ୍ରସଙ୍ଗରେ ସୋମବାର ଶୁଣାଣି ହୋଇଥିଲା। ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲା ବେଳେ ଏସବିଆଇ ଉପରେ ବର୍ଷିଥିଲେ। ପ୍ରାୟ ୨୬ ଦିନ ତଳେ ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ଦେବାକୁ କୁହାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ବ୍ୟାଙ୍କ କ'ଣ କରୁଥିଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅଧିକ ସମୟ ପାଇଁ ବ୍ୟାଙ୍କର ଆବେଦନକୁ ଖଣ୍ଡପୀଠ ଖାରଜ କରିଦେବା ସହିତ ଆସନ୍ତାକାଲି ସୁଦ୍ଧା ଏହାକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆସନ୍ତା ୧୫ ତାରିଖ ସୁଦ୍ଧା ନିର୍ବାଚନୀ ବଣ୍ଡଜନିତ ତଥ୍ୟ ଉପଲବ୍ଧ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ମଧ୍ୟ ନିର୍ଦ୍ଦେଶ



ଦେଇଛନ୍ତି। ସୋମବାର ଶୁଣାଣି ବେଳେ ଏସବିଆଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଯୁକ୍ତି କରି କହିଥିଲେ ଯେ, ତଥ୍ୟ ଦେବାକୁ ଆମକୁ ଅଧିକ ସମୟ ଦରକାର। ନିର୍ବାଚନୀ ବଣ୍ଡ ତଥ୍ୟ ଗୁପ୍ତ ରଖିବାକୁ କୁହାଯାଇଥିଲା। ତେଣୁ ଏ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। କିନ୍ତୁ ଏହା ଶୁଣିବା ପରେ ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ ଯେ, ସମସ୍ତ ତଥ୍ୟ ସିଲ୍ କରି ମୁମ୍ବାଇସ୍ଥିତ ଏସବିଆଇ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି ବୋଲି ପୂର୍ବରୁ ଏସବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ।ମୁମ୍ବାଇରେ ଯଦି ସବୁ ବିବରଣୀ ଅଛି ତେବେ ତଥ୍ୟ ଦେବାରେ ଅସୁବିଧା କଣ ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ଗତ ଫେବୃଆରୀ ୧୫ ତାରିଖରେ ମାମଲାର ଶୁଣାଣି ବେଳେ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହାକୁ ଆଜି ଯାଏଁ କାହିଁକି ପାଳନ କରାଯାଇ ନାହିଁ ବୋଲି ସେ କହିଥିଲେ। ଏହାର ଉତ୍ତରରେ ହରିଶ ସାଲଭେ ଯୁକ୍ତି ଦର୍ଶାଇଥିଲେ ଯେ ନିର୍ବାଚନ ବଣ୍ଡ କ୍ରୟ ତାରିଖ ଏବଂ କ୍ରେତାଙ୍କ ନାମ ଏକାଠି ଉପଲବ୍ଧ ନାହିଁ, ସେଗୁଡିକୁ କୋଡିଂ ବ୍ୟବସ୍ଥାରେ ସମନ୍ୱିତ କରାଯାଇଛି। ଏହାକୁ ଡିକୋଡ୍ କରିବାକୁ ସମୟ ଲାଗିବ। କିନ୍ତୁ ଯେକୌଣସି ମତେ ଆସନ୍ତାକାଲି ଏହି ତଥ୍ୟ ଦେବାକୁ ସୁପ୍ରିମକୋର୍ଟ ତାଗିଦ୍ କରିଥିଲେ।



THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-257 ◆BHUBANESWAR ◆TUESDAY ◆12 MARCH 2024 ◆PAGE-16+16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୫୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬+୧୬ ◆ଟ.୬.୦୦

## ଚୀନ୍‌କୁ ୩୬ଟି ଦ୍ୱୀପ ଦେଲାଣି ମାଳଦ୍ୱୀପ

**ମାଲେ, ୧୧।୩ (ଏଜେନ୍ସି):** ମାଳଦ୍ୱୀପରେ ଚୀନ୍ ନିଜର କ୍ଷମତା ବଢ଼ାଇବାରେ ଲାଗିଛି। ଏବେ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ଦେଶର ୧୮୭ରୁ ୩୬ଟି ଦ୍ୱୀପକୁ ଚୀନ୍ ହାତକୁ ଟେକି ଦେଇଛନ୍ତି। ସେ ଚୀନ୍‌ର ପର୍ଯ୍ୟଟନ କମ୍ପାନୀକୁ ଏହି ଦ୍ୱୀପଗୁଡ଼ିକର ଅଧିକାଂଶ ଅଞ୍ଚଳ ଠିକାରେ ପ୍ରଦାନ କରିଛନ୍ତି। ଚୀନ୍ କମ୍ପାନୀ ୧୨ ହଜାର କୋଟି ଟଙ୍କା ବିନିଯୋଗ କରି ଏହି ଦ୍ୱୀପଗୁଡ଼ିକରେ ପର୍ଯ୍ୟଟନର ବିକାଶ କରିବ ବୋଲି କୁହାଯାଉଛି। ଏହା ପୂର୍ବରୁ ନିଜର ଚୀନ୍ ଯାତ୍ରା ସମୟରେ ମୁଇଜୁ ଅଧିକ ପର୍ଯ୍ୟଟକଙ୍କୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି କ୍ରମରେ ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୪ ଲକ୍ଷ ଚୀନ୍ ପର୍ଯ୍ୟଟକ ମାଳଦ୍ୱୀପ ପହଞ୍ଚି ଥିଲେ। ଅନ୍ୟପକ୍ଷରେ ଭାରତ ସହ ଉତ୍ତେଜନା ମଧ୍ୟରେ ମାଳଦ୍ୱୀପ ପ୍ରଥମ ଥର ପାଇଁ ତୁର୍କୀଠାରୁ ସାମରିକ ଡ୍ରୋନ କିଣିଛି। ସାମୁଦ୍ରିକ ସୀମାର ସୁରକ୍ଷା ପାଇଁ ଏହାକୁ ବ୍ୟବହାର କରାଯିବ ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ ଗତ ୩ ତାରିଖରେ ଏହି ଡ୍ରୋନ ମାଳଦ୍ୱୀପକୁ ମିଳିଥିଲା। ଏବେ ଏହା ନୁନୁ ମାଫାରୁ ଅନ୍ତର୍ଜାତୀୟ ବିମାନବନ୍ଦରରେ ରହିଛି। ତେବେ ମାଳଦ୍ୱୀପ ସରକାର ଏ ନେଇ କୌଣସି ସୂଚନା ଦେଇନାହାନ୍ତି।

# କ’ଣ ରହିଛି ନାଗରିକ ସଂଶୋଧନ ଆଇନର ଉଦ୍ଦେଶ୍ୟ

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):**

୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ନାଗରିକ ସଂଶୋଧନ ଆଇନ(ସିଏଏ) ଲାଗୁ କରିଛନ୍ତି। ୨୦୧୯ ନିର୍ବାଚନୀ ପ୍ରତିଶ୍ରୁତି ସ୍ୱରୂପ ଏହି ଆଇନକୁ ପ୍ରାୟ ୪ ବର୍ଷ ପରେ ସାରା ଦେଶରେ ଲାଗୁ କରାଯାଇଛି। ପାକିସ୍ତାନ, ଆଫ୍‌ଗାନିସ୍ତାନ ଏବଂ ବାଂଲାଦେଶରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ ଆଦି ସଂପ୍ରଦାୟର ଲୋକଙ୍କୁ ଭାରତରେ ସ୍ଥାୟୀ ନାଗରିକତା ଦେବା ଏହାର ମୁଳ ଉଦ୍ଦେଶ୍ୟ ରହିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ବିଲ ୨୦୧୯ ଡିସେମ୍ବରରେ ସଂସଦରେ ଆଗତ କରାଯିବା ପରେ ପ୍ରଥମେ ଏହାକୁ ଲୋକସଭାରେ ପାରିତ କରାଯାଇଥିଲା। ପରେ ପରେ ଏହି ବିଲ ରାଜ୍ୟସଭାରେ ପାରିତ ହେବା ସହିତ ସେହିବର୍ଷ ଡିମେସ୍ୱର ୧୨ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଥିଲା। ଏହାପରେ ସାରା ଦେଶରେ ସିଏଏ ଲାଗୁ ହେବ ବୋଲି ସମ୍ଭାବନା ବଢ଼ିଥିଲାବେଳେ ଏହାକୁ ବିରୋଧ କରି ବିଭିନ୍ନ ମହଲରେ ବିବାଦ ତେଜିଥିଲା। ସେତେବେଳେ କେନ୍ଦ୍ର ସରକାର ସିଏଏ ଲାଗୁ କରିବାକୁ ନେଇ ବିରୋଧର ସମ୍ମୁଖୀନ ହେବାରୁ ଏହାକୁ ଆପାତତଃ ଲାଗୁ କରିବାକୁ ଉଚିତ ମଣି ନଥିଲେ। ତେବେ



ବିଗତ କିଛି ଦିନ ହେଲା ସିଏଏ ଲାଗୁ ହେବା ନେଇ ବିଭିନ୍ନ ସ୍ତରରେ ସୂଚନା ମିଳିଥିଲା। ଗତ ଜାନୁଆରୀରେ କେନ୍ଦ୍ର ମନ୍ତ୍ରୀ ଶାନ୍ତନୁ ଠାକୁର ସିଏଏ ଲାଗୁ ହେବା ନେଇ ସୂଚନା ଦେବା ସହିତ ସପ୍ତାହକ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କହିଥିଲେ। ଏହାର କିଛି ଦିନ ପରେ ପଶ୍ଚିମବଙ୍ଗ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ମଧ୍ୟ ସମାନ ବୟାନ ଜାରି କରିଥିଲେ। ଏହାପୂର୍ବରୁ ଡିସେମ୍ବରରେ ମଧ୍ୟ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିବଙ୍ଗ ଗସ୍ତ କରିଥିଲା ବେଳେ ସେତେବେଳେ ଏ ସମ୍ପର୍କରେ ସୁରାକ ଦେଇଥିଲେ। ତେବେ ନିକଟରେ ସେ ପଶ୍ଚିମବଙ୍ଗ ଗସ୍ତ କରିବା ବେଳେ ସିଏଏକୁ ନେଇ ଯେଭଳି ବୟାନ ଦେଇଥିଲେ ତଦ୍ୱାରା ଏହି ଆଇନ ଖୁବଶୀଘ୍ର ଲାଗୁ ହେବାକୁ ଯାଉଥିବା ସ୍ପଷ୍ଟ ହୋଇଯାଇଥିଲା। ଏହିକ୍ରମରେ ସୋମବାର କେନ୍ଦ୍ର ସରକାର ସିଏଏ ଲାଗୁ କରିବା ନେଇ ବିଜ୍ଞପ୍ତି ଜାରି କରିଛନ୍ତି।

## ନାଗରିକ ଆଇନ,୧୯୫୫ରୁ ଆରମ୍ଭ

୧୯୪୭ରେ ଦେଶ ବିଭାଜନ ହେବା ପରେ ହିନ୍ଦୁ ସଂପ୍ରଦାୟକୁ ନେଇ ଅନେକ ସମସ୍ୟା ଦେଖାଯାଇଥିଲା। ଧର୍ମ ଭିତ୍ତିରେ ପାକିସ୍ତାନର ଗଠନ ହୋଇଥିଲା ବେଳେ ଯେଉଁ ମୁସଲମାନମାନେ ପାକିସ୍ତାନରେ ବସବାସ କରିବାକୁ ଚାହିଁଥିଲେ ସେମାନେ ପାକିସ୍ତାନ ପଳାଇଥିଲେ। ସେହିଭଳି ଯେଉଁ ହିନ୍ଦୁମାନେ ଭାରତ ଆସିବାକୁ ଚାହିଁଲେ ସେମାନେ ମଧ୍ୟ ଭାରତ ଚାଲି ଆସିଲେ। ଏହାସତ୍ତ୍ୱେ ଆଇନ ପ୍ରଣୟନ କରାଯାଇଥିଲା। କିନ୍ତୁ ଏହାକୁ ପରେ ସଂଶୋଧନ କରାଯାଇ ନାଗରିକ ସଂଶୋଧନ ବିଲ୍‌ରେ ପରିଣତ କରାଯାଇଥିଲା। ଏହି ସଂଶୋଧିତ ବିଲ୍ ଅନୁସାରେ ବାଂଲାଦେଶ, ପାକିସ୍ତାନ ଏବଂ ଆଫଗାନିସ୍ତାନ ଆଦି ଦେଶରେ ସଂଖ୍ୟାଲଘୁ ଭାବେ ରହି ଆସିଥିବା ଏବଂ ସେଠାରେ ନିର୍ଯାତନାର ଶିକାର ହୋଇ ଭାରତ ପଳାଇ ଆସିଥିବା ହିନ୍ଦୁ ,ଶିଖ, ଜୈନ,ଖ୍ରୀଷ୍ଟିଆନ,ପାର୍ସୀ ଏବଂ ବୌଦ୍ଧ




ପାକିସ୍ତାନ ଏବଂ ଆଫଗାନିସ୍ତାନରେ ରହୁଥିବା ହିନ୍ଦୁ,ଶିଖ, ପାର୍ସି,ବୌଦ୍ଧ ଏବଂ ଜୈନମାନଙ୍କୁ ଭାରତରେ ନାଗରିକତା ଦେବାକୁ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଭାରତୀୟ ସମ୍ବିଧାନ ବ୍ୟବସ୍ଥା ଆରମ୍ଭ ହେବା ପରେ ଏଥିରେ ଧାରା ୭(କ)ଅନୁଯାୟୀ ଦରିଆପରି ନାଗରିକ ଆଇନ,୧୯୫୫ ଆଇନ ପ୍ରଣୟନ କରାଯାଇଥିଲା। ଯେଉଁ ଭାରତୀୟମାନେ ଦେଶ ବିଭାଜନ ପରେ ଅନ୍ୟ ଦେଶର ନାଗରିକ ହୋଇଯାଇଥିଲେ ,କିମ୍ବା ଅନ୍ୟ ଦେଶର ନାଗରିକ ହୋଇ ବି ଭାରତର ନାଗରିକତ୍ୱ ପାଇବାକୁ ହକ୍‌ଦାର ଥିଲେ ସେମାନଙ୍କ ପାଇଁ ଏହି ଲୋକଙ୍କୁ ସ୍ଥାୟୀ ନାଗରିକତା ପ୍ରଦାନ କରିବା ନେଇ ବ୍ୟବସ୍ଥା କରାଯାଇଥିଲା। ଯେଉଁମାନେ ଏହିସବୁ ଦେଶରୁ ଆସି ୨୦୧୪ ଡିସେମ୍ବର ଶେଷ ସୁଦ୍ଧା ଭାରତରେ ପ୍ରବେଶ କରିଛନ୍ତି ସେମାନଙ୍କୁ ଭାରତର ସ୍ଥାୟୀ ନାଗରିକତା ଦେବାକୁ ଏହି ଆଇନରେ ବ୍ୟବସ୍ଥା ରହିଛି। ଏହି ଆଇନ ଦ୍ୱାରା ପାକିସ୍ତାନ,ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଆସି ଭାରତରେ ଶରଣାର୍ଥୀ ଜୀବନ ବିତାଉଥିବା ବିଭିନ୍ନ ସଂପ୍ରଦାୟର ପ୍ରାୟ ୩୦ ହଜାର ଲୋକ ଉପକୃତ ହେବେ ବୋଲି କେନ୍ଦ୍ରୀୟ ଗୁଇନ୍ଦା ବିଭାଗ ଦ୍ୱାରା ଦିଆଯାଇଥିବା ଏକ ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।

## ୧୦୧ ଦିନର ଶାହିନବାଗ୍ ଆନ୍ଦୋଳନ

୨୦୧୯ ଡିସେମ୍ବର ୧୨ରେ ନାଗରିକ ସଂଶୋଧନ ବିଲ ଆଇନରେ ପରିଣତ ହେବା ପରେ ସେହି ମାସ ୧୫ ତାରିଖରେ ଦିଲ୍ଲୀର ମୁସଲିମବହୁଳ ଅଞ୍ଚଳ ଶାହିନବାଗରେ ଆରମ୍ଭ ହୋଇଥିଲା ବିକ୍ଷୋଭ।ସିଏଏକୁ ବିରୋଧ କରି ପ୍ରଥମେ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟରେ ବିରୋଧରେ ସ୍ୱର ଉଠିବା ସହିତ ଏଥିରେ ମୁସଲମାନମାନଙ୍କୁ ସାମିଲ କରାଯାଇ ନଥିବାରୁ ବହୁ ମୁସଲମାନ ସଂଗଠନ ଏହାକୁ ଆଡ ଦୃଷ୍ଟିରେ ଦେଖିଥିଲେ। ଯଦି ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶ ଆଦି ଦେଶରୁ ହିନ୍ଦୁ, ଶିଖ ଏବଂ ଜୈନମାନଙ୍କୁ ଭାରତରେ ନାଗରିକତା ମିଳିପାରିବ ତେବେ ଯେଉଁ ଏହିସବୁ ଦେଶରେ ଥିବା ଯେଉଁ ମୁସଲମାନ ଭାରତରେ ନାଗରିକତା ନେବାକୁ ଚାହାନ୍ତି ସେମାନଙ୍କୁ କାହିଁକି ମିଳିବ ନାହିଁ ବୋଲି ପ୍ରଶ୍ନ ଉଠିଥିଲା। ଏହି ସମୟରେ



କେବଳ ସିଏଏ ନୁହେଁ, ନ୍ୟାସନାଲ୍ ପପୁଲେସନ୍ ରେଜିଷ୍ଟାର(ଏନପିଆର) ଓ ନ୍ୟାସନାଲ ରେଜିଷ୍ଟାର ଅଫ୍ ସିଟିଜେନ୍ସ(ଏନଆରସି)କୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଭାରତ ସରକାର ମୁସଲମାନମାନଙ୍କ ନାଗରିକତା ରଦ୍ଦ କରିଦେବେ ବୋଲି ସାଧାରଣରେ ଗୁଜବ ଉଠିବା ପରେ ମୁସଲମାନ ମହିଳାମାନେ ଦୀର୍ଘ ଦିନ ଧରି ଶାହିନବାଗ ସଡ଼କରେ ଦିବାରାତ୍ର ବସିରହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରିଥିଲେ।

ଶାହିନବାଗ ପ୍ରତିବାଦ ୨୦୧୯ ଡିସେମ୍ବର ୧୫ରୁ ଆରମ୍ଭ ହୋଇ ୨୪ ମାର୍ଚ୍ଚ ୨୦୨୦ ଯାଏ ପ୍ରାୟ ୧୦୧ ଦିନ ଧରି ଚାଲିଥିଲା। ମୁସଲିମ ମହିଳା ହଜାର ହଜାର ସଂଖ୍ୟାରେ ସଡ଼କ ଅବରୋଧ ଓ ଦଖଲ କରି ବସିରହିବାରୁ ଜଟିଳ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ପ୍ରତିବାଦ ସ୍ଥଳରେ ପ୍ରତିଦିନ ୧୦୦୦ରୁ ଅଧିକ ସଂଖ୍ୟକ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରିବାକୁ ପଡ଼ିଥିଲା। ଶାହିନବାଗ ପ୍ରତିବାଦ ପ୍ରଦର୍ଶନର ସୃଷ୍ଟିକର୍ତ୍ତା ବା ମାଷ୍ଟରମାଇଣ୍ଡ ଭାବେ ଦିଲ୍ଲୀ ପୁଲିସ୍ ସର୍ଜିଲ ଇମାମଙ୍କୁ ଚିହ୍ନଟ କରି ଗିରଫ କରିଥିଲା। ଜାମିନ ମିଳୁନଥିବାରୁ ଇମାମ ଏଯାଏ ଜେଲରେ ଅଛନ୍ତି। କୋଭିଡ-୧୯ ବେଳେ ଦିଲ୍ଲୀରେ ୨୩ ମାର୍ଚ୍ଚ ୨୦୨୦ରେ ସମ୍ପୂର୍ଣ୍ଣ ଲକଡାଉନ୍ ଲାଗୁ ହେବାରୁ ଶାହିନବାଗ ପ୍ରତିବାଦ ପ୍ରଦର୍ଶନ ବନ୍ଦ ହୋଇଯାଇଥିଲା।

## ସିଏଏକୁ ନେଇ କେନ୍ଦ୍ର ଉପରେ ବର୍ଷିଲା କଂଗ୍ରେସ

ଲୋକସଭା ନିର୍ବାଚନ ୨୦୨୪ ପୂର୍ବରୁ କେନ୍ଦ୍ର ସରକାର ସିଏଏ ଲାଗୁ କରିଥିବାରୁ ବିରୋଧୀ କଂଗ୍ରେସ କେନ୍ଦ୍ର ଉପରେ ବର୍ଷିଛି। ଦଳର ବରିଷ୍ଠ ନେତା ତଥା ପ୍ରବକ୍ତା ଜୟରାମ ରମେଶ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ଡିସେମ୍ବର ୨୦୧୯ରେ ସଂସଦ ଦ୍ୱାରା ପାରିତ ହୋଇଥିବା



ନାଗରିକ ସଂଶୋଧନ ଆଇନ ନିୟମ ବିଷୟରେ ଜଣାଇବାକୁ କେନ୍ଦ୍ର ସରକାରଙ୍କୁ ଚାରି ବର୍ଷ ତିନି ମାସ ଲାଗିଛି। ସିଏଏ ନିୟମ ସମ୍ପର୍କରେ ଜଣାଇବା ପାଇଁ ଏହି ସମୟ ହେଉଛି ପ୍ରଧାନମନ୍ତ୍ରୀଙ୍କ ମିଛର ଅନ୍ୟ ଏକ ଉଦାହରଣ। ଲୋକସଭା ନିର୍ବାଚନ ପୂର୍ବରୁ ଜାଣିଶୁଣି ଏହାକୁ ଘୋଷଣା କରାଯାଇଛି। ବିଶେଷ କରି ଆସାମ ଏବଂ ପଶ୍ଚିମବଙ୍ଗରେ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ବାଚନୀ ବଣ୍ଡ ମାମଲା ଉପରୁ ନଜର ହଟାଇବା ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ଜୟରାମ କହିଛନ୍ତି।



## ନମୋ ଡ୍ରୋନ୍ ଦିଦିଙ୍କୁ ଭେଟିଲେ ମୋଦୀ

# ୧୦୦୦ ମହିଳା ଏସ୍ଏଚ୍ଜିକୁ ମିଳିଲା ଡ୍ରୋନ୍

ନୂଆଦିଲ୍ଲୀ,୧୧।୩(ଏଜେନ୍ସି)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୧୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)କୁ ଡ୍ରୋନ୍ ବିତରଣ କରିଛନ୍ତି। ଏଠାକାର ପୁସାଠାରେ ଥିବା ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ 'ସଶକ୍ତ ନାରୀ, ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କୃଷିକର୍ମଣରେ ଉପଯୋଗୀ ଡ୍ରୋନ୍ କିପରି କାର୍ଯ୍ୟ କରିଥାଏ ତାହା ନମୋ ଡ୍ରୋନ୍ ଦିଦିମାନଙ୍କୁ ପଚାରି ବୁଝିଛନ୍ତି ଓ ଦେଖିଛନ୍ତି। ନମୋ ଡ୍ରୋନ୍ ଦିଦି ପ୍ରାରମ୍ଭରେ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କୃଷି କ୍ଷେତ୍ରରେ କାର୍ଯ୍ୟରତ ଗ୍ରାମୀଣ ମହିଳାଙ୍କୁ ଡ୍ରୋନ୍ ପାଇଲଟ୍ ଭାବେ ତାଲିମ ଦିଆଯାଉଛି। ଡ୍ରୋନ୍ ପାଇଲଟିଂରେ ତାଲିମପ୍ରାପ୍ତ ମହିଳାମାନଙ୍କୁ ନମୋ ଡ୍ରୋନ୍ ଦିଦି କୁହାଯାଉଛି। ଲକ୍ଷ୍ୟ ରଖାଯାଇଛି ଯେ ୧୫୦୦୦ ମହିଳା ଏସଏଚଜିକୁ କୃଷି କାର୍ଯ୍ୟରେ ଉପଯୋଗ କରାଯାଉଥିବା ଡ୍ରୋନ୍ ଯୋଗାଇଦିଆଯିବ। ଉପଭୋକ୍ତା ମହିଳା ଏସଏଚଜି'ର ତାଲିମପ୍ରାପ୍ତ ଡ୍ରୋନ୍ ପାଇଲଟମାନେ ଡ୍ରୋନ୍ ଉଡ଼ାଇ ବିହନ ବୁଣା, ଫସଲ ପର୍ଯ୍ୟବେକ୍ଷଣ, ସାର, କୀଟନାଶକ ଓ ଔଷଧ ସିଞ୍ଚନ ଭଳି କାର୍ଯ୍ୟ କରିପାରିବେ। ଏହା ଦ୍ୱାରା ସେମାନେ ଅଧିକ ରୋଜଗାରକ୍ଷମ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ତଥା ସଶକ୍ତ ହୋଇପାରିବେ।

## ଦ୍ୱାରକା ଏକ୍ସପ୍ରେସ ୱେ'ର ହରିୟାଣା ସେକ୍ସନ ଉଦ୍‌ଘାଟିତ

ଗୁରୁଗ୍ରାମ,୧୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏଠାରେ ନବନିର୍ମିତ ୮ ଲେନ୍ ବିଶିଷ୍ଟ ଦ୍ୱାରକା ଏକ୍ସପ୍ରେସ ୱେ'ର ହରିୟାନା ସେକ୍ସନର ଲୋକାର୍ପଣ କରିଛନ୍ତି। ଦ୍ୱାରକା ଏକ୍ସପ୍ରେସ ୱେ'ର ହରିୟାନା ସେକ୍ସନର ଲମ୍ବ ହେଉଛି ୧୯ କିଲୋମିଟର। ଏହି ସେକ୍ସନ ଦୁଇଟି ପ୍ୟାକେଜରେ ନିର୍ମିତ ହୋଇଛି। ପ୍ରଥମ ପ୍ୟାକେଜ ଦୀଲ୍ଲୀ-ହରିୟାନା ସୀମାରୁ ଆରମ୍ଭ ହୋଇ ବାସାଇ ରେଲ ଓଭରବ୍ରିଜ୍(ଆରଓବି) ଯାଏ ରହିଛି ଯାହାର ଲମ୍ବ ହେଉଛି ୧୦.୨ କିଲୋମିଟର। ଦ୍ୱିତୀୟ ପ୍ୟାକେଜ ବାସାଇ ଆରଓବି'ରୁ ଆରମ୍ଭ ହୋଇ ଖେରି ଦାଉଲା ଯାଏ ୮.୭ କିଲୋମିଟର ଲମ୍ବିଛି। ଏହି ୧୯ କିଲୋମିଟରର ଦ୍ୱାରକା ଏକ୍ସପ୍ରେସ ୱେ'ର ନିର୍ମାଣରେ ମୋଟ ୪୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଦ୍ୱାରକା ଏକ୍ସପ୍ରେସ ୱେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସିଧାସଳଖ ଗୁରୁଗ୍ରାମ୍ ବାଇପାସ୍ ସହ ଯୋଡୁଛି। ଏହି ଏକ୍ସପ୍ରେସ ୱେ ଖୋଲାଯିବାରୁ ଏବେ ଦିଲ୍ଲୀ ଓ ଗୁରୁଗ୍ରାମ ମଧ୍ୟରେ ଟ୍ରାଫିକ୍ ଫ୍ଲୋ କମିବ ଓ ଜାତୀୟ ରାଜପଥ-୪୮ ରେ ସର୍ବଦା ଯେଉଁ ଜାମ୍ ଲାଗିରହୁଛି ସେଥିରେ ସୁଧାର ଆସିବ।

## ଧାର୍ ଭୋଜଶାଳାରେ ହେବ ବୈଜ୍ଞାନିକ ସର୍ଭେ

ଇନ୍ଦୋର, ୧୧।୩ (ଏଜେନ୍ସି): ଜ୍ଞାନବାପି ଭଳି ଧାର ସ୍ଥିତ ଭୋଜଶାଳାର ସର୍ଭେ କରାଇବାକୁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଇନ୍ଦୋର ଖଣ୍ଡପୀଠ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ୫ ବିଶେଷଜ୍ଞଙ୍କ ଟିମ୍ ବନାଇବାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ)କୁ କହିଛନ୍ତି। ଏହି ଟିମ୍ ୬ ସପ୍ତାହ ମଧ୍ୟରେ ସର୍ଭେ ଶେଷ କରି ରିପୋର୍ଟ ପ୍ରଦାନ କରିବ। ପୂର୍ବରୁ ଜାନୁଆରୀ ୧୯ ତାରିଖରେ ଏହି ମାମଲାର ଶୁଣାଣି ହୋଇଥିଲା। ସେ ସମୟରେ କୋର୍ଟ ରାୟ ସଂରକ୍ଷିତ ରଖି ଦେଇଥିଲେ। ଆଜି ରାୟ ଘୋଷଣା କରି ଏପ୍ରିଲ ୨୯ ସୁଦ୍ଧା ସର୍ଭେ ଶେଷ କରିବାକୁ କହିଛନ୍ତି। ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର (ଜିପିଆର) ଏବଂ ଗ୍ଲୋବାଲ ପୋଜିସିନି ସିଷ୍ଟମ (ଜିପିଏସ)ରେ ଏହି ବୈଜ୍ଞାନିକ ସର୍ଭେ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ଭେ ସମୟରେ ଉଭୟ ପକ୍ଷର ସଦସ୍ୟ ଉପସ୍ଥିତ ରହିବେ ବୋଲି ହିନ୍ଦୁ ପକ୍ଷର ଓକିଲ ବିଷ୍ଣୁଶଙ୍କର ଜୈନ କହିଛନ୍ତି। ଏହା ଦ୍ୱାରା ଭୋଜଶାଳାର ସତ୍ୟ ସାମ୍ନାକୁ ଆସିବ। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯ରେ ହେବ। ଜିଲ୍ଲା ପ୍ରଶାସନର ୱେବସାଇଟ ଅନୁଯାୟୀ ରାଜା ଭୋଜ ଭୋଜଶାଳାର ନିର୍ମାଣ କରାଇ ଥିଲେ। ଏହା ଏକ ବିଶ୍ୱବିଦ୍ୟାଳୟ ଥିଲା। ଏଥିରେ ବାଗଦେବୀଙ୍କ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା। ପରେ ମୁସଲିମ ଶାସକ ଏହାକୁ ମସଜିଦରେ ପରିବର୍ତ୍ତନ କରିଦେଇଥିଲେ।

## ବରଯାତ୍ରୀ ବସ୍ ଉପରେ ଖସିଲା ବିଦ୍ୟୁତ୍ ତାର; ୫ ଜୀବନ୍ତ ଦଗ୍ଧ



ଗାଜିପୁର, ୧୧।୩ (ଏଜେନ୍ସି): ଉତ୍ତରପ୍ରଦେଶ ଗାଜିପୁର ବଡ଼ ଅଘଟଣ ଘଟିଛି। ୫୦ ବରଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଉପରେ ଉଚ୍ଚ କ୍ଷମତା ବିଶିଷ୍ଟ ବିଦ୍ୟୁତ ତାର ଖସି ପଡ଼ିଛି। ଏଥିଯୋଗୁଁ ବସ୍‌ରେ ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ୫ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୧୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ ଏହି ବସ୍‌ଟି ମଉର ଖିରିହା ଖାଜାରୁ ବରଯାତ୍ରୀଙ୍କୁ ନେଇ ମହାହର ଧାମ ଯାଉଥିଲା। ବସ୍‌ରେ ବସିଥିବା ଲୋକେଙ୍କୁ ପ୍ରଥମେ ବିଦ୍ୟୁତ ଝଟ୍‌କା ଲାଗିଥିଲା। ଏହା ପରେ ଦେଖୁ ଦେଖୁ ନିଆଁ ସମ୍ପୂର୍ଣ୍ଣ ବସ୍‌କୁ କବଳିତ କରି ଦେଇଥିଲା। କାହାକୁ ବାହାରକୁ ବାହାରିବା ପାଇଁ ସୁଯୋଗ ମିଳି ନ ଥିଲା। କିଛି ଲୋକ ଡେଇଁ ଜୀବନ ବଞ୍ଚାଇ ଥିଲେ। ନିଆଁ ଏତେ ଜୋରରେ ବ୍ୟାପି ଥିଲା ଯେ କେହି ବସ୍ ନିକଟକୁ ଯାଇ ପାରି ନ ଥିଲେ। ଏହି ଘଟଣାକୁ ନେଇ ଲୋକେ ପୁଲିସ ଉପରେ କ୍ଷୁବ୍ଧ ହୋଇ ପଥର ମାଡ଼ କରିଛନ୍ତି। ଏଥିରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏହି ତାର ତଳେ ଓହଳିଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ଲୋକେ କହିଛନ୍ତି। ଏହି ଦୁର୍ଘଟଣା ପରେ ଡିଏମ୍-ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇ ଥିଲେ। ପ୍ରଶାସନିକ ଅବହେଳାରୁ ଦୁର୍ଘଟଣା ଘଟିଥିଲା ବୋଲି କହିଥିଲେ।

## କାର୍‌କୁ ଧକ୍କା ଦେଲା ଏସ୍‌ୟୁଭି; ୬ ମୃତ

ଚଣ୍ଡିଗଡ଼, ୧୧।୩ (ଏଜେନ୍ସି): ହରିୟାଣା ରେୱାରି ମସାନି ଗ୍ରାମ ନିକଟରେ ରବିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଇନୋଭା କାର୍‌କୁ ଏସ୍‌ୟୁଭି ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୪ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ୭ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ରେୱାରି ଏବଂ ଗୁରୁଗ୍ରାମର ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଇନଭୋରେ ଯାତ୍ରା କରୁଥିବା ମହିଳା ଖଟୁ ଶ୍ୟାମଙ୍କ ଦର୍ଶନ କରି ଫେରୁ ଥିଲେ। ରାସ୍ତାରେ ତାଙ୍କ କାର୍‌ର ଟାୟାର ପଙ୍କଚର୍ ହୋଇ ଯାଇଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏସ୍‌ୟୁଭି ଇନୋଭାକୁ ଧକ୍କା ଦେଇଥିଲା। ମୃତକଙ୍କ ମଧ୍ୟରେ ଗାଜିଆବଦାର ରଞ୍ଜନା କପୁର, ନିଲମ, ପୁନମ ଜୈନ, ଶିଖା, ହିମାଚଳର ଡ୍ରାଇଭର ବିଜୟ, ରେୱାରିର ସୁନିଲ ସାମିଲ ଅଛନ୍ତି।

## ଅଷ୍ଟ୍ରେଲିଆରେ ପତ୍ନୀକୁ ମାରି ଭାରତ ଫେରିଲା ପତି

ହାଇଦରାବାଦ, ୧୧।୩ (ଏଜେନ୍ସି): ଅଷ୍ଟ୍ରେଲିଆରେ ଗତ ସପ୍ତାହରେ ପ୍ରାଣ ହରାଇଥିବା ଭାରତୀୟ ମହିଳା ଚୈତନ୍ୟା ସ୍ୱେତା ମଧାଗନିଙ୍କ ମୃତ୍ୟୁ ରହସ୍ୟ ଧିରେ ଧିରେ ଖୋଲିବାରେ ଲାଗିଛି। ଶ୍ୱେତାଙ୍କ ସ୍ୱାମୀ ଅଶୋକ ରାଜ ବାରିକୁପ୍ପଲା ତାଙ୍କୁ ହତ୍ୟା କରିଥିଲେ ବୋଲି ଜଣାପଡ଼ିଛି। ସେ ହତ୍ୟା ପରେ ହାଇଦରାବାଦ ଆସିଥିଲେ। ତିନି ବର୍ଷର ପୁଅକୁ ଶାଶୁଶ୍ୱଶୁରଙ୍କ ପ୍ରଦାନ କରି ଫେରାର ହୋଇ ଯାଇଥିଲେ। ହାଇଦରାବାଦ ଉପ୍ପଲର ବିଧାୟକ ବନ୍ଦାରି ଲକ୍ଷ୍ମା ରେଡ୍ଡୀ ଏ ବିଷୟରେ ସୂଚନା ଦେଇଛନ୍ତି। ପୁଅକୁ ଫେରାଇବା ସମୟରେ ସ୍ତ୍ରୀକୁ ହତ୍ୟା କରିଛନ୍ତି ବୋଲି ଅଶୋକ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ଶାଶୁଶ୍ୱଶୁରଙ୍କୁ କହିଥିଲେ। ରିପୋର୍ଟ ଅନୁଯାୟୀ ଗତ ୫ରୁ ୭ ତାରିଖ ମଧ୍ୟରେ ଶ୍ୱେତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ସମୟରେ ତାଙ୍କ ସ୍ୱାମୀ ଭାରତ ଆସିଥିଲେ। ତାଙ୍କ ଘନିଷ୍ଠମାନେ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଅଶୋକ ଭାରତ ଆସିବା ଦିନ ଶ୍ୱେତା ମଧ୍ୟ ନିଖୋଜ ଥିଲେ। ଅଶୋକ ପଡ଼ୋଶୀ ଏବଂ ଅଷ୍ଟ୍ରେଲିଆରେ ଥିବା କିଛି ସମ୍ପର୍କୀୟଙ୍କୁ ଫୋନ୍ କରି ଶ୍ୱେତାଙ୍କ ବିଷୟରେ ପଚାରି ବୁଝି ଥିଲେ। ପରେ ପୁଲିସ ସହ ଫୋନରେ କଥା ହୋଇଥିଲେ ଏବଂ ଯାଞ୍ଚରେ ସହାୟତା କରିବାକୁ କହିଥିଲେ।

## ବିଜେପି ସାଂସଦ ପ୍ରଜ୍ଞା ଠାକୁରଙ୍କ ବିରୋଧରେ ୱାରେଣ୍ଟ



ମୁମ୍ବାଇ, ୧୧।୩ (ଏଜେନ୍ସି): ମୁମ୍ବାଇର ସ୍ୱତନ୍ତ୍ର ଏନଆଇଏ କୋର୍ଟ ବିଜେପି ସାଂସଦ ପ୍ରଜ୍ଞା ଠାକୁରଙ୍କ ବିରୋଧରେ ସୋମବାର ଗିରଫ ପରୱାନା (ଜାମିନ ଯୁକ୍ତ) ଜାରି କରିଛନ୍ତି। ଶୁଣାଣି ସମୟରେ ସାଂସଦ ଅନୁପସ୍ଥିତ ରହିବାରୁ କୋର୍ଟ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ମାଲେଗାଓଁ ବିସ୍ଫୋରଣ ମାମଲାର ଅଭିଯୁକ୍ତ ଅଛନ୍ତି। ପୂର୍ବରୁ ଶୁଣାଣି ସମୟରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ସେ ଉପସ୍ଥିତ ହୋଇ ନ ଥିଲେ। ତାଙ୍କ ଓକିଲ ଖରାପ ସ୍ୱାସ୍ଥ୍ୟାବସ୍ଥା ଦର୍ଶାଇ ପ୍ରତ୍ୟକ୍ଷ ଭାବେ ହାଜର ନ ହେବା ପାଇଁ ଅନୁମତି ମାଗିଥିଲେ। କିନ୍ତୁ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ।

● ସନ୍ଦେଶଖାଲି ମାମଲା

## ସିବିଆଇ ଯାଞ୍ଚରେ ହସ୍ତକ୍ଷେପକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ପଶ୍ଚିମବଙ୍ଗ ସରକାରଙ୍କୁ ଜୋରଦାର ଝଟ୍‌କା ଲାଗିଛି। ସନ୍ଦେଶଖାଲିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲାରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ପୂର୍ବରୁ କଲକତା ହାଇକୋର୍ଟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ସମୟରେ ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ଶାହାଜାହାନ ଶେଖ୍‌ର ଗିରଫରେ ହୋଇଥିବା ବିଳମ୍ବକୁ ନେଇ ରାଜ୍ୟ ପୁଲିସକୁ ପ୍ରଶ୍ନ କରିଥିଲେ। ଏତେ ଦିନ ପର୍ଯ୍ୟନ୍ତ ତାଙ୍କୁ କାହିଁକି ଗିରଫ କରାଯାଇ ନ ଥିଲା ବୋଲି ରାଜ୍ୟ ସରକାରଙ୍କୁ ପଚାରି ଥିଲେ। ସୂଚନାଯୋଗ୍ୟ ଯେ ଜାନୁଆରୀ ୫ ତାରିଖରେ କୋଟି କୋଟି ଟଙ୍କାର ରାସନ ଦୁର୍ନୀତି ସମ୍ବନ୍ଧିତ ମାମଲାର ମୁଖ୍ୟ ଅଭିଯୁକ୍ତ ଶାହାଜାହାନ ଶେଖ ଏବଂ ବୋନେଗାଁଓ ପୌରପାଳିକାର ପୂର୍ବତନ ଅଧକ୍ଷ ଶଙ୍କର ଆଧ୍ୟାଙ୍କ ଘରକୁ ଇଡି ଟିମ୍ ଚଢ଼ଉ ପାଇଁ ଯାଇଥିଲା। ଏହି ସମୟରେ ଶେଖଙ୍କ ସମର୍ଥକ ଇଡି ଅଧିକାରୀଙ୍କୁ ମାଡ଼ ମାରିଥିଲେ।

## କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# କ୍ଷମା ମାଗିବାକୁ ଚାହୁଁଛନ୍ତି କି

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ଆପରାଧିକ ମାନହାନୀ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଝଟ୍‌କା ଲାଗିଛି। ଏହି ମାମଲାରେ କ୍ଷମା ମାଗିବାକୁ ଚାହୁଁଛନ୍ତି କି ବୋଲି ସୁପ୍ରିମକୋର୍ଟ ତାଙ୍କୁ ପ୍ରଶ୍ନ କରିଛନ୍ତି। ଏହା ସହିତ ଅଭିଯୋଗକାରୀଙ୍କୁ କ୍ଷମା ପ୍ରାର୍ଥନା କରିବା ପାଇଁ କେଜ୍ରିୱାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଜଣେ ୟୁଟ୍ୟୁବରଙ୍କ ଭିଡିଓ ଟ୍ୱିଟ କରିବା ଭୁଲ୍ ଥିଲା ବୋଲି ସେ ମାନିଥିଲେ। କୋର୍ଟ କହିଥିଲେ ଯେ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିବେ କି ନ କରିବେ ତାହା ଅଭିଯୋଗକାରୀଙ୍କ ଉପରେ ନିର୍ଭର କରୁଛି। ସେହିପରି ସାର୍ବଜନୀନ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିବେ କି ନାହିଁ ତାହା ବିଚାର କରିବାକୁ କୋର୍ଟ ଅଭିଯୋଗକାରୀଙ୍କୁ କହିଛନ୍ତି। ମଇ ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁଯାୟୀ ଆମ ଆଦମୀ ପାର୍ଟି ମୁଖ୍ୟ କେଜ୍ରିୱାଲ ୟୁଟ୍ୟୁବର ଧ୍ରୁବ ରାଠିଙ୍କ ଏକ ଭିଡିଓ ବାର୍ତ୍ତାକୁ ରିଟ୍ୱିଟ କରିବାକୁ ନେଇ ୨୦୧୮ରେ ମାନହାନୀ ମାମଲା ରୁଜୁ କରାଯାଇଥିଲା। ଏହାକୁ ନେଇ କେଜ୍ରିୱାଲଙ୍କ ବିରୋଧରେ ସମନ ଜାରି ହୋଇଥିଲା। ଏହି ଭିଡିଓରେ ବିକାଶ ସାଙ୍କୃତ୍ୟାୟନ ନାମକ ବ୍ୟକ୍ତିଙ୍କ ଉପରେ ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲା। ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏହି ମାମଲାକୁ ରଦ୍ଦ କରିବା ପାଇଁ ମନା କରିଦେଇଥିଲେ। କେଜ୍ରିୱାଲ ରିଟ୍ୱିଟ କରି ଅନେକ ଲୋକଙ୍କ ପାଖକୁ ଭିଡିଓକୁ ପହଞ୍ଚାଇ ଥିଲେ ବୋଲି କହିଥିଲେ। ହାଇକୋର୍ଟରୁ ନିରାଶ ହେବା ପରେ କେଜ୍ରିୱାଲ ସୁପ୍ରିମକୋର୍ଟ ଯାଇଥିଲେ



### ସୁପ୍ରିମକୋର୍ଟରେ ଆବେଦନ

## ଇସି ନିଯୁକ୍ତିରେ କଟକଣା ଦାବି

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ନୂଆ ନିର୍ବାଚନ କମିଶନ ନିଯୁକ୍ତିକୁ ନେଇ କଂଗ୍ରେସ ନେତା ଜୟା ଠାକୁର ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସି ନିଯୁକ୍ତି କରିବାରେ ସରକାରଙ୍କୁ ଅଟକାଇବା ପାଇଁ ସେ ନିବେଦନ କରିଛନ୍ତି। ଲୋକସଭା ନିର୍ବାଚନ ପରେ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଏହି ଆବେଦନ ଉପରେ ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଏବେ ୨ଟି ଇସି ପଦବୀ ଖାଲି ରହିଛି। ଏହି ପଦ ପୂରଣ ପାଇଁ ୧୩ କିମ୍ବା ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କମିଟିର ବୈଠକ ବସିବ। ଏବେ କେବଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଅଛନ୍ତି। ଜଣେ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଫେବୃଆରୀରେ ଅବସରଗ୍ରହଣ କରିଥିଲେ। ଏହା ପରେ ଗତ ୮ ତାରିଖରେ ଅନ୍ୟତମ ଇସି ଅରୁଣ ଗୋୟଲ ଅଚାନକ ଇସ୍ତଫା ଦେଇଥିଲେ।

## ସାଇବାବାଙ୍କ ମୁକ୍ତି ଉପରେ ରହିତାଦେଶ ଆବେଦନ ଖାରଜ



ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଜିଏନ୍ ସାଇବାବା ଓ ଅନ୍ୟ ୫ଜଣ ଅଭିଯୁକ୍ତ ନିର୍ଦ୍ଦୋଷ ବୋଲି ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠଙ୍କ ୨୦୨୪ମାର୍ଚ୍ଚ ୫ ତାରିଖର ରାୟ ଉପରେ ସ୍ଥଗିତାଦେଶ ଦେବାକୁ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଯେଉଁ ଯାଚିକା ଦାଖଲ କରିଥିଲେ ତାହା ଆଜି ଖାରଜ ହୋଇଯାଇଛି। ମାଓବାଦୀଙ୍କ ସହ ସମ୍ପର୍କ ରଖି ଦେଶ ବିରୋଧରେ ଯୁଦ୍ଧ କରିଥିବା ଅଭିଯୋଗରେ ପ୍ରଫେସର ସାଇବାବା ଓ ଅନ୍ୟ ୫ଜଣଙ୍କୁ ୨୦୧୪ରେ ଗିରଫ କରାଯାଇ ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ(ନିରୋଧ) ଆଇନ ବା ୟୁଏପିଏ'ର ଏବଂ ଆଇପିସିର ବିଭିନ୍ନ ଧାରା ଅନୁଯାୟୀ ମାମଲା ଚାଲିଥିଲା। ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲା ଜଜ୍ ୨୦୧୭ ମାର୍ଚ୍ଚ ୭ତାରିଖରେ ସାଇବାବା ଓ ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ସାଇବାବାଙ୍କ ସମେତ ଅନ୍ୟ ୪ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଓ ଅନ୍ୟ ଜଣଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ଦଣ୍ଡାଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। '୨୦୨୨ ଅକ୍ଟୋବରରେ ବମ୍ବେ ହାଇକୋର୍ଟ ସାଇବାବାଙ୍କ ସମେତ ସମସ୍ତ ୬ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ସେମାନଙ୍କୁ ଜେଲରୁ ଛାଡ଼ିଦେବା ପାଇଁ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ପ୍ରାର୍ଥନା କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଯାଚିକା ଦାଖଲ କରିଥିଲେ। ସୁପ୍ରିମକୋର୍ଟ ସେତେବେଳେ ମାମଲାକୁ ପୁଣି ଥରେ ନୂଆ କରି ବିଚାର କରିବାକୁ ବମ୍ବେ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାର୍ଚ୍ଚ ୫ରେ ବମ୍ବେ ହାଇକୋର୍ଟର ଭିନ୍ନ ଏକ ଖଣ୍ଡପୀଠ ମଧ୍ୟ ପ୍ରଫେସର ସାଇବାବା ଓ ଅନ୍ୟ ୫ଜଣ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପ୍ରମାଣ ନଥିବାରୁ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯିବା ନିମନ୍ତେ ରାୟ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ସଦ୍ୟତମ ରାୟ ଉପରେ ପୁଣି ରହିତାଦେଶ ପ୍ରାର୍ଥନା କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଯାଚିକା ଦାଖଲ କରିଥିଲେ। ଯାଚିକାର ବିଚାର କରି ବିଚାରପତି ବି ଆର ଗାଭାଇ ଓ ବିଚାରପତି ସନ୍ଦୀପ ମୋହଟାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଆଜି କହିଛନ୍ତି, 'ହାଇକୋର୍ଟଙ୍କ ମାର୍ଚ୍ଚ ୫ ରାୟରେ କୌଣସି ତ୍ରୁଟିବିଚ୍ୟୁତି ନାହିଁ। ସମସ୍ତ ଦଲିଲ, ସାକ୍ଷ୍ୟ ଓ ତଥ୍ୟପ୍ରମାଣକୁ ପରଖି ହାଇକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ତର୍କସିଦ୍ଧ, ଆଇନସଙ୍ଗତ ତଥା ନିଃସନ୍ଦେହ ନ୍ୟାୟୋଚିତ ହୋଇଛି।

## ପଶ୍ଚିମବଙ୍ଗରେ ପରସ୍ପର ବିରୋଧରେ ଲଢ଼ିବେ ପୂର୍ବତନ ପତି-ପତ୍ନୀ

# ବିଜେପି ବର ବନାମ ଟିଏମ୍‌ସି କନ୍ୟା

କୋଲକାତା, ୧୧।୩ (ଏଜେନ୍ସି):ପଶ୍ଚିମବଙ୍ଗ ଲୋକସଭା ନିର୍ବାଚନରେ ରୋଚକ ଲଢ଼େଇ ଦେଖିବାକୁ ମିଳିବ। ରାଜ୍ୟର ବିଷ୍ଣୁପୁର ଲୋକସଭା ଆସନରୁ ପୂର୍ବତନ ପତି-ପତ୍ନୀ ପରସ୍ପର ବିରୋଧରେ ଲଢ଼ିବାକୁ ଯାଉଛନ୍ତି। ଶାସକ ଦଳ ଟିଏମ୍‌ସି ରବିବାର ପ୍ରାର୍ଥୀ ଘୋଷଣା କରି ଏହି ଆସନରୁ ସୁଜାତା ମଣ୍ଡଳଙ୍କୁ ଟିକଟ ଦେଇଛି। ସେହିପରି ବିଜେପି ତାଙ୍କ ପୂର୍ବତନ ସ୍ୱାମୀ ସୌମିତ୍ର ଖାନଙ୍କୁ ପ୍ରାର୍ଥୀ କରିଛି। ଟିଏମ୍‌ସି ପୂର୍ବରୁ ବିଜେପି ମାର୍ଚ୍ଚ ୨ ପ୍ରାର୍ଥୀ ଘୋଷଣା କରିଥିଲା। ଏବେ ସୌମିତ୍ର ଏଠାକାର ସାଂସଦ ଅଛନ୍ତି। ୨୦୨୧ରେ ସୌମିତ୍ର ଏବଂ ସୁଜାତାଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଉଭୟେ ରାଜନୀତି ପାଇଁ ଅଲଗା ହୋଇଥିଲେ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ସୁଜାତା ନିଜ ସ୍ୱାମୀଙ୍କ ସହ ବିଜେପିରେ ଥିଲେ। କିନ୍ତୁ ପରେ ସେ ଦଳ ଛାଡ଼ି ଦେଇଥିଲେ। ସୌମିତ୍ର ଏଥିରେ ଅସନ୍ତୁଷ୍ଟ ହୋଇ ଯାଇଥିଲେ। ସେ କ୍ୟାମେରା ସାମ୍ନାରେ ସୁଜାତାଙ୍କୁ ଛାଡ଼ପତ୍ର ଦେବେ ବୋଲି କହିଥିଲେ। ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ ସୌମିତ୍ର ମଧ୍ୟ ଟିଏମ୍‌ସିରେ ଥିଲେ। ବିଜେପିରେ ସାମିଲ ହେବା ପରେ ତାଙ୍କୁ ବିଷ୍ଣୁପୁର ଲୋକସଭା ଆସନ ମିଳିଥିଲା। ସେ ନିର୍ବାଚନ ଜିତିଥିଲେ। ଏହି ନିର୍ବାଚନରେ ପତ୍ନୀ ସୁଜାତା ତାଙ୍କ ପାଇଁ ପ୍ରଚାର କରିଥିଲେ। ଏହା ପରେ ୨୦୨୧ ବିଧାନସଭା ନିର୍ବାଚନରେ ଟିଏମ୍‌ସି ସୁଜାତାଙ୍କୁ ଆରାମବାଗରେ ପ୍ରାର୍ଥୀ କରିଥିଲା। କିନ୍ତୁ ସେ ପରାଜିତ ହୋଇ ଯାଇଥିଲେ।



■ ରାଜନୀତି ପାଇଁ ପରସ୍ପର ହାତ ଛାଡ଼ିଥିଲେ ସୌମିତ୍ର-ସୁଜାତା

ସୁଜାତା ୨୦୨୦ ଡିସେମ୍ବର ୨୧ରେ ଟିଏମ୍‌ସିର ବରିଷ୍ଠ ନେତା ତଥା ସାଂସଦ ସୌଗତ ରାୟଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ।

ବିଜେପିର ଖରାପ ରାଜନୀତି ଯୋଗୁଁ ସେ ଟିଏମସିରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। ବିଜେପି ବଡ଼ ବଡ଼ ସ୍ୱପ୍ନ ଦେଖାଇ ଅନ୍ୟ ଦଳର ନେତାଙ୍କୁ ନିଜ ଆଡ଼କୁ ଟାଣି ନେଉଛି। କିଛି ନେତାଙ୍କୁ ଭଲ ପଦବୀ ଏବଂ ଆଉ କିଛିଙ୍କୁ ମୁଖ୍ୟମନ୍ତ୍ରୀ ବନାଇବାକୁ ପ୍ରତିଶ୍ରୁତି ଦେଉଛି। ବିଜେପିରେ ଯୋଗ୍ୟ ଲୋକଙ୍କୁ ସମ୍ମାନ ମିଳୁନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ସୌମିତ୍ର କମ୍ୟୁନିଷ୍ଟ ଦଳର ୪୩ ବର୍ଷର ରାଜକୁ ଶେଷ କରି ବିଷ୍ଣୁପୁରରୁ ନିର୍ବାଚନ ଜିତିଥିଲେ। ୨୦୧୪ରେ ସେ ଟିଏମ୍‌ସିରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୨୦୧୯ରେ ପୁଣି ବିଜେପିରୁ ଏହି ଆସନରୁ ବିଜୟୀ ହୋଇଥିଲେ। ଆଗାମୀ ନିର୍ବାଚନରେ କିଏ ବିଜୟୀ ହେଉଛି ତାହା ଦେଖିବା ବାକି ରହିଲା।

ଓସ୍କାର-୨୦୨୪

## ମର୍ଫି ଶ୍ରେଷ୍ଠ ଅଭିନେତା. ନୋଲାନ୍ ଶ୍ରେଷ୍ଠ ନିର୍ଦ୍ଦେଶକ, ଇମା ଷ୍ଟୋନ୍ ଶ୍ରେଷ୍ଠ ଅଭିନେତ୍ରୀ

କାର୍ଲିଫର୍ଣ୍ଣିଆ, ୧୧।୩(ଏଜେନ୍ସି): ଆଣବିକ ବୋମାର ଜନକ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ରବର୍ଟ ଓପେନହାଇମରଙ୍କ ଜୀବନୀ ଆଧାରିତ ଚଳଚ୍ଚିତ୍ର (ବାୟୋପିକ୍) 'ଓପେନହାଇମର'ରେ ମୁଖ୍ୟ ଚରିତ୍ର(ରବର୍ଟ ଓପେନହାଇମର)ରେ ଅଭିନୟ କରିଥିବା ଆଇରିସ୍ ଅଭିନେତା ସିଲିଆନ୍ ମର୍ଫିଙ୍କୁ ଶ୍ରେଷ୍ଠ ଅଭିନେତା ଓ ସେହି ବାୟୋପିକ୍'ର ନିର୍ଦ୍ଦେଶକ ବ୍ରିଟିଶ-ଆମେରିକାନ୍ ଚଳଚ୍ଚିତ୍ର ନିର୍ମାତା ଖ୍ରୀଷ୍ଟୋଫର ନୋଲାନଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତର ସବୁଠୁ ସମ୍ମାନଜନକ ସ୍ୱୀକୃତି 'ଓସକାର ଆୱାର୍ଡ' ମିଳିଛି। ୯୬ତମ ଆକାଡେମୀ ଆୱାର୍ଡ ପ୍ରଦାନ ପାଇଁ ଆୟୋଜିତ ଉତ୍ସବରେ ଶ୍ରେଷ୍ଠ ଅଭିନେତା ଘୋଷିତ ସିଲିଆନ୍ ମର୍ଫି କହିଛନ୍ତି, 'ପରମାଣୁ ବୋମା ବିସ୍ଫୋରଣର ପରିଣାମ ଓ ଦୁଷ୍ପ୍ରଭାବ କ'ଣ ହୋଇପାରେ ତାହା ନଜାଣିଥିବା ସତ୍ତ୍ୱେ ଓପେନହାଇମର ଓ ତାଙ୍କ ସାଥୀ ବୈଜ୍ଞାନିକମାନେ ୧୬ ଜୁଲାଇ ୧୯୪୫ରେ ଆଣବିକ ବୋମା ପରୀକ୍ଷଣ କରିଥିଲେ। ଆମେ ଆଜି ପରମାଣୁ ବୋମାର ଯୁଗରେ ଅକଳ୍ପନୀୟ ବିଭୀଷିକାର ଆଶଙ୍କାରେ ଜୀବନ ବିତାଉଛୁ। ଓପେନହାଇମର ଚରିତ୍ରରେ ଅଭିନୟ କରି ଯେଉଁ ଶ୍ରେଷ୍ଠ ଅଭିନେତା ଆୱାର୍ଡ ପାଇଛି ତାହାକୁ ବିଶ୍ୱରେ ଶାନ୍ତି ପାଇଁ ସର୍ବତ୍ର, ନିରନ୍ତର ଉଦଯୋଗ କରୁଥିବା ଲୋକଙ୍କୁ ଉତ୍ସର୍ଗ କରୁଛି।' ବାୟୋପିକ୍ 'ଓପେନହାଇମର' ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ସହାୟକ ଅଭିନେତା ସମେତ ମୋଟ ୭ଟି ବିଭାଗରେ ଓସକାର ଆୱାର୍ଡ ପାଇଛି। 'ପୁଅର ଥିଂଗସ' ଚଳଚ୍ଚିତ୍ରରେ ଅସାମାନ୍ୟ ଅଭିନୟ କୁଶଳତା ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଇମା ଷ୍ଟୋନଙ୍କୁ 'ଓସକାର ଆୱାର୍ଡ' ମିଳିଛି।



ସକାଳ
THE SAKALA

## ନିର୍ବାଚନ କମିଶନର ଆଶୁ ଚୟନ ପ୍ରସଙ୍ଗ

# ଆସନ୍ତା ସାଧାରଣ ନିର୍ବାଚନ ସଙ୍କଟରେ ନପଡୁ

ଲୋକସଭା ନିର୍ବାଚନ ଘୋଷଣାର ଅଳ୍ପ କେଇଦିନ ପୂର୍ବରୁ ନିର୍ବାଚନ ଆୟୋଗର ଜଣେ ସଦସ୍ୟ ଅରୁଣ ଗୋୟଲ ଅପ୍ରତ୍ୟାଶିତ ଭାବେ ଇସ୍ତଫା ଦେବା ଯେତିକି ରହସ୍ୟପୂର୍ଣ୍ଣ ତତୋଧିକ ଚିନ୍ତାଜନକ। ସେ ଦେଶର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ହୋଇପାରିଥା'ନ୍ତେ। ନିଜ ଇସ୍ତଫାପତ୍ରରେ ସେ କୌଣସି କାରଣ ଦର୍ଶାଇ ନଥିବାରୁ ତାଙ୍କ ଇସ୍ତଫାକୁ ନେଇ ଅନେକ କଳ୍ପନାଜଳ୍ପନା ରାଜନୈତିକ ମହଲରେ ହେବା ସ୍ୱାଭାବିକ। ତେବେ ଶ୍ରୀ ଗୋୟଲଙ୍କ ଇସ୍ତଫା ଫଳରେ ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗରେ ବର୍ତ୍ତମାନ କେବଳ ଜଣେ ମାତ୍ର ସଦସ୍ୟ ଅଛନ୍ତି, ଯେ କି ମୁଖ୍ୟ ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ସେ ହେଲେ ରାଜୀବ କୁମାର। କେନ୍ଦ୍ର ସରକାର ଏବେ ଏଭଳି ଅପ୍ରତ୍ୟାଶିତ ପରିସ୍ଥିତିର ସମ୍ମୁଖୀନ ହେବା ପରେ ଜରୁରିକାଳୀନ ଭିତ୍ତିରେ ଦୁଇଟି ରିକ୍ତ ନିର୍ବାଚନ କମିଶନର ପଦ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଚଳିତ ମାସ ୧୫ ତାରିଖ ସୁଦ୍ଧା ଏ କାମ ଶେଷ ହେଲେ ଯାଇ ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବ। ତେବେ ସରକାର ଯେଉଁ ତରବରିଆ ଭାବେ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତା' ବିରୋଧରେ କେତେକ ସୁପ୍ରିମକୋର୍ଟରେ ମାମଲା ରୁଜୁ କରି ଏହା ନୂତନ ଚୟନ ଆଇନ ପ୍ରକ୍ରିୟାରେ ନ କରିବାକୁ ପ୍ରାର୍ଥନା କରିଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ କି ନିଷ୍ପତ୍ତି ନେବେ, ତାହା ଭିନ୍ନ କଥା।

ମୁଖ୍ୟ ବିରୋଧୀ ଦଳ ଜାତୀୟ କଂଗ୍ରେସ ପକ୍ଷରୁ କମିଶନର ଗୋୟଲ୍‌ଙ୍କ ଅଚାନକ ଇସ୍ତଫା ଉପରେ ବଡ଼ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏହି ପ୍ରକରଣରେ କିଛି ଅସାଧୁ ଦେଣନେଣର ଆଶଙ୍କା ପ୍ରକାଶ କରିଛନ୍ତି। ବିଶେଷକରି ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏଭଳି ଏକ ଘଟଣା ଏ ସମ୍ପର୍କୀୟ ଆମ ସାମ୍ବିଧାନିକ ପ୍ରକ୍ରିୟାରେ କିଛିଟା ଦୁର୍ବଳତାକୁ ମଧ୍ୟ ଦର୍ଶାଉଛି। ଅବଶ୍ୟ ଏ ମଧ୍ୟରେ ନୂତନ ଚୟନ ପ୍ରକ୍ରିୟା ନିୟମ ଅନୁଯାୟୀ କେନ୍ଦ୍ର ସରକାର ସ୍ଥାୟୀ ଚୟନ ସମିତିର ଅନ୍ୟତମ ସଭ୍ୟ ଲୋକସଭାରେ ବିରୋଧୀ ଦଳର ନେତା କଂଗ୍ରେସର ଅଧୀର ରଞ୍ଜନ ଚୌଧୁରୀଙ୍କୁ ଏହି ଆସନ୍ନ ଚୟନ ପ୍ରକ୍ରିୟା ପାଇଁ ଆଗରୁ ସୂଚିତ କରାଇସାରିଲେଣି। ଶ୍ରୀଚୌଧୁରୀ ଏହି ଚୟନ ସମିତିର ବୈଠକରେ ଯୋଗ ଦେବେ ବୋଲି ସମ୍ମତି ଦେଇଛନ୍ତି, କିନ୍ତୁ ତାରିଖ ଘୋଷଣା ଅପେକ୍ଷାରେ ଅଛନ୍ତି।

ଏ ଦେଶରେ ମୂଳରୁ ଜଣିକିଆ ନିର୍ବାଚନ କମିଶନର ବ୍ୟବସ୍ଥା ଥିଲା। ଏହା ଅଧୀନରେ ଦେଶରେ ଅନେକ ସାଧାରଣ ନିର୍ବାଚନ ପରିଚାଳିତ ହୋଇଛି। ତେବେ ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ନିର୍ବାଚନ କମିଶନର ଟିଏନ୍ ଶେଷାନଙ୍କ କାର୍ଯ୍ୟକାଳ ସମୟରେ ତାଙ୍କର ଅତିକ୍ରିୟା ଓ କାର୍ଯ୍ୟ ଫଳରେ ବୋଧହୁଏ ତାଙ୍କୁ ନିୟନ୍ତ୍ରଣରେ ରଖିବାକୁ ତତ୍କାଳୀନ କେନ୍ଦ୍ର ସରକାର ଏହି ଆୟୋଗକୁ ତିନିଜଣିଆ କରାଗଲା। ଜଣେ ମୁଖ୍ୟ କମିଶନର ଓ ଅନ୍ୟ ଦୁଇଜଣ କମିଶନର ରହିବା ଫଳରେ ମୁଖିଆ ଏକାଟିଆ କୌଣସି ନିଷ୍ପତ୍ତି ନେବାର ଅଧିକାର ହରାଇଲେ। ତେଣୁ ଆୟୋଗର ବ୍ୟବସ୍ଥାରେ ବହୁମତ ଏକ ଅପରିହାର୍ଯ୍ୟ ଆବଶ୍ୟକତା ପାଲଟିଲା। ଏବେ ତିନିଜଣିଆ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କର କାର୍ଯ୍ୟକାଳ ପୂର୍ବରୁ ଶେଷ ହୋଇଥିବା ବେଳେ ଆଉ ଜଣେ ରହସ୍ୟଜନକ ଭାବେ ଇସ୍ତଫା ଦେଇଛନ୍ତି। ତେଣୁ ରାଜୀବ କୁମାର ଏକମାତ୍ର କମିଶନ ତଥା ଏହାର ମୁଖ୍ୟ ଭାବେ ଅବସ୍ଥାପିତ। ସମ୍ବିଧାନ ମତେ ସେ ଏକା ଆସନ୍ନ ସାଧାରଣ ନିର୍ବାଚନକୁ ପରିଚାଳନା କରିପାରିବେ ନାହିଁ।

ଏହିଭଳି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ହେଲା ତୁରନ୍ତ ଦୁଇଜଣ ନିର୍ବାଚନ କମିଶନରଙ୍କ ପଦ ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଯଥାଶୀଘ୍ର ଶେଷ କରିବେ। ଏଥିପାଇଁ ସମୟ ଯଥେଷ୍ଟ ଅଛି ଏବଂ ପ୍ରାକ୍‌ଚୟନ(ସର୍ଚ୍ଚ) କମିଟି ଏହାର ପ୍ରକ୍ରିୟା ଆରମ୍ଭ କରିସାରିଲେଣି। ଏହାପୂର୍ବରୁ ଅରୁଣ ଗୋୟଲ୍‌ଙ୍କ ଚୟନ ଅପ୍ରତ୍ୟାଶିତ ଭାବେ ବହୁଶୀଘ୍ର କରାଯାଇଥିଲା ଏବଂ ସେଥିପାଇଁ ମାମଲା ସୁପ୍ରିମକୋର୍ଟରେ ଉଠାଯାଇଥିଲା। ସୁପ୍ରିମକୋର୍ଟ ସମ୍ବିଧାନ ଓ ଆଇନର ତର୍ଜମା କରି ଏଭଳି ଚୟନ ପ୍ରକ୍ରିୟାରେ ସଂଶୋଧନ ନିମନ୍ତେ ରାୟ ଦେଇଥିଲେ ଏବଂ ପାର୍ଲାମେଣ୍ଟ ଦ୍ୱାରା ନୂତନ ଆଇନ ପ୍ରଣୟନ ହେବା ପୂର୍ବରୁ ଏକ ଅନ୍ତରୀଣ ବ୍ୟବସ୍ଥା ଭାବରେ ଏକ ଚୟନ କମିଟି ମଧ୍ୟ ନିର୍ଦ୍ଧାରିତ କରିଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହି କମିଟିରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସଭ୍ୟ ରୂପେ ସ୍ଥାନିତ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶର ଆଭିମୁଖ୍ୟ ଚୟନ ପ୍ରକ୍ରିୟାକୁ ନିରପେକ୍ଷ ଓ ନ୍ୟାୟସମ୍ମତ ରଖିବା ପାଇଁ କରାଯାଇଥିଲା ବୋଲି ସମୀକ୍ଷକଙ୍କ ମତ ଥିଲା। ତେବେ ପାର୍ଲାମେଣ୍ଟ ଦ୍ୱାରା ଏନ୍‌ଡିଏ ସରକାର ନିର୍ବାଚନ କମିଶନର ନିଯୁକ୍ତି ପାଇଁ ଏକ ବିଶେଷ ଆଇନ ଇତିମଧ୍ୟରେ ପାସ୍ କରାଇଲେ। ଏହି ନୂତନ ଆଇନରେ ଚୟନ ସମିତିର ସଭ୍ୟ ରୂପେ ପ୍ରଧାନମନ୍ତ୍ରୀ, ଆଇନ ମନ୍ତ୍ରୀ, ଅନ୍ୟ ଜଣେ ଚୟନିତ କେନ୍ଦ୍ର ମନ୍ତ୍ରୀ ତଥା ଲୋକସଭାରେ ବିପକ୍ଷ ଦଳର ନେତାଙ୍କୁ ରଖାଗଲା। ତେଣୁ ସମ୍ପ୍ରତି ଏହି ନୂତନ ଆଇନ ବ୍ୟବସ୍ଥା ଅନୁଯାୟୀ, ଦୁଇ ନିର୍ବାଚନ କମିଶନରଙ୍କ ଚୟନକୁ ନେଇ କୌଣସି ଆଶଙ୍କା ରଖିବା ଅନୁଚିତ। କାରଣ ସଂସଦ ହିଁ ଆଇନ ପ୍ରଣୟନ ନିମନ୍ତେ ସାମ୍ବିଧାନିକ ସାର୍ବଭୌମ ଅଧିକାର ପ୍ରାପ୍ତ।

ସାଧାରଣ ନିର୍ବାଚନ ଅତି ନିକଟ ହୋଇଯାଇଥିବାରୁ ଏଭଳି ଏକ ଘଟଣାରେ ରାଜନୈତିକ ତର୍କ-ବିତର୍କ ହେବା ସ୍ୱାଭାବିକ। ବିରୋଧୀ ଦଳ ପକ୍ଷରୁ ନିଶ୍ଚିତ ଭାବେ ସମାଲୋଚନାର ସ୍ୱର ଉଠିବ ଯେ ସୁପ୍ରିମକୋର୍ଟ ଦ୍ୱାରା ପ୍ରଦତ୍ତ ପୂର୍ବତନ ନିର୍ଦ୍ଦେଶ ଅନୁସାରେ ନିର୍ବାଚନ କମିଶନର ଚୟନ ଓ ନିଯୁକ୍ତିକୁ କେନ୍ଦ୍ର ସରକାର ବିରୋଧ କରିବା ଉଚିତ ହୋଇନାହିଁ। ନୂତନ ଆଇନ ଅନୁସାରେ ଚୟନ ସମିତି ସର୍ବସମ୍ମତିରେ କାହାକୁ ଚୟନ କଲେ ମଧ୍ୟ ସରକାରୀ ପକ୍ଷର ସଭ୍ୟ ସଂଖ୍ୟା ଅଧିକ ଥିବାରୁ ଏହା ଅନୈତିକ ବୋଲି ପ୍ରଶ୍ନ ଉଠାଯିବ। ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବହୁମତର ନ୍ୟାୟିକ ଔଚିତ୍ୟ ଥିବାରୁ ସଂସଦରେ ବିଲ୍ ଓ ବଜେଟ୍ ପାରିତ ହେବା ଠାରୁ ଆରମ୍ଭ କରି ବରିଷ୍ଠ ସାମ୍ବିଧାନିକ ପଦପଦବୀରେ ଚୟନ ପାଇଁ ବହୁମତ ଭିତ୍ତିରେ ନିଷ୍ପତ୍ତି ନିଆଗଲେ ସେଥିରେ ଆପତ୍ତି ବା କ'ଣ ରହିପାରେ? ତେବେ ବିରୋଧୀ ଦଳ ଓ ସ୍ୱାଧୀନ ଗବେଷକ ଓ ପର୍ଯ୍ୟବେକ୍ଷକ ଭିନ୍ନ ମତ ପୋଷଣ କରିବା ସ୍ୱାଭାବିକ। ଏବେ ଏହି ମାମଲାଟି ପୁଣି ଥରେ ସୁପ୍ରିମକୋର୍ଟ ଯାଇଥିବାରୁ ଏ ସମ୍ପର୍କରେ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବା ବାଞ୍ଛନୀୟ। ତେବେ ନିର୍ବାଚନ ପାଇଁ ସାମ୍ବିଧାନିକ ପ୍ରକ୍ରିୟାରେ ଯେଭଳି କୌଣସି ବାଧା ନ ଉପୁଜେ ଓ ସଙ୍କଟ ସୃଷ୍ଟି ନ ହୁଏ ତାହା ଦେଖିବା ସରକାର ଓ ନ୍ୟାୟପାଳିକାର ପ୍ରଧାନ କର୍ତ୍ତବ୍ୟ।

# ଜିଏସ୍‌ଟି: ପରୋକ୍ଷ ଟିକସ ବ୍ୟବସ୍ଥାରେ ସଫଳ ସଂସ୍କାର



ଅରବିନ୍ଦ ରାଉତରାୟ
କଟକ, ମୋ: ୯୪୩୭୧୩୪୪୦୦

ଭାରତୀୟ ସମ୍ବିଧାନର ସଂଶୋଧନ ବିଲ ସଂସଦର ଅନୁମୋଦନ ଲାଭ କରିବା ପରେ ୨୦୧୭ ଜୁଲାଇ ଆରମ୍ଭରୁ 'ଜିଏସ୍‌ଟି' ବା 'ଦ୍ରବ୍ୟ ଓ ସେବା ଟିକସ' ଦେଶରେ ଲାଗୁ ହେଲା। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରଚଳିତ ବହୁବିଧ ପରୋକ୍ଷ ଟିକସ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଓ 'ଏକ ରାଷ୍ଟ୍ର ଏକ ଟିକସ' ବ୍ୟବସ୍ଥାର ପ୍ରଚଳନ ଲକ୍ଷ୍ୟ ନେଇ ୨୦୦୦ରେ ଯେଉଁ ପ୍ରୟାସର ସୂତ୍ରପାତ ହୋଇଥିଲା, ତା'ର ଜନକ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ। ବିଶ୍ୱର ୧୪୦ଟି ରାଷ୍ଟ୍ରରେ ଲାଗୁ ହେଉଥିବା ଏହି ଟିକସ ଢାଞ୍ଚାର ପ୍ରଥମ ସ୍ପର୍ଶ ପାଇଥିଲା ଫ୍ରାନ୍ସ। ଦେଶର ଶାସନ ପ୍ରକ୍ରିୟାକୁ ସୁସଂଗତ କରିବା ଏବଂ ବିକାଶ ଧାରାକୁ ନିରବଚ୍ଛିନ୍ନ ଓ ଊର୍ଦ୍ଧ୍ୱଗାମୀ କରିବା ପାଇଁ ଏକ ସ୍ୱଚ୍ଛ, ସରଳ ଓ ବୋଝରହିତ ପରୋକ୍ଷ ଟିକସ ବ୍ୟବସ୍ଥା ଯେ ଅପରିହାର୍ଯ୍ୟ, ତାହା ଅନୁଭୂତ ହୋଇଥିଲା। ବାଜପେୟୀଙ୍କ ଶାସନ କାଳରେ ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା ବିଜୟ ଏଲ୍ କେଲକାରଙ୍କ ନେତୃତ୍ୱରେ ଏକ ଟାସ୍କଫୋର୍ସ ଗଠିତ ହୋଇଥିଲା ୨୦୦୪ରେ। ପ୍ରଚଳିତ ପରୋକ୍ଷ ଟିକସ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଅସଙ୍ଗତି ଓ ତ୍ରୁଟିବିଚ୍ୟୁତିର ସଂସ୍କାର କେବଳ ଏକକ ଟିକସ ବ୍ୟବସ୍ଥା 'ଜିଏସ୍‌ଟି' ମାଧ୍ୟମରେ ଅଣାଯାଇପାରିବ ବୋଲି 'କେଲକାର କମିଟି' ରିପୋର୍ଟ ପ୍ରଦାନ କରିଥିଲେ।

୨୦୦୫ ଫେବୃଆରୀରେ ତତ୍କାଳୀନ ୟୁପିଏ ସରକାରଙ୍କ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ପରୋକ୍ଷ ଟିକସ ଢାଞ୍ଚାରେ ଏକ ମଧ୍ୟମ ଓ ଦୀର୍ଘମିଆଦୀ ସଂସ୍କାର କେବଳ 'ଜିଏସ୍‌ଟି' ମାଧ୍ୟମରେ ଅଣାଯାଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କେବଳ ସେତିକି ନୁହେଁ, ୨୦୦୭-୨୦୦୮ ବଜେଟ୍ ଆଲୋଚନା ବେଳେ 'ଜିଏସ୍‌ଟି' ସମ୍ପର୍କିତ ଚୂଡ଼ାନ୍ତ ବିଶଦ ରିପୋର୍ଟ ୨୦୧୦ ଏପ୍ରିଲ୍ ପହିଲା ସୁଦ୍ଧା ଦେଶବାସୀଙ୍କ ପାଇଁ ସମର୍ପିତ ହେବ ବୋଲି ପ୍ରକାଶ କରିଥିଲେ। ୨୦୦୯ ଜୁଲାଇରେ ତତ୍କାଳୀନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ ମଧ୍ୟ 'ଜିଏସ୍‌ଟି'ର ଆବଶ୍ୟକତାକୁ ଉପଲବ୍ଧି କରିଥିଲେ ଓ ପରବର୍ତ୍ତୀ ସମୟରେ ଏହି ଟିକସ ବ୍ୟବସ୍ଥାର ମୂଳଭିତ୍ତି ପ୍ରସ୍ତୁତ କରାଯାଇଥିଲା। ବଜେଟ୍‌ରେ ଏଥିପାଇଁ ୧୧୩୨ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ କରାଯାଇଥିଲା। ଏହି ସଂସ୍କାରକୁ ସ୍ୱଚ୍ଛ ଓ ସରଳ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟମାନଙ୍କରେ ପ୍ରଚଳିତ ବାଣିଜ୍ୟ କର ବ୍ୟବସ୍ଥାର କମ୍ପ୍ୟୁଟରୀକରଣ ପାଇଁ ପଦକ୍ଷେପ ନିଆଯାଇଥିଲା।

୨୦୧୧ ମାର୍ଚ୍ଚରେ ସରକାର ଜିଏସ୍‌ଟି ପାଇଁ ଯେତେବେଳେ ୧୧୫ତମ ସମ୍ବିଧାନ ସଂଶୋଧନ ବିଲ ଆଣିଥିଲେ, ତତ୍କାଳୀନ ବିରୋଧୀ ଦଳ ତାହାକୁ ପାରୁ ପର୍ଯ୍ୟନ୍ତ ବିରୋଧ କରିବାକୁ ପଛାଇ ନଥିଲେ। ୨୦୧୩ କେନ୍ଦ୍ର ବଜେଟ୍‌ରେ ଜିଏସ୍‌ଟି ଲାଗୁ ସମ୍ପର୍କିତ କ୍ଷତିର ଭରଣା କରିବା ପାଇଁ ସରକାର ୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ବେଳେ ଶିଳ୍ପସମୃଦ୍ଧ ଗୁଜରାଟ ୧୪ ହଜାର କୋଟି ଟଙ୍କାର କ୍ଷତିର ଆଶଙ୍କା କରି ତୀବ୍ର ବିରୋଧ କରିଥିଲା। ମାତ୍ର ଆଜି ଜିଏସ୍‌ଟିକୁ ସଫଳ ରୂପ ଦେବାରେ ସେହି ରାଜ୍ୟ ଗୁଜୁରାଟ ତୃତୀୟ ସ୍ଥାନରେ ରହିଛି। ୨୦୨୩ ଆର୍ଥିକ ବର୍ଷରେ ଏହି ରାଜ୍ୟ ୯ ହଜାର ୮ ଶହ କୋଟି ଟଙ୍କାର ଟିକସ ରାଜସ୍ୱ ଦେଇଥିବା ବେଳେ ମହାରାଷ୍ଟ୍ର ୨୩ ହଜାର ୫୩୬ କୋଟି ଟଙ୍କାର ରାଜସ୍ୱ ଦେଇ ପ୍ରଥମ ଓ କର୍ଣ୍ଣାଟକ ୧୧ ହଜାର ୩୧୭ କୋଟି ଟଙ୍କା ଦେଇ ଦ୍ୱିତୀୟ ସ୍ଥାନରେ ରହିଛି। ଅବଶ୍ୟ ସର୍ବନିମ୍ନ ତାଲିକାରେ ହିମାଚଳ ପ୍ରଦେଶ, ଗୋଆ, ତ୍ରିପୁରା, ମେଘାଳୟ, ମଣିପୁର, ଅରୁଣାଚଳ ପ୍ରଦେଶ ଆଦି ସ୍ଥାନିତ ହୋଇଛନ୍ତି।



ସେହିପରି ଏ ବାବଦ ଶୁଳ୍କ ସଂଗ୍ରହର ବାର୍ଷିକ ହିସାବକୁ ଯଦି ଆମେ ଦେଖିବା ୨୦୨୨ ଅପ୍ରେଲରୁ ଡିସେମ୍ବର ମଧ୍ୟରେ ୧୩ ଲକ୍ଷ ୪୦ ହଜାର କୋଟି ଟଙ୍କାର ରାଜସ୍ୱ ମିଳିଥିବା ବେଳେ ପରବର୍ତ୍ତୀ ଅର୍ଥାତ୍ ୨୦୨୩ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ତାହା ୧୨ ପ୍ରତିଶତ ବୃଦ୍ଧି ପାଇ ୧୪ ଲକ୍ଷ ୯୨୭ ହଜାର କୋଟିରେ ପହଞ୍ଚିଥିଲା। ୨୦୧୫ରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏ ସମ୍ପର୍କିତ ୧୨୨ ତମ ସମ୍ବିଧାନ ସଂଶୋଧନ ବିଲ ଲୋକସଭାରେ ଆଗତ କରିଥିଲେ ଓ ତାହା ସଦନର ଅନୁମୋଦନ ଲାଭ କରିଥିଲା। ୨୦୧୬ ଜୁନ୍‌ରେ ସେ ଏ ସମ୍ପର୍କିତ ଆଇନର ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଥିଲେ ଓ ସେହି ବର୍ଷ ଅଗଷ୍ଟରେ ତାହା ରାଜ୍ୟସଭାରେ ମଧ୍ୟ ଅନୁମୋଦିତ ହୋଇଥିଲା। ଅନୁମୋଦିତ ଆଇନରେ ଜିଏସ୍‌ଟିକୁ ଚାରିଭାଗରେ ବିଭକ୍ତ କରାଯାଇଥିଲା ଦ୍ରବ୍ୟ ଓ ସେବାର ପ୍ରଚଳନ ଭିତ୍ତିରେ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱିତ ଦ୍ରବ୍ୟ ଓ ସେବା କାରବାର ଆଇଜିଏସ୍‌ଟି, କେନ୍ଦ୍ର ଅଧୀନସ୍ଥ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର ବା ସିଜିଏସ୍‌ଟି, ରାଜ୍ୟ ମଧ୍ୟରେ ପ୍ରଚଳିତ ରାଜ୍ୟ ଦ୍ରବ୍ୟ ଓ ସେବା କର- ଏସ୍‌ଜିଏସ୍‌ଟି ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୟୁଟିଜିଏସ୍‌ଟିର ପ୍ରଚଳନ ଆରମ୍ଭ ହୋଇଥିଲା। ଏଥିପାଇଁ କେନ୍ଦ୍ର ସରକାର ପ୍ରଚଳିତ ଟିକସ ବ୍ୟବସ୍ଥା ଓ ଟିକସ ହାରରେ ଆବଶ୍ୟକ ପରିବର୍ତ୍ତନ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନେତୃତ୍ୱରେ ଜିଏସ୍‌ଟି ପରିଷଦ ମଧ୍ୟ ଗଠନ କରିଥିଲେ।

ଏବେ ନିୟମିତ କରଦାତାଙ୍କ ପାଇଁ ପାଞ୍ଚସ୍ତରୀୟ ଟିକସ ବ୍ୟବସ୍ଥା ଲାଗୁ ହେଉଛି। ଶୂନ୍ୟ ଟିକସଠାରୁ ଆରମ୍ଭ କରି ୫ ପ୍ରତିଶତ, ୧୨, ୧୮ ଓ ସର୍ବୋଚ୍ଚ ୨୮ ପ୍ରତିଶତ ହାରରେ ଏହା ସଂଗୃହୀତ ହେଉଛି। ଏହି ବ୍ୟବସ୍ଥାରୁ ରାଜ୍ୟମାନଙ୍କରେ ପେଟ୍ରୋଲ ସାମଗ୍ରୀ ଓ ମାଦକ ଦ୍ରବ୍ୟ ଆଦିକୁ ବାଦ ଦିଆଯାଇଛି। ତେବେ କୌଣସି ଗ୍ରାହକ ଏହି ଟିକସ ସିଧାସଳଖ ସରକାରଙ୍କୁ ଦେବାର କୌଣସି ବ୍ୟବସ୍ଥା ନାହିଁ। ସେଥିପାଇଁ ତ ଏହା ପରୋକ୍ଷ କର ଭାବେ ପରିଗଣିତ। ଗ୍ରାହକ ଦ୍ରବ୍ୟ କ୍ରୟ ବା କୌଣସି ସେବା ଉପଲବ୍ଧି କରିବା ବେଳେ ପଞ୍ଜୀକୃତ ବିକ୍ରେତାଙ୍କୁ ଏହି ଟିକସ ପ୍ରଦାନ କରିଥା'ନ୍ତି ଓ ତାହା କେନ୍ଦ୍ର ସରକାରଙ୍କୁ ପୈଠ କରାଯାଇଥାଏ। ସଂଗୃହୀତ ଟିକସ ପ୍ରକ୍ରିୟାରେ ରାଜ୍ୟମାନେ ସେମାନଙ୍କ ଭାଗ କେନ୍ଦ୍ର ସରକାରଙ୍କଠାରୁ ପାଇଥା'ନ୍ତି। କେତେକ ଦେଶରେ ଏହି ପ୍ରକ୍ରିୟା ମୂଲ୍ୟମିଶ୍ରିତ କର ବା ଭ୍ୟାଟ୍ ଭାବେ ପରିଗଣିତ। ମାତ୍ର ବିକ୍ରେତା ନିୟମିତ କର ସମ୍ପର୍କିତ ରିଟର୍ଣ୍ଣ ନ ଦେଲେ ଦୈନିକ ଜୋରିମାନାର ବ୍ୟବସ୍ଥା ରହିଛି। ଏପରିକି ଟିକସ ଖିଲାପକାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତ ପର୍ଯ୍ୟନ୍ତ କ୍ଷମତା ଏହି ବ୍ୟବସ୍ଥାରେ ରଖାଯାଇଛି। ଜିଏସ୍‌ଟି ପ୍ରଚଳନ ପ୍ରାରମ୍ଭରେ ଅର୍ଥାତ୍ ୨୦୧୭-୨୦୧୮ରେ ଏ ବାବଦ ରାଜସ୍ୱ ମାତ୍ର ୭ ଲକ୍ଷ ୧୯ ହଜାର ୭୮ କୋଟି ଟଙ୍କା ଥିଲା। ୨୦୨୦-୨୧ରେ ମହାମାରୀ କୋଭିଡ୍ ସମଗ୍ର ଦେଶକୁ ଗ୍ରାସ କରି ଥିବା ବେଳେ ଜିଏସ୍‌ଟି ରାଜସ୍ୱ ୧୧ଲକ୍ଷ ୩୬ ହଜାର ୮୦୩ କୋଟିକୁ ଖସିଆସିଥିଲା।

ଏକ ବିକାଶମୁଖୀ ରାଷ୍ଟ୍ରରେ ବିକାଶ ଧାରାକୁ ବଜାୟ ରଖିବା ପାଇଁ ରାଜସ୍ୱ ସଂଗ୍ରହରେ ଅଭିବୃଦ୍ଧି ଏକାନ୍ତ ଅପରିହାର୍ଯ୍ୟ। ପ୍ରଚଳିତ ପରୋକ୍ଷକର ସଂସ୍କାରର ସଫଳ ରୂପାୟନ ଓ ସୁଫଳ ରାଜସ୍ୱ ସଂଗ୍ରହ ଲକ୍ଷ୍ୟକୁ ସୁପଥଗାମୀ କରିଚାଲିଛି। ସରଳଭାଷାରେ କହିବାକୁ ଗଲେ ଜିଏସ୍‌ଟି ପ୍ରଚଳନ ଦେଶରେ ସଫଳ ହେବା ସହିତ ଟିକସ ବ୍ୟବସ୍ଥାର ସଂସ୍କାର କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। କେବଳ ସେତିକି ନୁହେଁ ପ୍ରଚଳିତ ବହୁବିଧ ଟିକସ ଓ ସେବା ବ୍ୟବସ୍ଥା ଉଚ୍ଛେଦ ହେବା ସହିତ 'ଇନିସ୍‌ପେକ୍ଟର ରାଜ'ର ମଧ୍ୟ ଅନ୍ତ ଘଟିଛି। ଜିଏସ୍‌ଟି ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ବା ଡିଜିଟାଲ ହେବା ଯୋଗୁଁ ସମଗ୍ର ଦେଶରେ ଟିକସ ସଂଗ୍ରହ କ୍ଷେତ୍ରରେ ସ୍ୱଚ୍ଛ ବାତାବରଣ ସୃଷ୍ଟି କରାଯାଇପାରିଛି। ଆଇନକୁ ଏତେ କଡ଼ା କରାଯାଇଛି ଯେ କର୍ମଚାରୀ ହୁଅନ୍ତୁ ବା ବ୍ୟବସାୟୀ କେହି ଦୁର୍ନୀତି ଓ ଅନୀତିର ସାହାରା ନେବା ଅସମ୍ଭବ।

ଅର୍ଥନୈତିକ ପ୍ରଗତି ଦିଗକୁ ଯଦି ଆମେ ପରଖିବା ତେବେ ପ୍ରଚଳିତ ସଂସ୍କାର ବ୍ୟବସ୍ଥାରେ ବିଦେଶୀ ପୁଞ୍ଜି ଆଗମନ ସହଜ ଓ ବିଶ୍ୱସନୀୟ ହୋଇପାରିଛି। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ହାରାହାରି ୩ ପ୍ରତିଶତ ବୃଦ୍ଧି ପାଇବା ସହିତ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ ଓ ଦିଲ୍ଲୀରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଆଶାତୀତ ବୃଦ୍ଧି ପାଇଛି। ୨୦୨୩ରେ ଯୁକ୍ତରାଷ୍ଟ୍ର ଆମେରିକା, ମରିସସ, ଇଂଲଣ୍ଡ ଓ ସିଙ୍ଗାପୁରରୁ ବିଦେଶୀ ପୁଞ୍ଜି ଆଗମନରେ ଯଥେଷ୍ଟ ଅଭିବୃଦ୍ଧି ଘଟିବା, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏହି ଏକକ ଟିକସ ବ୍ୟବସ୍ଥା ପ୍ରଚଳନ ଯୋଗୁଁ ସମ୍ପର୍କ ବୃଦ୍ଧି ଦିଗରେ ମଧ୍ୟ ସହାୟକ ହୋଇଛି। ସରଳ ଭାଷାରେ କହିବାକୁ ଗଲେ ଦେଶର ସାମଗ୍ରିକ ଜାତୀୟ ଉତ୍ପାଦ ବା ଜିଡିପିର ଅଭିବୃଦ୍ଧି ଘଟିବା, ପୂର୍ବ ପ୍ରଚଳିତ 'ଟିକସ ଉପରେ ଟିକସ' ପ୍ରଥାର ଅବସାନ ଘଟିବା ଓ ଦେଶର ଅର୍ଥନୀତିରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ପଛରେ ଜିଏସ୍‌ଟିର ସଫଳ ରୂପାୟନ ସର୍ବଦା ସହଯୋଗ କରିଆସିଛି।

ଏହି ସଂସ୍କାର ପ୍ରକ୍ରିୟା ଯେ ନକାରାତ୍ମକ ପରିବେଶଠାରୁ ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ ତାହା କହିବା ଠିକ୍ ହେବ ନାହିଁ। ଏହି ପ୍ରକ୍ରିୟାରେ ଦରଦାମ ବୃଦ୍ଧି ସହିତ ମୁଦ୍ରାସ୍ଫୀତି ହାରରେ ମଧ୍ୟ ଅସ୍ଥିରତା ସୃଷ୍ଟି ହେବା କିଛି ଭିନ୍ନ କଥା ନୁହେଁ। ଲୋକଙ୍କ କ୍ରୟଶକ୍ତି ନିମ୍ନମୁଖୀ ହେଲେ ଅର୍ଥନୀତି ପ୍ରଭାବିତ ହେବାର ମଧ୍ୟ ଆଶଙ୍କା ରହିଛି। ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ପରିଚାଳନାଗତ ମୂଲ୍ୟ ବୃଦ୍ଧି ଘଟିଲେ ଲାଭାଂଶ କ୍ଷେତ୍ରରେ କୁପ୍ରଭାବକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ର ଏହି ସଂସ୍କାର ବ୍ୟବସ୍ଥାରେ ପ୍ରଭାବିତ ହେବା ସହ ବହୁ କ୍ଷୁଦ୍ର ଶିଳ୍ପଦ୍ୟୋଗୀ ରୋଜଗାର କ୍ଷମତା ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ମାତ୍ର ପ୍ରଚଳିତ ସଂସ୍କାର ବ୍ୟବସ୍ଥାରେ ସଫଳ ରୂପାୟନ ମାଧ୍ୟମରେ ଏସବୁ ନକାରାତ୍ମକ ପରିସ୍ଥିତିକୁ ଯେ ସହଜରେ ଏଡ଼ାଇ ଦିଆଯାଇ ପାରିବ, ତାହା ପ୍ରମାଣିତ ହୋଇପାରିଛି।

# ଆହୁରି ଅନେକ ପଥ ବାକି



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

ଯଦି ପଚରା ହେବ, ମୃତ୍ୟୁ ପୂର୍ବରୁ କିପରି ସମାଜଟିଏ ଦେଖିବାକୁ ଚାହାନ୍ତି? ନିଶ୍ଚିତ ଭାବେ ମୋର ଉତ୍ତର ହେବ, ଏପରି ଏକ ସମାଜ, ଯେଉଁ ସମାଜ ମୋ ଝିଅ ଓ ତା' ପରି ଅନେକ ଝିଅଙ୍କୁ ପ୍ରଦାନ କରିବ ଏକ ନିର୍ଭରଯୋଗ୍ୟ ସୁରକ୍ଷା, ଯେଉଁଠି ସ୍ୱଚ୍ଛନ୍ଦରେ ଜିଇଁବାକୁ ଥିବ ପର୍ଯ୍ୟାପ୍ତ ପାଣି ଓ ପବନ, ଆଗକୁ ବଢ଼ିବା ପାଇଁ ନଥିବ କୌଣସି ବାଧା...। ମୁଁ ଭଲ ଭାବେ ଜାଣିଛି ଯେ ଏପରି ସମାଜଟିଏ ସମ୍ଭବ ହେବା ଅସମ୍ଭବ ନହେଲେ ବି ସହଜ ମଧ୍ୟ ନୁହେଁ।

କୁହାଯାଏ, ପୁଅର ଭାଗ୍ୟ ପତର ତଳେ ଓ ଝିଅର ଭାଗ୍ୟ ପଥର ତଳେ। ଏ ଆପ୍ତ ବାକ୍ୟଟି ଆଜି ମଧ୍ୟ ନିଜର ଗୁରୁତ୍ୱ ହରାଇ ନାହିଁ। ଆଜି ବି ଝିଅଟିଏ ଜନ୍ମ ହେଲେ ବାପାମା'ଙ୍କ ମୁହଁ ଆମ୍ବିଳା ହୋଇଯାଉଚି, ଚିନ୍ତା ମାଡ଼ି ଆସୁଚି। କନ୍ୟାକୁ ରତ୍ନର ଆଖ୍ୟା ଦିଆଯାଇଥିଲେ ବି ଘରର ବୟସ୍କମାନେ ଦୀର୍ଘଶ୍ୱାସ ଛାଡ଼ି କହନ୍ତି ଏଥର ଯୌତୁକ ପାଇଁ ସଞ୍ଚିବା ଆରମ୍ଭ କରିଦିଅ। ତେଣୁ ନିଜେ ବାପା ନେଇ ଝିଅକୁ ଟ୍ରକ୍ ଚକ ତଳେ କାଗଜ ଗୁଡ଼େଇ ରଖିଦେଇ ଆସୁଚି। ଆଜି ବି ବୁଦା ମୂଳରେ କନ୍ୟା ଶିଶୁଟିକୁ ଅବାଞ୍ଛିତ ଭାବେ ଫୋପାଡ଼ି ଦିଆଯାଉଚି। ଏପରିକି ସେ ଭ୍ରୂଣ ଥିବା ଅବସ୍ଥାରେ ବି ଯଦି ମା' ଜାଣିଛି, ଏହା କନ୍ୟା ସନ୍ତାନ, ତେବେ ସେ ନିଜେ ତା'କୁ ସଫା କରିଦେବା ପାଇଁ ଡାକ୍ତରଙ୍କୁ ନେହୁରା ହେଉଛି।

ଖୁବ୍ ଦୁଃଖର ସହିତ କହିବାକୁ ହେଉଛି ଯେ ପୁଅଟିଏର କ୍ଷେତ୍ରରେ ତା'ର ଶରୀର, ତା' ସୁରକ୍ଷା କବଚ ସାଜୁ ଥିଲା ବେଳେ ଝିଅ କ୍ଷେତ୍ରରେ ଠିକ୍ ତା'ର ବିପରୀତ ଭାବେ ଈଶ୍ୱରଦତ୍ତ ଏହି ପବିତ୍ର ଶରୀରଟି ଯୋଗୁଁ ହିଁ ସେ ହୋଇପଡ଼େ ଅସୁରକ୍ଷିତ। ଘରୁ ବାହାର ପର୍ଯ୍ୟନ୍ତ କାମାନ୍ଧର ଆଖି ତା'ର କୋମଳ ଶରୀରଟି ଉପରେ ରହୁଛି ନିବଦ୍ଧ ହୋଇ। ଯେଉଁଥି ପାଇଁ ୭ ଦିନର କଅଁଳ ଶିଶୁଠାରୁ ସତୁରୀ ବର୍ଷର ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ହୋଇ ପଡୁଛନ୍ତି ଅସୁରକ୍ଷିତ। ଏକ ସର୍ବେକ୍ଷଣ ଅନୁସାରେ ୯୨ ପ୍ରତିଶତ କ୍ଷେତ୍ରରେ ନାବାଳିକାଟିଏ ତା'ର ସମ୍ପର୍କୀୟ ଓ ପରିଚିତଙ୍କ ଦ୍ୱାରା ହୋଇଥାଏ ଯୌନ ନିର୍ଯ୍ୟାତିତା, ଯେତେବେଳେ ସେ ତା' ସହିତ କ'ଣ ଘଟୁଛି ବି ବୁଝି ପାରି ନ ଥାଏ। ପୁଣି ଦୁଷ୍କର୍ମ ପରି ଅଭିଶପ୍ତ ଅଘଟଣଗୁଡ଼ିକରେ ଝିଅକୁ ହିଁ ଦୋଷ ଦିଆଯାଏ। ତା'କୁ ଏତେ ଲାଞ୍ଛନା ମିଳେ ଯେ ସମାଜରେ ବଞ୍ଚିବା ତା' ପାଇଁ ଅସମ୍ଭବ ହୋଇପଡ଼େ। ତେଣୁ ଦୁଷ୍କର୍ମର ଶିକାର ହୋଇ, ଘୋର ମାନସିକ ଓ ଶାରୀରିକ କଷ୍ଟ ସହି ମଧ୍ୟ, ପିତାମାତା ଓ ପରିବାର ଜନଙ୍କ ଚାପରେ ସେ ତୁଣ୍ଡରେ ତାଲା ମାରି, ଭିତରେ ଭିତରେ କୁହୁଳିବାରେ ଲାଗେ। ଦୋଷ ନକରି ବି ସେ ଦୋଷୀ ହୁଏ। ଆଉ ଜୀବନ ତା'ର ହୋଇପଡ଼େ ଦୁର୍ବିସହ, ଯେବେ ଦୁଷ୍କର୍ମର ଶିକାର ହୋଇଥିବା ଝିଅକୁ, ନିଜେ ମା'ବାପା ବାଧ୍ୟ କରନ୍ତି, ଦୁଷ୍କର୍ମ କରିଥିବା ଦୋଷୀଟି ସହିତ ବିବାହ କରିବା ପାଇଁ।

ତେବେ ଏପରି ନିର୍ଣ୍ଣୟ ନେବା ପଛରେ ପିତା ମାତାଙ୍କ ଅସହାୟତାକୁ ବି ଅଣଦେଖା କରାଯାଇ ପାରିବ ନାହିଁ। ଆମ ସମାଜରେ ଗୋଟିଏ ଅଦ୍ଭୁତ ଧାରଣା ପୋଷଣ କରା ।ଇଥାଏ ଯେ, ଝିଅ ମାଟି ହାଣ୍ଡି, ପୁଅ ପିତ୍ତଳ ଗରା। ଝିଅକୁ ଛୁଇଁଦେଲେ ଝିଅ ମାରା ହେଇଯାଏ। କିନ୍ତୁ ପୁଅ ଯେତେ ମାଟି, ଗୋବର ଓ ମଇଳାରେ ଲଟ୍ ପଟ ହୋଇଥିଲେ ବି ମାଜି ମୁଜି ଦେଲେ ହୋଇଯାଏ ସଫା। ତେଣୁ ଝିଅଟି ଯାହା ଯୋଗୁଁ ବଦନାମ ହୋଇଛି, ତା'ରି ସହିତ ଛନ୍ଦି ଦେଲେ, କେହି ତା'ଉପରକୁ ଅଙ୍ଗୁଳି ଦେଖେଇ ପାରିବ ନାହିଁ ଓ ଭବିଷ୍ୟତରେ ସେ ଆଉ ପିତାମାତାଙ୍କ ମୁଣ୍ଡରେ ବୋଝ ହେବନି। କିନ୍ତୁ ସେମାନେ ଭୁଲି ଯାଆନ୍ତି ଯେ ଦୁଷ୍କର୍ମରେ କେବଳ ଶରୀର କ୍ଷତିଗ୍ରସ୍ତ ହୁଏ ନାହିଁ, ବରଂ ମାନସିକ ସ୍ଥିତି ମଧ୍ୟ ଦୋହଲି ଯାଏ। ଯେତେବେଳେ ଝିଅଟି ସର୍ବାଧିକ ଆଶ୍ୱସନା, ସାନ୍ତ୍ୱନା ଓ ସମବେଦନା ଆବଶ୍ୟକ କରେ, ଠିକ୍ ସେତିକି ବେଳେ ସେ ଘୃଣା କରୁଥିବା ଗୋଟିଏ ବ୍ୟକ୍ତି ସହିତ ସମ୍ପୂର୍ଣ୍ଣ ଜୀବନ ବିତାଇ ଦେବା ପାଇଁ ତା'କୁ ବାଧ୍ୟ କରାଯାଏ। କେତେ ଅସହନୀୟ କଷ୍ଟ ସେ ସହୁଥିବ ସତେ!

ଏହି ସମୟରେ ଝିଅର ମନୋବଳ ବୃଦ୍ଧି କରାଇବା ସହ ଆଶ୍ୱସ୍ତି ଦେବା ଉଚିତ୍ ଯେ ଅନ୍ୟ ସମସ୍ତ ଦୁର୍ଘଟଣା ପରି ଏହା ମଧ୍ୟ ଗୋଟିଏ ଦୁର୍ଘଟଣା। ଏହାକୁ ମନରୁ ପୋଛି ଆଗକୁ ବଢ଼ିବାକୁ ହେବ। ଏଇ ଭୁବନେଶ୍ୱରରେ ଦୁଇଟି ଚଉଦ ପନ୍ଦର ବର୍ଷର ଝିଅ ପୁଅ ଏକସଙ୍ଗେ କୁଆଡ଼େ ଚାଲିଗଲେ। ପୁଲିସକୁ ଖବର ଦିଆଗଲା। ପ୍ରାୟ ବାର ଦିନ ପରେ ଉଭୟଙ୍କୁ ଉଦ୍ଧାର କରି ପୁଲିସ ଯେତେବେଳେ ସେମାନଙ୍କ ଅଭିଭାବକଙ୍କୁ ଖବର ଦେଲା, ପୁଅର ପିତାମାତା ତା'କୁ ଘରକୁ ନେଇଯାଇ ଥିଲା ବେଳେ ଝିଅର ବିଧବା ମା' ଟି ଝିଅକୁ ନେବାକୁ ମନା କରି ଦେବାରୁ ଝିଅଟିକୁ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଝିଅ ସେଠାରେ କେତେ ସୁଧୁରିବ ତାହା ସମସ୍ତେ ଜାଣନ୍ତି। ପିଲା ଭୁଲ କରିବେ। ଏହା ତାଙ୍କ ବୟସର ଦୋଷ। ହେଲେ ଯେତେବେଳେ ନିଜେ ଜନ୍ମଦାତ୍ରୀ ହିଁ ହାତ ଛାଡ଼ିଦିଏ, ସେତେବେଳେ କେବଳ ଈଶ୍ୱର ହିଁ ଭରସା! ଏ କଥା ଶୁଣିଲା ପରେ ସ୍ୱତଃ ମନରେ ଉଙ୍କି ମାରିଲା ପ୍ରଶ୍ନଟିଏ - ଯଦି ସନ୍ତାନଟି ଝିଅ ବଦଳରେ ପୁଅ ହୋଇଥା'ନ୍ତା, ତେବେ ମା'ଟି ଏପରି କଠୋରତା ପ୍ରକାଶ କରିଥାନ୍ତା କି?

ଆସନ୍ତୁ ଆପଣଙ୍କୁ ଦେଖାଇବି ଆଉ ଏକ ଦୃଶ୍ୟ। ମା' ଖାଇବା ବାଢୁଥା'ନ୍ତି। ରସଗୋଲା ଦୁଇଟି ଆଣି ଟେବୁଲ ଉପରେ ରଖୁ ରଖୁ, ଝିଅ ଗୋଟିଏ ନେଇ ଗଲା ନିଜ ଥାଳିକୁ। ସଙ୍ଗେ ସଙ୍ଗେ ମା' କହିଲେ, 'ସୁନା ଝିଅ ପରା, ମିଠାଟି ଭାଇକୁ ଦେଇଦେ।' ପ୍ରତିବାଦ କଲା ଝିଅ, 'କାଇଁ ଆଉ ମିଠା ଟି ସେ ଖାଉ।' ମା' କହିଲେ, 'ସେଇଟା ପା ବାପା ଙ୍କ ପାଇଁ ରଖିଛି। ଇଏ କେମିତି କା ଭଉଣୀ କେଜାଣି, ଭାଇ ପାଇଁ ମିଠାଟିଏ ବି ଛାଡ଼ି ପାରୁନି।' ଏହା ଶୁଣି ଝିଅଟି 'ଭାଇ କୌଣସି ଦିନ ମୋ ପାଇଁ ମିଠା ଛାଡ଼ିଛି, ନା ମୋର ଭଲ ମନ୍ଦ ଖାଇବାକୁ ଇଚ୍ଛା ନାହିଁ, ଭାଇକୁ ଦେବି ଯଦି ତେବେ ମୁଁ ସୁନା ଝିଅ ନହେଲେ ମୁଁ ଖରାପ ନା, ଏ ଘରେ ଝିଅ ହୋଇ ଜନ୍ମ ହେବା ହିଁ ପାପ' କହି ରାଗି ଉଠି ଯାଉଚି। ଯେଉଁଠି ମା'ର ଏପରି ମାନସିକତା, ସେଠି ପୁରୁଷ ବୋଲି କହି କେବଳ ବାପା ଭାଇଙ୍କୁ ଦୋଷ ଦେଇଦେଲେ ହେବ ନାହିଁ। ଯେଉଁ ମା, ପୁଅ ଓ ଝିଅ ଉଭୟଙ୍କୁ ଈଶ୍ୱରଙ୍କ ଆଶିଷ ଭାବେ ଗ୍ରହଣ କରି ଉଭୟଙ୍କୁ ସମାନ ମର୍ଯ୍ୟାଦା ଦେବା କଥା, ସେଠି ଏପରି ପାତରଅନ୍ତର ନୀତି ଯୋଗୁଁ ପୁଅଟି ଶିଖେ ଯେ, ସବୁକିଛି ଭଲ ଚିଜ ପାଇବାକୁ ହକଦାର କେବଳ ସେ। ନ ପାଇଲେ ସେ ହୋଇଉଠେ ଉଗ୍ର ତଥା ହିଂସ୍ର ଏବଂ ଝିଅଟି ଶିଖେ ଯେ ଅନ୍ୟାୟକୁ ମଥାପାତି ସହି ଯିବା ହିଁ ତା'ର ଧର୍ମ। ଏ ଉଭୟ କଥା ପିଲାଙ୍କ ବ୍ୟକ୍ତିତ୍ୱକୁ ବିକଶିତ କରିବା ପରିବର୍ତ୍ତେ କରେ ବିଷାକ୍ତ। ବରଂ ମା' ଯଦି ମିଠା ଦୁଇଟିକୁ ଚାରି ଭାଗ କରି ଚାରିଜଣଙ୍କୁ ଦେଇଥା'ନ୍ତେ, ତାହା ଝିଅ ପୁଅଙ୍କ ମନରେ, ସମସ୍ତେ ମିଳିମିଶି ଖାଇବାର ଉଦାର ଭାବଟିଏ ଜନ୍ମ ହୋଇଥା'ନ୍ତା।

କିଛିଦିନ ପୂର୍ବେ ଝିଅ ଜନ୍ମ ହେବାରୁ ସ୍ୱାମୀଟି ସ୍ତ୍ରୀକୁ ଝିଅକୁ ମାରି ଦେବା ପାଇଁ କହିଲା। ସ୍ତ୍ରୀ ସେଥିରେ ଅମଙ୍ଗ ହେବାରୁ ସ୍ୱାମୀ ଆତ୍ମହତ୍ୟା କଲା। ଝିଅକୁ ରକ୍ଷା କରିବାକୁ ଯାଇ ସ୍ତ୍ରୀ ନିଜର ସିନ୍ଦୂର ପୋଛିଲା। ଏବେ ଝିଅ ଜନ୍ମ ହେଲେ ତା'ର ପିତୃତ୍ୱ ପ୍ରମାଣ କରିବା ପାଇଁ ଡିଏନ୍‌ଏ ପରୀକ୍ଷା ଆବଶ୍ୟକ ହେଉଛି। ଏପରିକି ନିଜ ଜନ୍ମ କଲା ଝିଅକୁ ଛାଡ଼ି ଅନ୍ୟର ପୁଅକୁ ପିତାମାତା ଉଠାଇ ଆଣୁଛନ୍ତି। ଝିଅ ପ୍ରତି ଏପରି ନକାରାତ୍ମକ ମନୋଭାବ ଯୋଗୁଁ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ଦ୍ରୁତ ଗତିରେ କମିବାରେ ଲାଗିଛି। ଏତେ ପ୍ରତିବନ୍ଧକ ସତ୍ତ୍ୱେ ପ୍ରତି ପରୀକ୍ଷାରେ ଝିଅମାନେ ରହୁଛନ୍ତି ଆଗରେ। ପିତାମାତାଙ୍କୁ ତାଙ୍କ ଅସହାୟ ସମୟରେ ପୁଅ ତୁଳନାରେ ଝିଅଟିଏ ହେଉଛି ଅଧିକ ସାହାରା। ଆଜି ଆମେ ପୁରୁଷ ଓ ମହିଳାଙ୍କୁ ସମକକ୍ଷ ବୋଲି କହୁଛେ; ମାତ୍ର ସେମାନେ ସମକକ୍ଷ ହେବା ପାଇଁ କେତେ ଯେ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି, ତା' ସେମାନେ ହିଁ ଜାଣନ୍ତି। କିଛିଦିନ ତଳେ ମହିନ୍ଦ୍ରା ଓ ମହିନ୍ଦ୍ରାର ମୁଖ୍ୟ ଆନନ୍ଦ ମହିନ୍ଦ୍ରା, ଟ୍ୱିଟରରେ ଏକ ଚିତ୍ର ଦେଇଥିଲେ, ଯେଉଁଥିରେ ମହିଳା ଓ ପୁରୁଷ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୋଟିଏ ଧାଡ଼ିରେ ଛିଡ଼ା ହୋଇଛନ୍ତି। ପୁରୁଷମାନଙ୍କ ସମ୍ମୁଖରେ କୌଣସି ପ୍ରକାରର ପ୍ରତିବନ୍ଧକ ନଥିଲା ବେଳେ ମହିଳାମାନଙ୍କ ଆଗରେ ଘରର ଯାବତୀୟ ଜଞ୍ଜାଳ ଗୋଟିଏ ପରେ ଗୋଟିଏ ପଥ ଓଗାଳି ଛିଡ଼ା ହୋଇଛି। ହେଲେ ସମୟେ ସମୟେ, ଝିଅଟିଏ ନିଜକୁ ପ୍ରମାଣିତ କରିବାକୁ ଯାଇ ନିଜ ନାରୀତ୍ୱ ଓ ଚରିତ୍ରକୁ ବାଜିରେ ଲଗାଇ ଦେବା ପାଇଁ ହେଉଛି ଆଗଭର। କିନ୍ତୁ ତା'କୁ ମନେ ରଖିବାକୁ ହେବ ଯେ ଏହି ନିଷ୍କଳଙ୍କ ଚରିତ୍ର ହିଁ ହେଉଛି ତା'ର ଅମୂଲ୍ୟ ସମ୍ପଦ। ଝିଅକୁ ଜାଣିବାକୁ ହେବ ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ମଧ୍ୟରେ ଥିବା ପ୍ରଭେଦଟିକୁ, ମନେ ରଖିବାକୁ ହେବ ଯେ ନାରୀଟିଏ ଶୃଙ୍ଖଳିତ ହେଲେ ଘର ଯେପରି ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ହୁଏ, ଠିକ୍ ସେମିତି ନାରୀଟିଏ ବିଶୃଙ୍ଖଳ ହେଲେ ସମଗ୍ର ପରିବାର ହୋଇଯାଏ ଉଚ୍ଛନ୍ନ। ନାରୀ ନିଜ ନାରୀତ୍ୱର ପରାକାଷ୍ଠା ପ୍ରଦର୍ଶନ କରୁ, କିନ୍ତୁ ସମ୍ଭ୍ରମତାର ସହିତ ସୁସଜ୍ଜିତ ଭାବେ। ଅନ୍ୟଥା ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜ ଦୋଷଗୁଡ଼ିକ ଦିଶିବ ଜଳଜଳ ହୋଇ।

କୁହାଯାଏ, ଶିବ ବି ଶକ୍ତିଙ୍କ ବିନା ହୋଇ ପଡ଼ନ୍ତି ଶକ୍ତିହୀନ। ନାରୀ ହେଉଛି ସ୍ୱୟମ ମହାମାୟା, ଅମାପ ଶକ୍ତିର ଉତ୍ସ। ସେହି ଶକ୍ତିର ସଦୁପଯୋଗ କରିବା ପାଇଁ ଉଭୟ ନାରୀ ଓ ପୁରୁଷଙ୍କ ଅବଦାନକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଝିଅ ଯେବେ ପଢ଼ିବ, ସେ ଆଗକୁ ବଢ଼ିବ। ତା'କୁ କେବଳ ମଣିଷଟିଏର ମର୍ଯ୍ୟାଦା ଦେଇ ଥରେ ପିଠି ଥାପୁଡ଼ାଇ, ତା' କାମ ପାଇଁ ବାହାବା ଦେଲେ ସେ ଆମ ଗର୍ବ ଓ ଗୌରବର କାରଣ ସାଜିବ। ତେବେ ଝିଅ ପାଇଁ ଏପରି ଉଦାର ମାନସିକତା ପୋଷଣ କରିବାକୁ ଆହୁରି ଅନେକ ସମୟ ଲାଗିବ। ନିଦ୍ୱର୍ନ୍ଦ୍ୱରେ ଜୀବନ ଜିଇଁବାକୁ, ଅଧରାତିରେ ଏକୁଟିଆ ଚାଲିବାକୁ। ଏପରି ସମାଜଟିଏ ସତରେ କ'ଣ ସମ୍ଭବ..!

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ୨୬ରୁ ମା' ତାରାତାରିଣୀଙ୍କ ଚୈତ୍ର ପର୍ବ

# ପରିଚାଳନା ଲାଗି ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

**ଛତ୍ରପୁର,୧୧ ।୩(ସମିସ)**

ଚଳିତ ମାସ ୨୬ ତାରିଖଠାରୁ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ଅନୁଷ୍ଠିତ ହେବ। ଏହି ଚୈତ୍ର ପର୍ବ ୫ ପାଳି ଅର୍ଥାତ୍ ମାର୍ଚ୍ଚ ମାସ ୨୬, ଏପ୍ରିଲ ମାସ ୨, ୯, ୧୬ ତାରିଖ ଓ ୨୩ ତାରିଖ ଦିନ ଅନୁଷ୍ଠିତ ହେବ। ଏହାକୁ ଶାନ୍ତି ଶୃଙ୍ଖଳାର ସହିତ କିଭଳି ଆୟୋଜନ କରାଯିବ ଏଥି ସକାଶେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ଭାବନା ସମ୍ମିଳନୀ କକ୍ଷଠାରେ ସୋମବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅବଗତ କରାଇଥିଲେ ଯେ ଜନଗହଳିକୁ ଆଖି ଆଗରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ପଡିବ। ଭକ୍ତ ମାନଙ୍କ ଯାତାୟାତ, ସେମାନଙ୍କ ବସିବା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ମଣ୍ଡନ ସକାଶେ ସ୍ଥାନ, ଆଲୋକ ବ୍ୟବସ୍ଥା, ଦୀପ ଲଗାଇବା ସ୍ଥାନ ଇତ୍ୟାଦିର ସୁବ୍ୟବସ୍ଥା ଯେପରି ସଠିକ ହେବ ସେଥି ସକାଶେ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପ୍ରଷ୍ଟି ସମସ୍ତଙ୍କୁ ସ୍ୱାଗତ ଜଣାଇ ଚୈତ୍ର ପର୍ବ ଆୟୋଜନ ସକାଶେ ବିଭିନ୍ନ ପ୍ରସ୍ତାବ ଗୁଡିକ ଆଗତ କରିଥିଲେ। ମନ୍ଦିରର ସାଜସଜ୍ଜା, ତୋରଣ ନିର୍ମାଣ, ଦୈନିକ ପୂଜା ବିଧି, ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ବ୍ୟବସ୍ଥା ଚଳିତ ବର୍ଷ ମଣ୍ଡନ ସକାଶେ ବିଗତ ବର୍ଷ ଭଳି ୪ ଗୋଟି ସ୍ଥାନ ହେବ ତତ୍ ସହିତ ଅତିରିକ୍ତ ଆଉ ୨ ଟି ସ୍ଥାନ ଏ ଭଳି ସମୁଦାୟ ୬ ଗୋଟି ସ୍ଥାନରେ କରାଯିବ । ନଦୀ କୂଳରେ ଭକ୍ତଗଣ କିଭଳି ସୁବିଧାରେ ଗାଧୋଇବା ସହିତ ଜଳ ଉଠାଇ ପାରିବେ



ସେଥି ସକାଶେ ସୁ ବ୍ୟବସ୍ଥା ଓ ଆଲୋକ କରଣ ହେବ। ପାଇପ ଯୋଗେ ପାନୀୟଜଳ ଯଥେଷ୍ଟ ପରିମାଣରେ ଯୋଗାଣ ହେବ। ଅସ୍ଥାୟୀ ପରିସ୍ରାଗାର ନିର୍ମାଣ ହେବା ସହିତ ନବ ନିର୍ମିତ ସ୍ଥାୟୀ ଶୌଚାଳୟ ଗୁଡିକ ଜନ ସାଧାରଣ ଯେପରି ବ୍ୟବହାର କରିବେ ତାର ବ୍ୟବସ୍ଥା କରାଯିବ। ପ୍ରବଳ ଜନ ଗହଳିକୁ ଦୃଷ୍ଟିରେ ରଖି ଭକ୍ତ ମାନଙ୍କ ଯାତାୟାତ ନିମନ୍ତେ ଗତ ବର୍ଷ ୬ଟି ବସ୍ ନିୟୋଜିତ ହୋଇଥିବା ସ୍ଥଳେ ଚଳିତ ବର୍ଷ ୨୦ ରୁ ୨୫ ଗୋଟି ବସ୍‌ର ବ୍ୟବସ୍ଥା କରାଯିବା ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ନିର୍ବାପକ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସମେତ ଚଳିତ ବର୍ଷ ପ୍ରବଳ ଗରମ ହେବା ସମ୍ଭାବନା ଥିବା ହେତୁ ଅଁଶୁଘାତ ଚିକିତ୍ସା ସକାଶେ ନିକଟସ୍ଥ ଚିକିତ୍ସାଳୟରେ ପୂର୍ବ ପ୍ରସ୍ତୁତି କରି ରହିବାକୁ କୁହାଯାଇଛି। ବୈଠକରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଟେଲ, ଛତ୍ରପୁର ଉପଜିଲ୍ଲାପାଳ ବେଦବ୍ରତ ମହାନ୍ତ, ବ୍ରହ୍ମପୁର ଉନ୍ନୟନ ପରିଷଦ ସଚିବ ରମେଶ ହାଁସଦା, ବ୍ଲକ୍ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମପୁର ମନୋଜ କୁମାର ନାୟକ, ତହସିଲଦାର ଲୋପାମୁଦ୍ରା ରାଉ, ଏସଡିପିଓ ରଜନୀକାନ୍ତ ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ମନ୍ଦିର ଟ୍ରଷ୍ଟ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପୂଷ୍ପା ମୁଣ୍ଡା, ବରିଷ୍ଠ ସେବାୟତ ବାପୁଜୀ ରଣାଙ୍କ ସମେତ ଅନ୍ୟାନ୍ୟ ସେବାୟତ ଏବଂ ସାମ୍ବାଦିକଗଣ ଉପସ୍ଥିତ ଥିଲେ।

## ରାଜସ୍ୱ ସୁପରଭାଇଜର ଓ ସହାୟକଙ୍କୁ ସମ୍ବର୍ଦ୍ଧନା



**ଶେରଗଡ଼,୧୧ ।୩(ସମିସ):** ଶେରଗଡ଼ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସୁପରଭାଇଜର ପ୍ରଭାକର ଗୌଡ଼ ଏବଂ ରାଜସ୍ୱ ନିରୀକ୍ଷକ ବାବୁଲା ଦଳେଇଙ୍କୁ ଓଆରଏସ ସ୍ତରକୁ ପଦୋନ୍ନତି ଦିଆଯାଇ ପ୍ରଭାକରଙ୍କୁ କଟକ ଏବଂ ବାବୁଲା ଦଳେଇଙ୍କୁ ଅନ୍ୟ ସ୍ଥାନକୁ ଯିବା ପର୍ଯ୍ୟନ୍ତ ଗୃହ ଓ ନଗର ଉନ୍ନୟନ ବିଭାଗରେ ଅବସ୍ଥାପିତ କରାଯାଇଛି। ଉଭୟ ଅଧିକାରୀଙ୍କୁ ପଦୋନ୍ନତି ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଶେରଗଡ଼ ତହସିଲଦାର ତ୍ରିଦେବ ରଥ, ବରିଷ୍ଠ ସୁପରଭାଇଜର ପି.ପଞ୍ଚମ, ରାଜସ୍ୱ ନିରୀକ୍ଷକ ମଧୁସୂଦନ ବିଷୋୟୀ, ପ୍ରଭାତ ରାଉଳ, ଏସଓ ପ୍ରଫୁଲ୍ଲ ଗୌଡ଼, ରାଜସ୍ୱ ନିରୀକ୍ଷକ ସଞ୍ଜୟ ଦାସ ଓ ସୁବ୍ରତ ଶବର, ପ୍ରିୟଙ୍କା ମହାରଣା, ମଦନ ଗୌଡ଼, ଅଶୋକ ଗୌଡ଼, ଜେ.ଜୟଲକ୍ଷ୍ମୀ, ନରସିଂହ ମିଶ୍ରଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉଭୟ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସ୍ମରଣିକା ପ୍ରକାଶନ ସମୀକ୍ଷା ବୈଠକ

**ରମ୍ଭା,୧୧ ।୩(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ରୁମ ପରିସରରେ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ସ୍ମରଣିକା ପ୍ରକାଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ କାର୍ଯ୍ୟକ୍ରମକୁ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀ, ପୂଜ୍ୟ ପୂଜା ପରିଷଦ ରମ୍ଭା, ପୁରାତନ ଛାତ୍ର ସଂସଦ ଉଚ୍ଚ ବିଦ୍ୟାଳୟ ରମ୍ଭା ମିଳିତ ଭାବେ ସଫଳ କରିବା ସହ ଦାୟିତ୍ୱ ନିର୍ବାହ ରହିବେ। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି ରାଧାକାନ୍ତ ଦାସ, ପ୍ରଭାକର ତ୍ରିପାଠୀ, ଶ୍ରୀମନ୍ଦିର ପୂର୍ବତନ ପ୍ରଶାସକ ପ୍ରସନ୍ନ କୁମାର ହୋତା ପ୍ରମୁଖ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆସନ୍ତା ଉତ୍କଳ ଦିବସ ଓଡ଼ିଆ ନବବର୍ଷରେ ଐତିହାସିକ ଉତ୍କଳ ସମ୍ମିଳନୀର ଆଦିପୀଠ ଠାରେ ସ୍ଥିରୀକୃତ ହୋଇଥିବା ରମ୍ଭାର ପୂଜ୍ୟପୂଜା ମହାମୁନିସି ମାନଙ୍କର ମୂର୍ତ୍ତି ସ୍ଥାପନ, ପ୍ରକାଶିତ ସ୍ମରଣିକା ପ୍ରସ୍ତୁତି କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସାଦ ରାଓ ପୃଷ୍ଟି, ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପତି, ଗୋପୀନାଥ ବେହେରା, ବରିଷ୍ଠ କବି ପଞ୍ଚାନନ ଖଟୁଆ, ଉମେଶ ଚନ୍ଦ୍ର ମହାନ୍ତି, ନରସିଂହ ସୁବୁଦ୍ଧି, ପଞ୍ଚାନନ ସୁର, ଗୋକୁଳ ଚନ୍ଦ୍ର ନାହାକ, ଅବଦୁଲ କାଲାମ ଜନ କଲ୍ୟାଣ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଚରଣ ଜେନା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଭାଗ ନେଇଥିଲେ।

## କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଆସିକା,୧୧ ।୩(ସମିସ):** ଗଞ୍ଜାମ ଜିଲ୍ଲା (ପଶ୍ଚିମ )କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମା ଆସିକା ଖମ୍ବେଶ୍ୱରୀ ପାଟଣାସ୍ଥିତ ନୂତନ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପୂର୍ବତନ କଂଗ୍ରେସ ସଭାପତି ଦୀପକ ପଟ୍ଟନାୟକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟ ନାରାୟଣ ରଥ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପଶ୍ଚିମ ଜୋନ ସାଧାରଣ ସମ୍ପାଦକ ଅଗସ୍ତି ବରାଡ଼, ସୋରଡ଼ା ବ୍ଲକ ସଭାପତି ହରେକୃଷ୍ଣ ରଥ, ଜିଲ୍ଲା ସମ୍ପାଦକ ରାମ ନାରାୟଣ ବିଶ୍ୱାସ ରାୟ, ଆସିକା ସଭାପତି ଗଙ୍ଗାଧର ଶତପଥୀ, ଖଲ୍ଲିକୋଟର ସାଧାରଣ ସମ୍ପାଦକ ଭୋକାଳି ସେଠୀ ଓ ଗଞ୍ଜାମ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବକାନ୍ତ ଶର୍ମା ଉପସ୍ଥିତ ଥିଲେ।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



**ଦିଗପହଣ୍ଡି,୧୧ ।୩(ସମିସ):** ଦିଗପହଣ୍ଡିରେ ନୂତନ ଥାନା ଅଧିକାରୀ ଭାବେ ବାବାଶଙ୍କର ସରାଫ ଯୋଗଦେଇଛନ୍ତି। ଶ୍ରୀ ସରାଫଙ୍କୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରୁ ଦିଗପହଣ୍ଡି ଥାନାକୁ ବଦଳି ହୋଇଥିଲା । ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ଥାନା ଅଞ୍ଚଳରେ କ୍ରମାଗତ ବୃଦ୍ଧି ପାଉଥିବା ଅପରାଧିକ ତତ୍ତ୍ୱକୁ ଦମନ କରାଯିବା, ଟ୍ରାଫିକ ସମସ୍ୟା ସୁଧାରିବା, ଚୋରା ମଦ ଓ ଗଞ୍ଜେଇ କାରବାର ଉପରେ ରୋକ୍ ଲଗାଇବା, ବଢ଼ି ଚାଲିଥିବା ଚୋରି, ଡକାୟତି ଭଳି କାର୍ଯ୍ୟକୁ ଦମନ କରିବା , ରାତିରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବା ଏବଂ ଲୋକମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଅପରାଧକୁ ନିୟନ୍ତ୍ରଣ କରିବା ସହ ଦିଗପହଣ୍ଡି ଥାନାକୁ ଏକ ଆଦର୍ଶ ଥାନାରେ ପରିଣତ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି ।

### ■ ଓକିଲଙ୍କ ବାଇକ୍ ପୋଡ଼ି ମାମଲା

## ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

**ଆସିକା,୧୧ ।୩(ସମିସ):** ଆସିକା ବଜାର ସାହିରେ ଆଇନଜୀବୀ ପି. ରବୀନ୍ଦ୍ର ପାତ୍ରଙ୍କ ବାସ ଭବନ ସମ୍ମୁଖରେ ଥିବା ତାଙ୍କ ବାଇକ୍‌କୁ ପୋଡ଼ିଦେବା ମାମଲାରେ ଅଭିଯୁକ୍ତ ଏ. ବାଲ ରାଜୁ ଆଚାରୀକୁ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରବୀର କୁମାର ଚୌଧୁରୀ ୩ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଗତ ୨୧ ଅଗଷ୍ଟ ୨୦୨୨ ତାରିଖ ସନ୍ଧ୍ୟାରେ ଆଇନଜୀବୀ ପି. ରବୀନ୍ଦ୍ର ପାତ୍ରଙ୍କ ବାଇକ୍ ନଂ - ଓ ଆର ୭ ଭି ୭୫୧୩କୁ ଅଭିଯୁକ୍ତ ଆଚାରୀ ପୋଡି ଦେଇଥିଲା। ଥାନାରେ ଏନେଇ ୫୧୬/୨୨ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ବିଚାରଣା ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କୋର୍ଟରେ ଚାଲିଥିବାବେଳେ ଏହାର ଚୂଡାନ୍ତ ରାୟ ସୋମବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଜଜ୍ ଚୌଧୁରୀ ୧୨ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଜରିମାନା ଅନାଦେୟ ୨ ମାସ ଅଧିକ ଜେଲ ଦଣ୍ଡା ଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ଏପିପି - ଜି. ସୂର୍ଯ୍ୟପ୍ରକାଶ ରାଓ ପରିଚାଳନା କରିଥିଲେ।

## ଦଣ୍ଡ ନାଚ ପ୍ରସ୍ତୁତି ବୈଠକ



**ବେଲଗୁଣ୍ଠା,୧୧ ।୩(ସମିସ):** ଆସନ୍ତା ଏପ୍ରିଲ ମାସରେ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଜିଲ୍ଲାର ବିଭିନ୍ନ ଗାଁ ଗହଳିରେ ଆରମ୍ଭ ହୋଇଯାଇଛି ଏହାର ପ୍ରସ୍ତୁତି ପର୍ବ। ଏହି କ୍ରମରେ ବେଲଗୁଣ୍ଠା କଂସାରୀ ସାହିରେ ଦଣ୍ଡ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହି ବାସିନ୍ଦା ସ୍ୱର୍ଗତ ରମାକାନ୍ତ ପତିଙ୍କ ପରିବାର ତରଫରୁ ହେଉଥିବା ଏହି ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ସ୍ୱର୍ଗତ ପତିଙ୍କ ଜ୍ୟେଷ୍ଠ ପୁତ୍ର ନିରଞ୍ଜନ ପତି ସାହି ବାସିନ୍ଦାଙ୍କ ସହଯୋଗ କାମନା କରିଥିଲେ। ପୂର୍ବତନ କାଉନସିଲର ଯତୀନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉକ୍ତ ଦିନ ବରଣ, ଧୂଳିଦଣ୍ଡ, ପାଣି ଦଣ୍ଡ, ନଗର ପରିକ୍ରମା, ପ୍ରସାଦ ସେବନ ପାଇଁ ସମୟ ନିର୍ଦ୍ଧାରଣ କରାଯିବା ସହ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟକ୍ରମ ଶେଷ କରିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ଜତୀନ ପାତ୍ରଙ୍କ ସମେତ କାଉନସିଲର ପ୍ରତିନିଧି ଅଜୟ ପାତ୍ର, ବେଲଗୁଣ୍ଠା ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି, ଚିନ୍ମୟ କୁମାର ପତି, ପଣ୍ଡିତ ଶ୍ୟାମ ସୁନ୍ଦର ପଣ୍ଡା, ଦୁଃଖୀଶ୍ୟାମ ନାୟକ, ମଧୁସୂଦନ ଦାଶ, ପ୍ରଶାନ୍ତ କୁମାର ଶରାବ, ତାରା ପ୍ରସାଦ ଗୌଡ଼, ଅଭିନାଶ ଚୌଧୁରୀ, କମଳା ପତି, ଦୀପକ କୁମାର ପତି, ସୋମନାଥ ସାହୁ, ଯୁବ ଗୋଷ୍ଠୀ ଓ ସାହିବାସିନ୍ଦା ଯୋଗ ଦେଇଥିଲେ। ନିରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଏଲ୍ଲାମା ଠାକୁରାଣୀଙ୍କ ଘଟ ପରିକ୍ରମା



**ଗଞ୍ଜାମ,୧୧ ।୩(ସମିସ):** ଗଞ୍ଜାମ ସହରରେ ରହିଥିବା ଏଲ୍ଲାମା ଠାକୁରାଣୀଙ୍କ ଫଗୁଣ ନବମୀ ତଥା ଝାମୁଯାତ୍ରା ପାଇଁ ମା'ଙ୍କ ଘଟ ପରିକ୍ରମା ଶୁଭାରମ୍ଭ ହୋଇଛି। କେଞ୍ଚୁ ମହାକୁଡ଼ ଘଟ ଧାରଣ କରିଥିବା ବେଳେ ପ୍ରଫୁଲ୍ଲ ଜେନା, ଆଦିତ୍ୟ ଜେନା ପାରମ୍ପରିକ ବାଦ୍ୟ ବଜଣା ସହକାରେ ଘଟ ପରିକ୍ରମା କରାଉଛନ୍ତି। ଆସନ୍ତା ୧୮ ତାରିଖରେ ମୁଖ୍ୟ ପୂଜକ ପ୍ରମୋଦ କୁମାର ଜେନାଙ୍କ ପୌରହିତ୍ୟରେ ଯାତ୍ରା ଅନୁଷ୍ଠିତ ହେବ। ଭକ୍ତ ମାନେ ଡହ ଡହ ନିଆଁରେ ଚାଲିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିବସରେ ସ୍ଥାନୀୟ ଦାମୋଦରପୁର ଗ୍ରାମରୁ ଘଟ ପରିକ୍ରମା ଶୁଭାରମ୍ଭ ହୋଇଥିଲା।

## ବୁଗୁଡ଼ାରେ ମହିମା ଧର୍ମାଶ୍ରମ ପ୍ରତିଷ୍ଠା



**ବୁଗୁଡ଼ା,୧୧ ।୩(ସମିସ):** ସ୍ଥାନୀୟ ଯୁଧିଷ୍ଠିର ନଗରଠାରେ ନବନିର୍ମିତ ମହିମା ଧର୍ମାଶ୍ରମ ପ୍ରତିଷ୍ଠା ଏବଂ ବିଶ୍ୱଶାନ୍ତି ନିମିତ୍ତ ଅଖଣ୍ଡ ଜ୍ୟୋତି ଅର୍ପଣ ବ୍ରହ୍ମଧୁନି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଷ୍ଠା ଉତ୍ସବ ଅବସରରେ ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ଅଖଣ୍ଡ ଜ୍ୟୋତି ଅର୍ପଣ ଓ ବ୍ରହ୍ମଧୁନିରେ ଘୃତାହୁତି, ବ୍ରହ୍ମନାମ ଭଜନ ଓ ବାଲ୍ୟ ଲୀଳା ଅର୍ପଣ କାର୍ଯ୍ୟକ୍ରମ ସହିତ ସନ୍ଧ୍ୟାରେ ଧର୍ମସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋରନ୍ଦା ଗାଦିରୁ ଆସିଥିବା ବକଳଧାରୀ ବାବା ବ୍ରହ୍ମ ଅବଦୂତ, ସାଧୁ ପ୍ରସନ୍ନ କୁମାର ଦାସ, ମୁରଲୀଧର ଦାସ, ଅନାମ ଚରଣ ଦାସ, ବେଣୁଧର ଦାସ, ଶ୍ୟାମ ସୁନ୍ଦର ଦାସ, ସନ୍ତୋଷ ଦାସ, ସୁଦର୍ଶନ ଦାସ, ସୁଜନ ଦାସ, ଅନାଦି ଦାସ, ନିରଞ୍ଜନ ଦାସ ଓ ଗୌତମ ଦାସଙ୍କ ସମେତ ଅନ୍ୟାନ୍ୟ ସାଧୁଗଣ ଉପସ୍ଥିତ ରହିଥିଲେ।




### ବାଙ୍କେଶ୍ୱରୀ ଘାଟିରେ ପିକ୍‌ଅପ୍ ଓଲଟିବା ଘଟଣା

## ଚିକିତ୍ସାଧୀନ ନାବାଳକଙ୍କ ମୃତ୍ୟୁ

**ଦିଗପହଣ୍ଡି,୧୧ ।୩(ସମିସ):** ଦିଗପହଣ୍ଡି ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ବାଙ୍କେଶ୍ୱରୀଙ୍କ ପୀଠରେ ମୁଣ୍ଡନ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ଘଟିଥିଲା ଭୟାଙ୍କର ଦୁର୍ଘଟଣା। ରବିବାର ଅପରାହ୍ନରେ ପିକଅପ ଭ୍ୟାନଟି ପାହାଡ଼ ଘାଟି ତଳକୁ ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ନାବାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ମୃତ୍ୟୁ ଟିଛି। ମୃତକ ହେଲେ ଜରଡା ଥାନା ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ପାନିପଟା ଗ୍ରାମର ସ୍ୱର୍ଗତ ଟୁନା ପ୍ରଧାନଙ୍କ ୧୦ ବର୍ଷର ପୁଅ ସୂର୍ଯ୍ୟ ପ୍ରଧାନ। ରବିବାର ସକାଳୁ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏକ ବୋଲେରୋଯୋଗେ ମୁଣ୍ଡନ କାର୍ଯ୍ୟରେ ମା'ଙ୍କ ପୀଠକୁ ଯାଇ ଅପରାହ୍ନରେ ଫେରୁଥିଲେ। ପିଲିକାଡିଅ ଗ୍ରାମ ନିକଟସ୍ଥ ଘାଟିରେ ଚାଳକଙ୍କ ଅସାବଧାନତା ଯୋଗୁଁ ଭ୍ୟାନଟି ପ୍ରାୟ ୩୦ ଫୁଟ ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାହାଫଳରେ ୬ ଜଣ ଗୁରୁତର ରହିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଗୁରୁତର ମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଥିମଧ୍ୟରୁ ସୂର୍ଯ୍ୟଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ନିଆଯାଇଥିଲା । ତେବେ ସୋମବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କ ମୃତ୍ୟୁ ଘଟିଥିଲା। ଖଣ୍ଡଗିରି ପୋଲିସ ମୃତଦେହ ଜବତ କରି ମାମଲା ନଂ. ୬୦/୨୪ ଅନୁସାରେ ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଦିଗପହଣ୍ଡି ଥାନା ଆଇଆଇସି ବାବା ଶଙ୍କର ସରାଫ କହିଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




**ଆସିକା,୧୧ ।୩(ସମିସ):** ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ବିଶ୍ୱ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଅଧିକାରୀ ଚନ୍ଦନ ମାରାଣ୍ଡି, ପବିତ୍ର ଧଙ୍ଗଡାମାଝି ଏବଂ ଶ୍ରୀମତୀ ମଞ୍ଜୁ ଡାକୁଆ ଏବଂ ଯୁବ ରେଡକ୍ରସ (ୟାଇଆରସି)ର ଉପଦେଷ୍ଟା ଦ୍ୱୟ ରାଜେଶ କୁମାର ସାହୁ ଏବଂ ଡ. ଅଜିତ୍ କୁମାର ମୁନୀଙ୍କ ସୌଜନ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସମସ୍ତ ମହିଳା ଅଧ୍ୟାପିକା ଏବଂ କର୍ମଚାରୀ, ଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡ. ତ୍ରିପାଠୀ ନାରୀ ସଶକ୍ତିକରଣର ବାର୍ତ୍ତା ରଖିଥିବା ବେଳେ ମଞ୍ଚାସୀନ ଅଧ୍ୟାପିକା ଶ୍ରୀମତୀ ସେଇଲ୍ କୁମାରୀ ଝା ନିଜ ଅଭିଭାଷଣରେ ସମାଜରେ ନାରୀମାନେ ସମ୍ମାନର ସହ ବଞ୍ଚିବାକୁ ହେଲେ ପ୍ରଥମେ ପୁରୁଷମାନଙ୍କ ମାନସିକ ସ୍ତରକୁ ସଜାଡ଼ିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ପାତ୍ର, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମେଜର ଡ. ଶଂକର ପ୍ରସାଦ ଅଧିକାରୀ ପୃଥିବୀର ସମସ୍ତ ଶକ୍ତି ନାରିତ୍ୱ ଉପରେ ପର୍ଯ୍ୟବେକ୍ଷିତ ବୋଲି ସୂଚାଇ ଥିଲେ। ଓଡିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ଡ. ସ୍ମିତାରାଣୀ ପଣ୍ଡା ସମାଜରେ ନାରୀ ସଶକ୍ତିକରଣରେ ପୁରୁଷମାନଙ୍କ ଭୂମିକା ଅତୀବ ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଧ୍ୟକ୍ଷ ସମସ୍ତ ମହିଳା ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ।

## ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ ସ୍ୱାଭାବିକ

**ଛତ୍ରପୁର,୧୧ ।୩(ସମିସ):** ବହୁ ସଂଗ୍ରାମ ପରେ ଛତ୍ରପୁର ସହରରେ ବିଏସଏନ୍‌ଏଲ୍ ନେଟୱାର୍କ ସମସ୍ୟାର ସମାଧାନ ହୋଇଛି । ସ୍ଥାନୀୟ ବିଏସଏନ୍‌ଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଛତ୍ରପୁର ସହରରେ ବିଏସ୍‌ଏନ୍‌ଏଲ୍ ସିଗ୍ନାଲ୍ ସ୍ୱାଭାବିକ ନିମନ୍ତେ ମଝିବଜାର ସ୍ଥିତ ନୂତନ ସ୍ଥାନରେ ବିଏସଏନ୍‌ଏଲ୍ ଟାୱାର ପୁନଃ ସ୍ଥାପିତ ହୋଇଛି। ଫଳରେ ସହରରେ ୨ ଜିବିରୁ ୪ ଜିବି ଫ୍ୟାସିଲିଟି ଅପଗ୍ରେଡ୍ କରି ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ କ୍ଷେତ୍ରଗୁଡିକର ସମାଧାନ ହୋଇପାରିଛି । ପୂର୍ବରୁ ସହରରେ ନେଟୱାର୍କ ସମସ୍ୟା ପାଇଁ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଯୁବକ/ଯୁବତୀ ମାନେ ଅନଲାଇନରେ ବିଭିନ୍ନ ପାଠ ପଢ଼ାରେ ମଧ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏସଂକ୍ରାନ୍ତରେ ବିଭାଗୀୟ ଜିଏମ୍‌ଙ୍କ ଠାରୁ ଆରମ୍ଭ କରି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ସମାଧାନ କରାଯାଇଛି । ସହରର ବିଏସଏନ୍‌ଏଲ୍ ନେଟ୍‌ୱାର୍କ ସ୍ୱାଭାବିକ ସ୍ଥିତିକୁ ଫେରିଥିବା ନେଇ ଆଇନଜୀବୀ ବି.ଶ୍ରୀନିବାସ, ବ୍ୟବସାୟ ସଂଘର ସଭାପତି ସୟଦ ମୁକ୍ତାର ଓ କାଉନସିଲର କେ.ରମେଶ ପ୍ରମୁଖ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଜିଲ୍ଲାର ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ କାଳିଆ ସହାୟତା

**ଛତ୍ରପୁର,୧୧ ।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ଚାଷୀଭାଇ ମାନଙ୍କୁ କାଳିଆ ସହାୟତା ପ୍ରଦାନ କରିଛନ୍ତି। ଖରିଫ-୨୦୨୪ ଋତୁରେ ଚାଷ କାମ ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି। ରାଜ୍ୟରେ ୬୪ ଲକ୍ଷ ୧୧ ହଜାର ୪୦୫ ଚାଷୀଙ୍କୁ ୧୨୯୩. ୭୫ କୋଟି ଟଙ୍କାର ଚାଷୀଙ୍କ ସିଧାସଳଖ ବ୍ୟାଙ୍କ ଖାତାକୁ ଯାଇଛି। ଏହି ଅବସରରେ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ ଓସ୍ୱାନ ହଲ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଡିହୋଇଥିଲେ। ଜିଲ୍ଲାର ୫ ଲକ୍ଷ ୧୧ ହଜାର ୬୩ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଉପକୃତ ହୋଇଛନ୍ତି । ସେଥିମଧ୍ୟରୁ ୨ ଲକ୍ଷ ୫୬ ହଜାର ୫୨୬ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଙ୍କୁ ଦୁଇ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ସେହିପରି ୨ ଲକ୍ଷ ୫୪ ହଜାର ୫୩୭ଭୂମିହୀନ ଚାଷୀଙ୍କୁ ମଧ୍ୟ ଏହି କାଳିଆ ସହାୟତା ରାଶି



ମିଳିଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ସମେତ ବିଭିନ୍ନ ବ୍ଲକର ଚାଷୀ ମାନେ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସହାୟତା ରାଶି ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଚାଷୀମାନେ। ଏପରିକି କୁକୁଡାଖଣ୍ଡି ବ୍ଲକ ଗୁରୁଣ୍ଡି ଗ୍ରାମର ଚାଷୀ ଶିବ କୁମାର ସାହୁ ତାଙ୍କ ଦୁଇ ପୁଅ କାଳିଆ ବୃତ୍ତି ପାଇ ମେଡିକାଲରେ ପାଠ ପଢୁଛନ୍ତି ବୋଲି କହିଛନ୍ତି।

## ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି: ୬୪ ଅଭିଯୋଗପତ୍ର ଆଗତ

**ବେଲଗୁଣ୍ଠା,୧୧ ।୩(ସମିସ)**

ବେଲଗୁଣ୍ଠା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ବ୍ଲକ୍ ଏବଂ ଏନଏସିରୁ ଆସିଥିବା ୬୪ ଜଣ ନିଜର ଅଭିଯୋଗ ପତ୍ର ଦାଖଲ କରିଛନ୍ତି ଓ ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ୍ କୁମାର ସେଠୀ ଉପସ୍ଥିତ ଥିବା ବିଭିନ୍ନ ଅଧିକାରୀମାନଙ୍କ ସହିତ ଏହି ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହିତ ସମସ୍ୟା ଗୁଡିକର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ସେଠୀଙ୍କ ସମେତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଜିତ୍ କୁମାର ନାୟକ, ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ, ତହସିଲଦାର କଳାକୃଷ୍ଣ ପ୍ରଧାନ, ଏଡିଏମ୍ ଗ୍ରିଭାନ୍ସ ପ୍ରମୁଖ ମଞ୍ଚାସୀନ



ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ଚୌଧୁରୀ, ବ୍ଲକ୍ ଭେଟନାରୀ ଅଫିସର୍ ଡାକ୍ତର କାର୍ତ୍ତିକେଶ୍ୱର ସାହୁ, ସହକାରୀ କୃଷି ଅଧିକାରୀ ଶୈଳସୂତା ସାହୁ, ଉଦ୍ୟାନ ବିଭାଗ ଅଧିକାରୀ ଅଙ୍କିତା ମିଶ୍ର, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନ, ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର ମହାପାତ୍ର, ମୃତ୍ତିକା ସଂରକ୍ଷଣ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗୋବରାର ପୂର୍ବତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। ଯୁବ ସ୍ୱେଚ୍ଛାସେବୀ ତୋଫାନ କୁମାର ସାହୁ ବେଲଗୁଣ୍ଠା ଛଅ ନମ୍ବର୍ ୱାର୍ଡ଼ ତଥା ସୁତୁମୁସର ରୋଡ଼ ବାସୀନ୍ଦା ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ନିୟମିତ ପାନୀୟ ଜଳ ପାଇ ପାରୁନଥିବା ବେଳେ ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ସ୍ଥାନୀୟ ଜଳ ସଙ୍କଟ ସମାଧାନ ପାଇଁ ଦାବି କରିଥିଲେ। ଏହା ସହ ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ନାୟକ, ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ବଡ଼ ବୋର୍ସିଂଗ୍ ସରପଞ୍ଚ ଏସ୍ ରାମେଶ୍ୱର ପାତ୍ର, ପାଇଲିପଡ଼ା ସରପଞ୍ଚ ଜୟରାମ ନାୟକ, ନେଟେଙ୍ଗା ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ଼ ପ୍ରମୁଖ ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଗଞ୍ଜାମ ଓକିଲ ସଂଘ ନିର୍ବାଚନ**

# ପ୍ରଥମ ଦିନରେ ୮ ପ୍ରାର୍ଥୀଙ୍କ ନାମାଙ୍କନ

**ବ୍ରହ୍ମପୁର, ୧୧।୩(ସମିସ):** ଆସନ୍ତା ୩୦ ତାରିଖରେ ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାରଠାରୁ ଆରମ୍ଭ ହୋଇଛି ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା। ସଭାପତି ପଦବୀ ପାଇଁ ପ୍ରଥମ ଦିନରେ ସୋମବାର ଦିନ ପ୍ରଦୀପ କୁମାର ପଣ୍ଡା, ନୟନ ଚନ୍ଦ୍ର ମହାପାତ୍ର, ଜଗତ ମୋହନ ପଟ୍ଟନାୟକ ପ୍ରମୁଖ ୩ ଜଣ ପ୍ରାର୍ଥୀ ନିଜ ସମର୍ଥକଙ୍କ ସହ ଯାଇ ନିର୍ବାଚନ ଅଧିକାରୀ ଅନିଲ କୁମାର ପଣ୍ଡାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିଭଳି ବିରଞ୍ଚି ନାରାୟଣ ମହାପାତ୍ର, ଟିଟୁ କୁମାର ପାତ୍ର ଓ ଟି.ଭେଙ୍କେଟ



ପାତ୍ର ସମ୍ପାଦକ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପଦବୀ ପାଇଁ ରାମ ପ୍ରସାଦ ପଣ୍ଡା ଓ ଅନିଲ କୁମାର ପଣ୍ଡା ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଏହିଭଳି ଭାବେ ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନରେ ସଭାପତି ପଦବୀ ପାଇଁ ୩ ଜଣ, ସମ୍ପାଦକ ପଦବୀ ପାଇଁ ୩ ଜଣ ଏବଂ ଉପସଭାପତି ପଦବୀ ପାଇଁ ୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ହୋଇଥିବାରୁ ଆସନ୍ତାକାଲି ଅନ୍ୟ ସମସ୍ତ ଆଶାୟୀ ପ୍ରାର୍ଥୀ ନିଜ ନିଜ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ପ୍ରଥମ ଦିନରେ ସହସମ୍ପାଦକ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ କେହି ପ୍ରାର୍ଥିପତ୍ର ଦାଖଲ କରିନଥିବା ଜଣାପଡ଼ିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ କାର୍ଯ୍ୟକାରୀ କମିଟିର ୭ଟି ସଦସ୍ୟ ପଦବୀ ପାଇଁ ସିଧାସଳଖ ନିର୍ବାଚନ ଅନୁଷ୍ଠିତ ହେବ। ସେପଟେ ଚଳିତ ବର୍ଷ ଆଇନଜୀବୀଙ୍କ ନିର୍ବାଚନରେ ପୋଷ୍ଟର ଓ ବ୍ୟାନର ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି ରାଜ୍ୟ ବାର କାଉନ୍ସିଲ। ଫଳରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ପୁସିଂ କାର୍ଡ ସହ ଡୋର ଟୁ ଡୋର କ୍ୟାମ୍ପେନିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଓକିଲ ସଂଘ ନିର୍ବାଚନ ପାଇଁ ହାତରେ ଖୁବ କମ ସମୟ ଥିବାବେଳେ ନିଜ ସପକ୍ଷରେ ସମର୍ଥନ ଜୁଟାଇବା ପାଇଁ ଦିନରାତି ଏକ କରିଦେଇଛନ୍ତି ସମସ୍ତ ପ୍ରାର୍ଥୀ। ଫଳରେ ନିର୍ବାଚନକୁ ନେଇ ମହୋଲ ସରଗରମ ରହିଛି।

# ମନ୍ଦିରର ରୂପାନ୍ତରଣରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ

**ପାଣ୍ଠି ମିଳିବାର ୬ ମାସ ପରେ ବି ଆରମ୍ଭ ହେଉନି କାର୍ଯ୍ୟ**

**ବିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲେ ଗଜପତିନଗର ମନ୍ଦିର କମିଟି ଓ ଭକ୍ତ**

ବ୍ରହ୍ମପୁର, ୧୧।୩(ସମିସ)

ଗଜପତିନଗର ଓ ବାସୁଦେବନଗର ହନୁମାନ ମନ୍ଦିରର ଉନ୍ନତିକରଣ ତଥା ରୂପାନ୍ତରଣ କ୍ଷେତ୍ରରେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ମନ୍ଦିର ପରିସରରେ ହନୁମାନଙ୍କ ବ୍ୟତିତ ରାମେଶ୍ୱର, ଗଣେଶ, ଶ୍ରୀରାମ ପୂଜା ପାଉଛନ୍ତି। ଦୀର୍ଘ ବର୍ଷ ପରୁଣା ଏହି ମନ୍ଦିର ଉପରେ ଆଖପାଖର ସହସ୍ରାଧିକ ଭକ୍ତ ନିର୍ଭର କରିଥାନ୍ତି। ମନ୍ଦିରର ଉନ୍ନତିକରଣ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଆର୍ଥିକ ସହାୟତା ପାଇଁ ନିବେଦନ କରାଯାଇଥିଲା। ପରେ ବିଧାୟକଙ୍କ ପାଣ୍ଠିରୁ ସେ ୨୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିଭଳି ମନ୍ଦିରର ଉନ୍ନତିକରଣ ସକାଶେ ଉକ୍ତ ଅର୍ଥ ଯଥେଷ୍ଟ ହେଉନଥିବା ଜଣାପଡ଼ିବା ପରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବ୍ରହ୍ମପୁର ଗସ୍ତ ସମୟରେ ସେପ୍ଟେମ୍ବର ମାସରେ ଆମ୍ବପୁଆ ସଭାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଧିକ ଆର୍ଥିକ ଅନୁଦାନ ପାଇଁ ନିବେଦନ କରାଯାଇଥିଲା। '୫-ଟି' ଅଧ୍ୟକ୍ଷଙ୍କ ଗସ୍ତର ମାତ୍ର ୭ଦିନ ମଧ୍ୟରେ ମନ୍ଦିରକୁ ଅଧିକ ୧୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ମିଳିଥିଲା। ଇତି ମଧ୍ୟରେ ମନ୍ଦିରର ଉନ୍ନତିକରଣ ପାଇଁ ମୋଟ ୩୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିସାରିଛି। ଅନୁଦାନ ମିଳିବା ପରେ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ମଧ୍ୟ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ତେବେ ପାଣ୍ଠି ମିଳିବାର ଦୀର୍ଘ ୬ମାସ ବିତିଯାଇଥିଲେ ହେଁ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବହେଳା ପୋଷଣ କରାଯାଇଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ଓ ମେୟର ସଂଘମିତ୍ରା ଦଳେଇଙ୍କ ଉପସ୍ଥିତିରେ ଶିଳାନ୍ୟାସ ହୋଇସାରିଥିଲେ ହେଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ବିଭିନ୍ନ ଆଳ ଦେଖାଇ ପ୍ରକଳ୍ପ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଜନସାଧାରଣ ଓ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ମନ୍ଦିର ପକ୍ଷରୁ ବିଏମସି କର୍ତ୍ତୃପକ୍ଷଙ୍କୁ ୭ଦିନର ମହଲତ ଦିଆଯାଇଥିଲା। ଉକ୍ତ ସମୟସୀମା ଶେଷ ହେବା ପରେ ସୋମବାର ମନ୍ଦିର କମିଟି ଓ ଭକ୍ତବୃନ୍ଦ ନିଗମ କାର୍ଯ୍ୟାଳୟ ଘେରିବାର



କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ଆନ୍ଦୋଳନ ପୂର୍ବରୁ ନିଗମର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲଳିତ ଦାଶ ମନ୍ଦିର ନିକଟକୁ ଆସି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସ୍ଥାନୀୟ କର୍ପୋରେଟର ସମୀର ମିଶ୍ରଙ୍କ ଉପସ୍ଥିତିରେ ନିର୍ବାହୀ ଯନ୍ତ୍ରୀ ଇଂ ଲଳିତ ଦାଶଙ୍କୁ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଲୋକେ ଘେରାଓ କରିଥିଲେ। ପରେ ନିର୍ବାହୀଯନ୍ତ୍ରୀ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ମଙ୍ଗଳବାର ମନ୍ଦିର ଭଙ୍ଗା କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ସ୍ଥାନୀୟ ଜନସାଧାରଣଙ୍କ ଅସନ୍ତୋଷ ଶାନ୍ତ ପଡ଼ିଥିଲା। ତେବେ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରି ଯୁଦ୍ଧକାଳୀନ ଭିତ୍ତିରେ ଶେଷ ନକଲେ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ କମିଟି ଓ ଅଞ୍ଚଳବାସୀ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତି ବିନୋଦ ମହାପାତ୍ର, ଉପ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅନନ୍ତ ପଣ୍ଡା, ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା, ଡାକ୍ତର ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ପ୍ରଦୀପ ପଟ୍ଟନାୟକ, ନିର୍ମଳ କୁମାର ପାଢ଼ୀ, ଗିରୀଶ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ମହାପାତ୍ର, ନରେନ୍ଦ୍ର ପାତ୍ର, ଇଂ. ସୁରେଶ କୁମାର ପାତ୍ର ଓ ଦିଗାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆଶାକର୍ମୀ, ସିଆର୍‌ପି, ଏମ୍‌ବିକେ ଓ କୃଷିମିତ୍ର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



**ବ୍ରହ୍ମପୁର, ୧୧।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଆଶାକର୍ମୀ ଓ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସିଆରପି, ଏମବିକେ, କୃଷିମିତ୍ରଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହିକ୍ରମରେ ସ୍ଥାନୀୟ ସର୍କିଟ ହାଉସ ପରିସରରେ ରଙ୍ଗେଇଲୁଣ୍ଡା ବ୍ଲକର କାର୍ଯ୍ୟରତ ଆଶକର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ ରାଜେଶ୍ୱରୀ ଦୋରା, ସାଂସଦ ପ୍ରତିନିଧି ଅଜିତ ଦାଶ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଉଷା ରାଣୀ, ଉପାଧ୍ୟକ୍ଷତା ଅନୀତା ମହାଙ୍କୁଡ଼, ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାକର୍ମୀଙ୍କ ପ୍ରାପ୍ୟ ବୃଦ୍ଧି କରିଥିଲେ। ଏନେଇ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟ ସଂଗଠନରେ ସାମିଲ ହେବା ପରେ ସଂଘର ଦାବିକୁ ରାଜ୍ୟ ସରକାର ହୃଦୟଙ୍ଗମ କରିଥିବା ଆଶାକର୍ମୀମାନେ ଏଠାରେ କହିଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଗସ୍ତ ସମୟରେ ଆଶା କର୍ମୀ ସଂଘ ପକ୍ଷରୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଆଶା କର୍ମୀମାନେ ସେମାନଙ୍କ ଦାବି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କଥା ରଖି ପାରିଶ୍ରମିକ ବୃଦ୍ଧି କରିଥିବାରୁ ସଂଘ ଏଠାରେ କୃତଜ୍ଞତା ଜ୍ଞାପନ କରିଛି। ସେହିଭଳି ସନ୍ଧ୍ୟାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସମସ୍ତ ଏମବିକେ, ସିଆରପି, କୃଷିମିତ୍ର ମଧ୍ୟ ଏକ ବୈଠକ କରି ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ ଓ ବ୍ରହ୍ମପୁର ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ବ୍ରହ୍ମପୁର, ୧୧।୩(ସମିସ)





ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼. ବିଦ୍ୟୁତ୍ ପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ ପ୍ରଫେସର ପଦ୍ମିନୀ ସାହୁ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାରତୀୟ ଭାଷା ସମୂହର ସୂଚନା ପ୍ରଦାନ ସହ ଶାସ୍ତ୍ରୀୟତାର ଭିତ୍ତିଭୂମି ଓ ଓଡ଼ିଶା ଭାଷା ଉତ୍କର୍ଷ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଅଧ୍ୟାପିକା ଡ଼. ଉଷାରାଣୀ ରଥ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଏବଂ ଶାସ୍ତ୍ରୀୟ ଘୋଷଣା ହେବା ଦ୍ୱାରା ଭାଷାର ଗୁରୁତ୍ୱ ଲାଭ କରି ଅନେକ ସମୃଦ୍ଧିମୂଳକ ସରକାରୀ ଯୋଜନାର ଅଧିକାରୀ ହୋଇପାରିଛି ବୋଲି କହିଥିଲେ। ସେହିପରି ଅଧ୍ୟାପକ ଡ଼. ମନୋରଞ୍ଜନ ବିଷୋୟୀ ଓଡ଼ିଆ ଭାଷାର ମହତ୍ତ୍ୱ ଓ ଉତ୍କର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଏବଂ ନିଜର ଭାଷା ଗୌରବ ବଜାଇ ରଖିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ କୁରେସୁ ମହାରଣା ଏବଂ ସ୍ୱର୍ଣ୍ଣଲତା ବିଷୋୟୀ ଓଡ଼ିଆ ଭାଷା ଓ ସମୃଦ୍ଧ ପରମ୍ପରା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଆଶା ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ





**ବ୍ରହ୍ମପୁର, ୧୧।୩(ସମିସ):** ସ୍ଥାନୀୟ ଡାଇମଣ୍ଡ ଜୁବୁଲି ଟାଉନ ହଲଠାରେ ସୋମବାର ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ମେୟର ସଂଘମିତ୍ରା ଦଳାଇ ଓ ଡେପୁଟି ମେୟର ଇ.ବିବେକ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟ ପରିଚାଳକ(ସହରାଞ୍ଚଳ) ସୁକାନ୍ତ ମିଶ୍ର ଯୋଗ ଦେଇଥିଲେ। ଏ ଅବସରରେ ବ୍ରହ୍ମପୁର ସହରରେ ଥିବା ସମସ୍ତ ୧୭୦ଟି ମହିଳା ଆରୋଗ୍ୟ ସମିତି ଓ ୧୧୪ଟି ଆଶାକର୍ମୀଙ୍କର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଉକ୍ତ କର୍ମୀଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରାଯାଇଥିଲା। ସମ୍ମିଳନୀରେ ସହରର ଆଗା ସାହି, ଆସ୍କା ରୋଡ, ଆମ୍ବପୁଆ, ବୈକୁଣ୍ଠ ନଗର, ଖୋଡାସିଙ୍ଗି, ଗୁଡ଼ସେଡ ରୋଡ଼, ରେଡକ୍ରସ ଓ ଉତ୍ତରାମୁଖୀ ପରି ୮ଟି ସହରାଞ୍ଚଳ ଜନସ୍ୱାସ୍ଥ୍ୟ କେନ୍ଦ୍ର ଜାତୀୟ ଗୁଣାୟକ ମାନର ଉତ୍ତୀର୍ଣ୍ଣ ହୋଇଥିବା ସମ୍ମାନିତ କରାଯାଇଥିଲା। ଏହା ସହ ଆଙ୍କୁଲି, ମିନାକ୍ଷୀ ନଗର ଓ ଗୋଶାଣିନୂଆଗାଁ ୩ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ଛତ୍ରପୁର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଉନ୍ନତମାନର ସେବା ପ୍ରଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ସହରର ବିଭିନ୍ନ ୱାର୍ଡର ୮ଟି ମହିଳା ଆରୋଗ୍ୟ ସମିତି ଆଶାକର୍ମୀ ଓ ୩୦ଜଣ ଏବଂ ଅଧିକାରୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସ୍ୱାସ୍ଥ୍ୟ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସମ୍ମିଳନୀରେ ଡା. ଆର.ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡା. ସନ୍ତୋଷ କୁମାର ପାଢ଼ୀ ସମନ୍ୱୟ ଓ ଗୋଷ୍ଠୀ ପ୍ରକ୍ରିୟା ପରିଚାଳକ ହୃଷିକେଶ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ, ଆଶିଷ କୁମାର ମିଶ୍ରଙ୍କ ସହ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ବ୍ରହ୍ମପୁରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମାତୃ ସ୍ତନ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୧୧।୩(ସମିସ):** ସ୍ଥାନୀୟ ହରିହର ନଗରସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ସୋମବାର ମାତୃ ସ୍ତନ୍ୟ(କ୍ଷୀରବୃଦ୍ଧି) ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଯୋଗଦେଇ ସଚେତନ କରିଥିଲେ। ମାତୃ ସ୍ତନ୍ୟ ଶିଶୁ ପାଇଁ ଅମୃତ, ସମସ୍ତ ଭିଟାମିନ, ରସାୟନ ବୋଲି କହିଥିଲେ। ଗର୍ଭାଧାନ ପରେ କ୍ଷୀର ସଞ୍ଚୟ ହେବା ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା। କେତେକଙ୍କ ଦୁର୍ବଳ, ରକ୍ତହୀନ, ପାଣି, ତୋରାଣି କମ୍ ପିଇବା, ବାତ ଦୋଷରୁ କ୍ଷୀର ହୁଏ ନାହିଁ। ଭୂଇଁ କଖାରୁ, ଶତାବରୀ ରସ ବା ଚୂର୍ଣ୍ଣ ଖାଇଲେ ବା ଅମୃତ ଭଣ୍ଡା ଚେର ପାଞ୍ଚ ଗ୍ରାମ ବା ଅମୃତ ଭଣ୍ଡା ସିଝା ବା କ୍ଷୀର ପଖଳା ଭାତ ଖାଇଲେ ପ୍ରଚୁର ଦୁଗ୍ଧ ହୁଏ ବୋଲି କହିଥିଲେ। ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଡି. ଶ୍ରୀନିବାସ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

**ଗୋପାଳପୁର ଥାନାର ନୂତନ କୋଠା**

# ଲୋକାର୍ପିତ କରିବେ ମୁଖ୍ୟମନ୍ତ୍ରୀ

**ବିନିଯୋଗ ହୋଇଛି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା**

**ବ୍ରହ୍ମପୁର ପୁଲିସ ଜିଲ୍ଲାର ହେବ ପ୍ରଥମ ଅତ୍ୟାଧୁନିକ ଥାନା**

ବ୍ରହ୍ମପୁର, ୧୧।୩(ସମିସ)



ଆସନ୍ତା ୧୩ ତାରିଖରେ ଗୋପାଳପୁର ଥାନାର ନୂତନ କୋଠାକୁ ଆଭାସୀ ମାଧ୍ୟମରେ ଲୋକାର୍ପିତ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏନେଇ ସୂଚନା ଆସିବା ପରେ ସୋମବାର ଅପରାହ୍ନରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ଗୋପାଳପୁର ଥାନାରେ ପହଞ୍ଚି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନୂତନ କୋଠା ପରିଦର୍ଶନ କରିଥିଲେ। ସୂଚନା ପ୍ରକାରେ ୨୦୨୨ମସିହାରେ ଗୋପାଳପୁର ଥାନା ପରିସରରେ ୩ କୋଟି ୨୮ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟରେ ପୁଲିସ ହାଉସିଂ ପକ୍ଷରୁ ନୂତନ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କୋଠାରେ ସମସ୍ତ ପ୍ରକାରର ବ୍ୟବସ୍ଥା ରହିଛି। ଏନେଇ ବ୍ରହ୍ମପୁର ଏସ୍‌ପିଙ୍କ ସହ ଯୋଗାଯୋଗ ବେଳେ ୧୩ ତାରିଖ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଥାନାର ନୂତନ କୋଠାକୁ ଉଦ୍‌ଘାଟନ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, ବିଧାୟକ, ସାଂସଦ, ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବା କାର୍ଯ୍ୟକ୍ରମ ଥିବା ସେ କହିଛନ୍ତି। ଥାନାର ନୂତନ କୋଠା ପରିଦର୍ଶନ ବେଳେ ଏସ୍‌ପିଙ୍କ ସହିତ ରିଜର୍ଭ ପୁଲିସ ଏନ୍ସପେକ୍ଟର ଏମ. ଲକ୍ଷ୍ମୀ ରଞ୍ଜନ, ଗୋପାଳପୁର ଥାନା ଅଧିକାରୀ ଶରତ କୁମାର ମାହାଲିକ, ଗୋପାଳପୁର ଥାନାର ସମସ୍ତ କର୍ମଚାରୀ, ପୁଲିସ ହାଉସିଂ ବୋର୍ଡର ନିର୍ବାହୀଯନ୍ତ୍ରୀ ସୁବାସ ଚନ୍ଦ୍ର ପଣ୍ଡା, ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜିତ ନାୟକ ଓ କନିଷ୍ଠ ଯନ୍ତ୍ରୀ ତନୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଶାଶୂଘରେ ଝିଅକୁ ନିର୍ଯାତନା**

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତାଙ୍କ ପରିବାର

**ବ୍ରହ୍ମପୁର, ୧୧।୩(ସମିସ):** ବ୍ରହ୍ମପୁର ଉପକଣ୍ଠ ତଥା ଗୋଳନ୍ଥରା ଥାନା ଅର୍ନ୍ତଗତ ପଞ୍ଚମା ଗାଁର ଲକ୍ଷ୍ମୀ ମଣ୍ଡଳ ଉକ୍ତ ଗାଁର ନୃସିଂହ ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହ କିଛିଦିନ ପରେ ଝିଅ ଲକ୍ଷ୍ମୀଙ୍କୁ ତାଙ୍କ ଶାଶୁଘର ଲୋକେ ବିଭିନ୍ନ ନିର୍ଯ୍ୟାତନା ଦେଉଥିବା ନେଇ ସୋମବାର ବ୍ରହ୍ମପୁର ଏସପିଙ୍କୁ ଭେଟି ଅଭିଯୋଗ କରିଛନ୍ତି ଲକ୍ଷ୍ମୀଙ୍କ ବାପଘର ଲୋକେ। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀ ଓ ନୃସିଂହ ପ୍ରଧାନଙ୍କ ମଧ୍ୟରେ ପୂର୍ବରୁ ପ୍ରେମସମ୍ପର୍କ ରହିଥିଲା। ତେବେ ନୃସିଂହ ବିବାହର ପ୍ରତିଶ୍ରୁତି ଦେଇ ଲକ୍ଷ୍ମୀଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ ରଖିଥିଲେ। ଏନେଇ ଜଣାପଡ଼ିବା ପରେ ୨୦୨୧ ଡିସେମ୍ବର ୨୩ତାରିଖରେ ଉଭୟଙ୍କ ବିବାହ ଗାଁ ମନ୍ଦିରରେ ହୋଇଥିଲା। ଏହାପରେ ପୁଣି ଡ଼ିସେମ୍ବର ୨୭ତାରିଖରେ ଲକ୍ଷ୍ମୀଙ୍କ ସହ ନୃସିଂହ ପ୍ରଧାନ କୋର୍ଟରେ ବିବାହ ନେଇ ଶପଥପାଠ କରିଥିଲେ। ହେଲେ ଶାଶୁଘର ଲୋକେ ଲକ୍ଷ୍ମୀଙ୍କୁ ଗ୍ରହଣ କରୁନଥିବା ଅଭିଯୋଗ ସହ ଦୁଷ୍କର୍ମ ଅଭିଯୋଗ ନେଇ ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇଥିଲେ ଲକ୍ଷ୍ମୀ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ନୃସିଂହକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଦୀର୍ଘ ୪ମାସ ପରେ ନୃସିଂହ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲେ। ବର୍ତ୍ତମାନ ଦୀର୍ଘ ଦିନ ଧରି ଲକ୍ଷ୍ମୀ ନୃସିଂହଙ୍କ ଘରେ ଅର୍ଥାତ ଶାଶୁଘରେ ରହୁଥିବା ବେଳେ ନୃସିଂହ ଗାଁବାହାରେ ଅନ୍ୟତ୍ର ରହୁଛନ୍ତି। ଲକ୍ଷ୍ମୀ ନିଜ ପରିବାର ସହ ମିଳାମିଶା କରିପାରିବା ନେଇ ନିକଟରେ ହାଇକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହାଇକୋର୍ଟର ନିର୍ଦ୍ଦେଶକୁ ଅବମାନନା କରିବା ସହ ଲକ୍ଷ୍ମୀଙ୍କୁ ନୃସିଂହଙ୍କ ଘରେ ହିଁ ବନ୍ଦୀ କରି ରଖାଯାଇଥିବା ଖୋଦ ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀ ରହୁଥିବା ଘରର ବାହାପଟେ ଓ ବାରିପଟେ ତାଙ୍କ ଶାଶୁଘର ଲୋକେ ତାଲା ପକାଇ ଦେଇଥିବା ଅଭିଯୋଗ କରିଛନ୍ତି ଲକ୍ଷ୍ମୀଙ୍କ ପରିବାର ଲୋକେ। ଲକ୍ଷ୍ମୀଙ୍କୁ ନ୍ୟାୟ ପ୍ରଦାନ କରିବା ସହ ତାଙ୍କୁ ନିଜ ପରିବାର ସହ ମିଳାମିଶା କରିବା ନିମନ୍ତେ ସୁଯୋଗ ଦିଆଯାଉ ବୋଲି ଦାବି କରି ଆଜି ବ୍ରହ୍ମପୁର ଏସପିଙ୍କୁ ସାକ୍ଷାତ କରିଛନ୍ତି ଲକ୍ଷ୍ମୀଙ୍କ ପରିବାର ସଦସ୍ୟ।



# ପାଣି ପାଇଁ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

## ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଲା ପ୍ରଶାସନ

ଫୁଲବାଣୀ, ୧୧।୩(ସମିସ)



ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସରକାର କରିଛନ୍ତି ଅନେକ ଯୋଜନା। ଏବେ କନ୍ଧମାଳ ଜିଲ୍ଲାରେ ପ୍ରାୟ ହଜାରେ କୋଟି ଟଙ୍କା ବ୍ୟୟରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ। କିନ୍ତୁ ଆଜି ମଧ୍ୟ ଅନେକ ଗ୍ରାମ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ରହିଛି। ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଅନେକ ସ୍ଥାନରେ ଦେଖା ଦେଲାଣି ପାନୀୟ ଜଳ ସମସ୍ୟା। ଗାଁରେ ପାନୀୟ ଜଳର ଉତ୍କଟ ସମସ୍ୟା ପ୍ରତିବାଦରେ ସୋମବାର ସକାଳୁ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗୁମାଗଡ଼ ପଞ୍ଚାୟତ ସଦନମେଣ୍ଡି ଗ୍ରାମବାସୀ ଫୁଲବାଣୀ-ବ୍ରହ୍ମପୁର ୧୫୭ ନଂ ରାଜପଥ ଅବରୋଧ କରିଥିଲେ। ହାଣ୍ଡି, ମାଠିଆ, ବାଲଟି ଧରି ଲୋକେ ରାସ୍ତା ଉପରେ ବସି ରହିବା ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ୭ ନଂ ୱାର୍ଡ ସଦନମେଣ୍ଡିରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖା ଦେଇଛି। ଗାଁରେ ୬ଟି ନଳକୂପ ଥିଲେ ମଧ୍ୟ ସେଥିରୁ ୩ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଅନ୍ୟ ତିନୋଟିରେ କେତେବେଳେ ପାଣି ଆସୁଛି ତ କେତେବେଳେ ନାହିଁ। ଗ୍ରାମରେ ପାନୀୟ ଜଳର ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ତେଣୁ ପାନୀୟ ଜଳ ପାଇଁ ଗ୍ରାମବାସୀ ନିକଟସ୍ଥ ନାଳ ଏବଂ ଚୂଆଁ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ତେଣୁ ସୋମବାର ବାଧ ହୋଇ ୱାର୍ଡସଭ୍ୟ ସ୍ମୃତିପୂର୍ଣ୍ଣା ଦିଗାଲଙ୍କ ନେତୃତ୍ୱରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସଦର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତେବେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଲୋକେ ଧାରଣାରୁ ହଟିବେ ନାହିଁ ବୋଲି ଜିଦ ଧରିଥିଲେ। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁ, ସରପଞ୍ଚ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୁନାଲି ହେମ୍ବ୍ରମ, ବିଧାୟକ ପ୍ରତିନିଧି ନୀଳାମ୍ବର କହଁର ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହିତ ସାତ ଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୧୦ଟା ବେଳେ ଲୋକେ ଧାରଣାରୁ ହଟିଥିଲେ।

● ଦିନିକିଆ ପରାମର୍ଶ କର୍ମଶାଳା

# ଦାରିଙ୍ଗବାଡ଼ି ହେବ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନସ୍ଥଳୀ




**ଦାରିଙ୍ଗବାଡ଼ି, ୧୧।୩(ସମିସ):** ଓଡ଼ିଶାର କାଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଦିନିକିଆ ପରାମର୍ଶ କର୍ମଶାଳା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ୟୁଥଫର ୱାଟର ସହଯୋଗରେ ରାଜ୍ୟ ୧୭୬ଟି ପର୍ଯ୍ୟଟନସ୍ଥଳୀରେ ପ୍ଲାଟିକ ମୁକ୍ତ ଅଭିଯାନ ଗତବର୍ଷ ଶେଷରେ କ୍ୟାମ୍ପେନିଂ ଆରମ୍ଭ କରାଯାଇଥିଲା। ଏଥିମଧ୍ୟରୁ ଚନ୍ଦ୍ରଭାଗା କୋଣାର୍କ ଓ ଦାରିଙ୍ଗବାଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଏକ ପାଇଲଟ ପ୍ରକଳ୍ପ କରାଯାଇଛି। ସୋମବାର ଦାରିଙ୍ଗବାଡ଼ି ବ୍ଲକ ସଭାଗୃହରେ ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଦିନିକିଆ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଦାରିଙ୍ଗବାଡ଼ି ବନ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତିର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ରାଜ୍ୟରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଯୋଗୁଁ ପ୍ରାଣୀ ସମାଜ ପାଇଁ ବିପଦ ସୃଷ୍ଟି ହେଉଥିବା ଯୋଗୁଁ ଆଗାମୀ ଦିନରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। କର୍ମଶାଳାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ବୈଜ୍ଞାନିକ ମିତ୍ରସେନ ମାଝି, ରାଜ୍ୟ ପ୍ରଦୂଷଣ ବିଭାଗ ମୁଖ୍ୟ ପରିବେଶ ଯନ୍ତ୍ରୀ ଡ଼. ଆର ଏନ ପୃଷ୍ଟି, ୟୁଥ ଫର ୱାଟରର ରଞ୍ଜନ ପଣ୍ଡା, ବ୍ରହ୍ମପୁର ଆଞ୍ଚଳିକ ଅଧିକାରୀ ଦୀପକ କୁମାର ସାହୁ, ବାଲିଗୁଡ଼ା ଉପଖଣ୍ଡ ଜଙ୍ଗଲ ଅଧିକାରୀ ବିଶ୍ୱରାଜ ପଣ୍ଡା, ବିଡ଼ିଓ ଗଦାଧର ପାତ୍ର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଥିରେ ବ୍ଲକର ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ, ହୋଟେଲ ଆସୋସିଏସନ, ସ୍ୱେଚ୍ଛାସେବୀ, ଯୁବଗୋଷ୍ଠୀ ଓ ବିଭିନ୍ନ ବିଭାଗ କର୍ମଚାରୀ ଅଂଶଗ୍ରହଣ କରି ମତାମତ ଦେଇଥିଲେ। ଆସନ୍ତା ୨୦୩୦ ସୁଦ୍ଧା ଦାରିଙ୍ଗବାଡ଼ି ପର୍ଯ୍ୟଟନସ୍ଥଳୀକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶପଥ ନେବା ସହିତ ପ୍ରଶାସନ ଓ ସାଧାରଣ ଜନତାଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଜାଗୃତି କର୍ମକର୍ତ୍ତା ଧ୍ରୁବଚରଣ ନାୟକ, ଧନେଶ୍ୱର ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଅଷ୍ଟପ୍ରହର ନାମଯଜ୍ଞ

**ଖଜୁରୀପଡ଼ା, ୧୧।୩(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ପାବେରୀ ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗ୍ରାମର ଯଜ୍ଞ ସଭାପତି କୃଷ୍ଣଚନ୍ଦ୍ର ବେହେରା ଓ ସମ୍ପାଦକ ନନ୍ଦସୁତ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନରେ ମହିଳା ଶୋଭାଯାତ୍ରାରେ ବାହାରି କଳସରେ ନଦୀ ରୁ ଜଳ ଆଣି କୁଞ୍ଜ ଚାରିପାଖରେ ରଖିଥିଲେ। ଦ୍ୱିତୀୟ ଦିନରେ ମନ୍ଦିର ରତ୍ନମୁଦ ମରାଯାଇ ନାମଯଜ୍ଞ, ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ହୋଇଥିଲା। ଏହି ଯଜ୍ଞରେ ଚକାପାଦ ଗୁରୁକୁଳ ଆଶ୍ରମରୁ ଆସିଥିବା ଆଚାର୍ଯ୍ୟ ପୂଜକ ଜଗବନ୍ଧୁ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

**ତୁମୁଡ଼ିବନ୍ଧ, ୧୧।୩(ସମିସ):** ମାଓ ପ୍ରବଣ ତୁମୁଡିବନ୍ଧ ବ୍ଲକର ବିଭିନ୍ନ ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷା ବଳ(ସିଆରପିଏଫ) ଦ୍ୱାରା ଜନସମ୍ପର୍କ ଶିବିର ଆୟୋଜନ କରାଯାଇ ଜନସାଧାରଣଙ୍କ ନିକଟତର ହେବାକୁ ଉଦ୍ୟମ କରାଯାଉଛି। ଏହି କ୍ରମରେ ତୁମୁଡିବନ୍ଧ ଥାନାସ୍ଥିତ କେନ୍ଦ୍ରୀୟ ସୁରକ୍ଷା ବଳ ୧୨୭ ବାଟାଲିୟନ ପକ୍ଷରୁ ମୁଣ୍ଡିଗଡ଼ ସ୍ଥିତ ମା' ଭୈରବୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏକ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନସାଧାରଣଙ୍କୁ ଆଇନ ଶୃଙ୍ଖଳା ଓ ସ୍ୱଚ୍ଛତା ଉପରେ ସଚେତନ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଯୁବକ ସଂଘକୁ କ୍ରୀଡ଼ା ଉପକରଣ ବିତରଣ କରାଯାଇଥିଲା। ଗରିବ ପରିବାରଙ୍କୁ ବାସନକୁଶନ, ସୋଲାର ଲାଇଟ୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ାସ୍ଥିତ ୧୨୭ ବାଟାଲିୟନ କେନ୍ଦ୍ରୀୟ ସୁରକ୍ଷା ବଳର ଦ୍ୱିତୀୟ କମାଣ୍ଡିଂ ଅଧିକାରୀ ସୁବ୍ରତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ସମସ୍ତ ଅଧିକାରୀ ଓ ଯବାନ ଉପସ୍ଥିତ ଥିଲେ।




● ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

# ଜଣେ ମୃତ; ୧ ଗୁରୁତର



**ଗୋଷାଣି, ୧୧।୩(ସମିସ):** ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଗୁରଣ୍ଡି ଥାନା ଅନ୍ତର୍ଗତ ସରିଆପଲି ଗ୍ରାମ ନିକଟରେ ବସ୍‌କୁ ଓଭରଟେକ୍ ବେଳେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଗାରାବନ୍ଧ ପଟରୁ ବୀରନାରାୟଣପୁର ଗ୍ରାମର ଟି.ମନ୍ମଧା(୪୩) ବସ୍‌କୁ ଓଭରଟେକ୍ କରି ଯିବାବେଳେ ବିପରୀତ ଦିଗରୁ ଆନ୍ଧ୍ରର ଏକ ବାଇକ୍‌ରେ ମିଲିଆପୁଟିରୁ ଗାରାବନ୍ଧା ଅଭିମୁଖେ ଯାଉଥିବା ଏସ.ଧର୍ମାରାଓ (୩୪) ଙ୍କ ସହ ମୁହାଁମୁହିଁ ଧକ୍କା ଘଟିଥିଲା। ଉଭୟ ବାଇକ୍ ବସ୍‌ର ପଛ ପାର୍ଶ୍ୱରେ ଘୋଷାଡ଼ି ହୋଇଯାଇ ଛିଟିକି ହୋଇପଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଟି. ମନ୍ମଧାଙ୍କ ମୃତ୍ୟୁ ଘଟିଥିଲା। ଏସ. ଧର୍ମା ରାଓଙ୍କୁ ପଥଚାରୀଙ୍କ ସହାୟତାରେ ଅନ୍ୟ ଏକ ଗାଡି ଯୋଗେ ଗାରାବନ୍ଧା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ଗୁରାଣ୍ଡି ଥାନାଧିକାରୀ ରବୀନ୍ଦ୍ର ପାତ୍ର ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଥିଲେ। ଏହା ସହ ମନ୍ମଧାଙ୍କ ମୃତଦେହର ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ



**ଦାରିଙ୍ଗବାଡ଼ି, ୧୧।୩(ସମିସ):** କନ୍ଧମାଳ ଜିଲ୍ଲା ଦାସିଙ୍ଗବାଡ଼ି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ୮ ଗ୍ରାମର ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ପଟ୍ଟା ବଣ୍ଟନ କରାଯାଇଥିଲା। ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ପଟ୍ଟା ବଣ୍ଟନ କରିଥିଲେ। ଟେକାବାଡ଼ି, ଜନାବାଡ଼ି, ସିପୁବାଡ଼ି, ବୁଡ୍ରାପଙ୍ଗା, ଜୁଆଙ୍ଗିଆ, ବାଞ୍ଜାମାହା, କଟଡ଼ମାହା ଏବଂ ଦବେଡ଼ି ଗ୍ରାମକୁ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦାସିଙ୍ଗବାଡ଼ି ରାଜସ୍ୱ ନିରୀକ୍ଷକ ଅମୀୟ ଭୂଷଣ ରାମ୍ ପରିଚାଳନା କରିଥିଲା ବେଳେ ଅମିନ କାଶୀନାଥ ପ୍ରଧାନ, ଟୁନା ବେହେରା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରଦାନ' ର କର୍ମକର୍ତ୍ତା ଡମ୍ବୁରୁଧର ଦିଗାଲ ସହଯୋଗ କରିଥିଲେ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

**ଫିରିଙ୍ଗିଆ, ୧୧।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା କାଏଲମ୍ବା ଅଂଚଳରେ ସୋମବାର ସକାଳେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କେ.ନୂଆଗାଁ ଥାନା ବାଟାମାହା ଗାଁର ମଣ୍ଟୁ ପ୍ରଧାନ। ମଣ୍ଟୁ କୌଣସି କାମରେ ଫିରିଙ୍ଗିଆ ବ୍ଲକର କେଳାପଡ଼ା ଗାଁକୁ ଯାଇ ନିଜ କାମ ସାରିବା ପରେ ଗାଁକୁ ବାଇକ ରେ ଫେରୁଥିବା ସମୟରେ କେଳାପଡ଼ା ଠାରୁ ବାଲକିଡାଡିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର କାଏଲମ୍ବା ଗାଁ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ମଣ୍ଟୁର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟର ସାରଙ୍ଗଗଡ଼ ଗାଁର ଗୋପାଳ ସାହୁଙ୍କ ବୋଲି ଜଣାପଡ଼ିଥିଲା। ଖବର ପାଇ ପୁଲିସ ପହଞ୍ଚି ଅଗ୍ନିଶମ ବାହିନୀ ସାହାଯ୍ୟରେ ମୃତଦେହକୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପାଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



**ପାରଳାଖେମୁଣ୍ଡି, ୧୧।୩(ସମିସ):** ଗଜପତି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାରଳାଖେମୁଣ୍ଡିସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡାକ୍ତର ମୁର୍ମୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତା, ବିଶିଷ୍ଟ ଅତିଥି ଭାବେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ସାଂପ୍ରତିକ ସମୟର ଓଡ଼ିଆ ଭାଷା ଓ ସାହିତ୍ୟ ସର୍ଜନା ସ୍ୱୀକୃତି ସମ୍ମାନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ହେବା ପୂର୍ବରୁ ଏହାର ପୌରାଣିକ, ବ୍ୟାକରଣ ଗତ ଲକ୍ଷଣ ଏବଂ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଯୁଗେ ଯୁଗେ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବାକୁ କହିଥିଲେ। ଶେଷରେ ପ୍ରଦୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଗୋଷାଣି ପଞ୍ଚାୟତ ସମିତି ବୈଠକ




**ପାରଳାଖେମୁଣ୍ଡି, ୧୧।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ପଞ୍ଚାୟତ ସମିତି ବୈଠକ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ହେଲେ ବହୁ ଲାଇନ ବିଭାଗ ଅଧିକାରୀ, ସମସ୍ତ ପିଇଓ ଏବଂ ବହୁ ଜନପ୍ରତିନିଧି ବୈଠକରେ ଯୋଗ ଦେଇ ନ ଥିଲେ। ବୈଠକରେ ସରପଞ୍ଚ ତଥା ସମିତିସଭ୍ୟଙ୍କ ସମ୍ପର୍କୀୟ ବସି ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଉପସ୍ଥିତ କେତେକ ସରପଞ୍ଚ ଓ ସମିତିସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି ସ୍ଥଳେ ବ୍ଲକର ବିକାଶ ବା ଉନ୍ନତିକରଣ କାମର ସମୀକ୍ଷା କିପରି କରାଯାଇଥିବ ତାହା ଆଲୋଚନାର ବିଷୟ ପାଲଟିଛି। ଆଜି ଅନୁଷ୍ଠିତ ବୈଠକରେ କେତେକ ବିଷୟକୁ ନେଇ ସମୀକ୍ଷା ହୋଇଥିବା ବେଳେ ଅଧିକାଂଶ ବିଷୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଅନୁପସ୍ଥିତ ଯୋଗୁଁ ଆଲୋଚନା ହୋଇପାରି ନ ଥିଲା। ସେହିପରି ନିର୍ଦ୍ଧାରିତ ସମୟରେ ବୈଠକ ଆରମ୍ଭ ହୋଇ ନ ଥିବାବେଳେ ମାତ୍ର ତିନି ଘଣ୍ଟା ମଧ୍ୟରେ ବୈଠକ ଶେଷ ହୋଇଯାଇଥିଲା। ଲାଇନ ବିଭାଗ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପିଇଓଙ୍କ ଅନୁପସ୍ଥିତ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଆଗାମୀ ସାଧାରଣ ନିର୍ବାଚନ ଲାଗି ଅଧିକାରୀ ତଥା ପିଇଓ ଟ୍ରେନିଂରେ ଯାଇଛନ୍ତି। ସେହପରି ସରପଞ୍ଚ, ସମିତିସଭ୍ୟଙ୍କ ସମ୍ପର୍କୀୟ ଯୋଗ ଦେଇଥିବା ବିଷୟରେ ପଚାରିବାରେ ଆଗାମୀ ସମିତି ବୈଠକକୁ ସେମାନଙ୍କୁ ନ ଆସିବା ପାଇଁ ତାଗିଦ କରାଯିବ ବୋଲି ବିଡିଓ କହିଥିଲେ। ଜନପ୍ରତିନିଧିଙ୍କ କୌଣସି ସମ୍ପର୍କିୟ କିମ୍ବା କୌଣସି ବ୍ୟକ୍ତି ବୈଠକରେ ଯୋଗଦାନ କରିପାରିବେ ନାହିଁ ବୋଲି କଡ଼ାକଡ଼ି ନିୟମ ରହିଛି। ସେହପିରି ସମିତି ବୈଠକ ତଥା ଗୃହରେ କୋରମ୍ ଅଭାବ ହେଲେ ବୈଠକ ସଫଳ ହେଲା ନାହିଁ ବୋଲି ବିବେଚିତ ହୋଇଥାଏ। ଯଦି ଲାଇନ ଡିପାର୍ଟମେଣ୍ଟ ବା ବିଭାଗୀୟ ଅଧିକାରୀମାନେ ନିର୍ବାଚନ ଟ୍ରେନିଂରେ ଯାଇଛନ୍ତି ତେବେ କାହିଁକି ଏହି ବୈଠକ ଡକାଗଲା ବୋଲି ପ୍ରଶ୍ନ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ କାହା ସହ ବିଭିନ୍ନ ଯୋଜନା ଏବଂ ସମସ୍ୟାର ସମାଧାନ ଲାଗି ଆଲୋଚନା କରିବୁ ବୋଲି କିଛି ସରପଞ୍ଚ ଓ ସମିତିସଭ୍ୟ ପ୍ରଶ୍ନ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ଦେବୀ, ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲାରାଜୁ, ଜିଲ୍ଲା ପରିଷଦ ସଭ୍ୟା ନୀଳାବତୀ ପାରିଗା ଓ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା ମଞ୍ଚାସୀନ ଥିଲେ।

# ବିଭିନ୍ନ ସ୍ଥାନରେ 'ବିଏସ୍‌କେୱାଇ ନବୀନ କାର୍ଡ' ବଣ୍ଟନ

ରା.ଉଦୟଗିରି, ୧୧।୩(ସମିସ)



ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକରେ ସୋମବାର ୧୭ ପଞ୍ଚୟତର ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ ବଣ୍ଟନ ମେଳା ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରା.ଉଦୟଗିରି ବ୍ଲକ ସଭାପତି ଭୀମ ପାଇକ ଯୋଗ ଦେଇଥିବା ବେଳେ ଜିପିଓ ଶଶାଙ୍କ ସୁବୁଦ୍ଧି, ରା.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିବେଦିତା ପଣ୍ଡା, ରାଜେନ୍ଦ୍ର ରଣସିଂ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ଉଦୟ ଭାନୁ, ସରପଞ୍ଚ ଜାମେଶ ରାଇକା, ବ୍ଲକ ଯୋଗାଣ ଅଧିକାରୀ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇଥଲେ। ଏଥିରେ ବସ୍ତୀଗୁଡା ପଞ୍ଚାୟତର ୧୮, ଛେଳିଗଡ଼ ୫୮, ମହେନ୍ଦ୍ରଗଡ଼ ୭୩, ମଙ୍ଗରାଜପୁର ୧୨, ତବାରସଂ ୮, ପରିସଲ ୧୧, ସୁବାଲାଡା ୧୬, ଅନଗାଁ ୧୮, ଅବାରସିଂ ୧୨, ଶିଆଳିଲଟି ୧୮, ଡାବରାଗୁଡା ୧୧, , ଛେଳାଗଡ଼ ୧୫, ସବରପଲ୍ଲୀ ୫୨, ରାମଗିରି ୩୮, ପୁରୁଣାପାଣି ୪, ରଣ୍ଡିବା ୧୩ ଜଣ ଓ ରା.ଉଦୟଗିରି ପଞ୍ଚାୟତର ୧୩୨ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ମୋଟ ଭାବେ ୫୦୯ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିବା ବେଳେ ସମସ୍ତ ହିତାଧିକାରୀ କାର୍ଡ ପାଇ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।

**ରାୟଗଡ଼:** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସଦଭାବନା ସଭାଗୃହରେ ସୋମବାର 'ବିଏସ୍‌କେୱାଇ ନବୀନ କାର୍ଡ' ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗ ଦେଇ ହିତାଧିକାରୀଙ୍କୁ 'ନବୀନ କାର୍ଡ' ବଣ୍ଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଟିଡ଼ିସିସି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନି, ସିଡିପିଓ ତେରେସ୍କୋଭା ମଲ୍ଲିକ, କରଡ଼ାସିଂ ସରପଞ୍ଚ ଉମା ଶଙ୍କର ଭୁମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଡ଼ ପାଇଁ ବ୍ଲକରୁ ପ୍ରାୟ ୨୬୪ ଜଣ ଆବେଦନ କରିଥିବା ବେଳେ ୧୯୯ ଜଣଙ୍କୁ ମଞ୍ଜୁରୀ ମିଳିଛି। ସେଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦ ଜଣଙ୍କୁ କାର୍ଡ଼ ବଣ୍ଟନ କରାଯାଇଛି। ସୂଚନା ଯୋଗ୍ୟ ଯେ, ରାୟଗଡ଼ ପଞ୍ଚାୟତରେ ସର୍ବାଧିକ ୩୪ ଜଣ ଆବେଦନ କରିଥିବା ବେଳେ ୩୧ ଜଣ ହିତାଧିକାରୀଙ୍କୁ ଏହି କାର୍ଡ଼ ମିଳିଛି। ଉକ୍ତ କାର୍ଯ୍ୟକ୍ରମକୁ ପେଷା ସଂଯୋଜକ ଶ୍ରୀଧର ଦାସ ପରିଚାଳନା କରିଥିଲେ।






**ନୂଆଗଡ଼:** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗବରା ତିରୁପତି ରାଓ ଯୋଗଦାନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମୀୟା ରଇତ, ସ୍ଥାନୀୟ ବିଡିଓ ଲୋକନାଥ ଶବର, ଭାରପ୍ରାପ୍ତ ବ୍ଲକ ସମ୍ପ୍ରସାରଣ ଅଧିକାରୀ ତଥା ପିଇଓ ନୃସିଂହ ଚରଣ ମିଶ୍ର ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହି ହିତାଧିକାରୀଙ୍କୁ ନବୀନ କାର୍ଡ ବଣ୍ଟନ କରିଥିଲେ। ସୂଚନା ପ୍ରକାରେ ବ୍ଲକର ୧୯ ପଞ୍ଚାୟତ ତଥା ଆନୁଗୁର ପଞ୍ଚାୟତର ୩୯, ଆଡସିଂ ୨୦, ବଡ଼ପଦା ୨୧, ବେତର ସିଂ ୮, କେ.ଝାଲରସିଂ ୭, କେରେଡାଙ୍ଗ ୧୨, , ଖଜୁରୀପଦା ୧୯, କିରାମା ୨, ଲୁହାଙ୍ଗର ୧୬, ନୂଆଗଡ଼ ୩୨, ପି.ଅନ୍ତରଡା ୧୯, ପରିମଳ ୧୬, ପୁଟୁରୁପଡ଼ା ୧୭, ସମ୍ବଲପୁର ୧୧, ସୁନ୍ଦରଡାଙ୍ଗ, ତାବରଡା ୫, ଟାଙ୍ଗିଲି ୯, ତିତିସିଂ ୧୧, ଉଦୟପୁର ପଞ୍ଚାୟତର ୬ଟି ଜଣ ଏପରି ଭାବେ ସର୍ବମୋଟ ୨୭୦ ଜଣ ନୂତନ ହିତାଧିକାରୀଙ୍କୁ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ।

**କାଶୀନଗର:** ଗଜପତି ଜିଲ୍ଲା କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟା ଆର୍. ରାଜ୍ୟଲକ୍ଷ୍ମୀ, ବ୍ଲକ ଉପାଧ୍ୟକ୍ଷା ଏସ. କଲ୍ୟାଣୀ, ସହକାରୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ପଞ୍ଚାୟତ ଅଧିକାରୀ ଲକ୍ଷ୍ମୀ ସାହୁ ଓ ସାଂସଦ ପ୍ରତିନିଧି ଆର.ସତୀଶ କୁମାର ମଞ୍ଚାସୀନ ହୋଇଥିଲେ। ଲୋକଙ୍କ ସ୍ୱସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ସହ ବହୁ ଚିକିତ୍ସାଳୟରେ ମାଗଣା ଚିକିତ୍ସା ପାଇଁ ସରକାର ପୁରୁଷଙ୍କୁ ୫ ଲକ୍ଷ ଓ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟସେବା ପାଇବା ନିମନ୍ତେ ଏହି କାର୍ଡ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଖାଉଟି କାର୍ଡ ଥିବା ହିତାଧିକାରୀଙ୍କୁ ଏହି ସ୍ୱାସ୍ଥ୍ୟ କାର୍ଡ ଦିଆଯାଉଥିବା ବେଳେ ବର୍ତ୍ତମାନ ସରକାର ଖାଉଟି କାର୍ଡ ନ ଥିବା ଲୋକ ମଧ୍ୟ ଏହି କାର୍ଡ ପାଇଁ ଆବେଦନ କରି ପାଇ ପାରିବେ ବୋଲି କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କାଶୀନଗର ବ୍ଲକର ମୋଟ ୧୭୦ ହିତାଧିକାରୀଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା କାର୍ଡ ପ୍ରଦାନ କରାଯାଇଥିଲା। ସମସ୍ତ ସରପଞ୍ଚ, ସମିତିସଭ୍ୟ, ସମସ୍ତ ପଞ୍ଚାୟତର ଜନସାଧାରଣ ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ହିତାଧିକାରୀ ସଭା ମଞ୍ଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।



## ଜିଲ୍ଲାସ୍ତରୀୟ ପ୍ରତିଭା ସଂଗମ



**ଆସିକା,୧୧।୩(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଘୁମୁସର ଜିଲ୍ଲାର ଜିଲ୍ଲାସ୍ତରୀୟ ପ୍ରତିଭା ସଂଗମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଏ. ଯୁଧିଷ୍ଠିର ଦୋରା ଯୋଗ ଦେବା ସହ ଗଞ୍ଜାମ ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁ, ଜିଲ୍ଲା ପ୍ରମୁଖ ଦେବାଶିଷ ସାହୁ, ଜିଲ୍ଲା ସଂଯୋଜକ ରାକେଶ ଜେନା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗ ସଂଗଠନ ମନ୍ତ୍ରୀ ଟୁକୁନା ମଲ୍ଲିକ, ପୂର୍ବତନ ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ତ୍ରିପାଠୀ, ଛାତ୍ର ନେତା ରାହୁଲ ବେହେରା ଯୋଗଦେଇଥିଲେ। ସାଇଶ୍ୱରୀ ରଥ ମଞ୍ଚ ପରିଚାଳନା କରିଥିଲେ। ନୃତ୍ୟ, ସଙ୍ଗୀତ, ଭାଷଣ, ଝୋଟି, ଏକକ ଅଭିନୟ ଆଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଆଗାମୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ କଳା ପ୍ରଦର୍ଶନ କରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ସେଠୀଙ୍କ ସହ ସାଂଗଠନିକ ଜିଲ୍ଲାରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ଯାତ୍ରା ପ୍ରତିଯୋଗିତା ପ୍ରସ୍ତୁତି

**ଗଞ୍ଜାମ, ୧୧।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କଣ୍ଟାପଡ଼ାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶିକ୍ଷାବିତ୍ ତଥା ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ମୁଦୁଲିଙ୍କ ପୌରୋହିତ୍ୟରେ ଶ୍ରୀଜଗନ୍ନାଥ କଳା ସାଂସ୍କୃତିକ ମଞ୍ଚର ପ୍ରଥମ ବୈଠକ ଅନୁଷ୍ଠିତ



ହୋଇଯାଇଛି। ବୈଠକରେ ମୁଖ୍ୟତଃ ରାଜ୍ୟସ୍ତରୀୟ ଯାତ୍ରା ପ୍ରତିଯୋଗିତା ଆୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ମଞ୍ଚର କର୍ମକର୍ତ୍ତାଙ୍କୁ ବୈଠକରେ ଚୟନ କରାଯାଇଥିଲା। ସଭାପତି ଭାବେ ଗୌରୀ ଶଙ୍କର ବାରିକି, ଉପସଭାପତି ଅକ୍ଷୟ କୁମାର ସାହୁ, ସମ୍ପାଦକ ରମାକାନ୍ତ ନାୟକ, ସହ ସମ୍ପାଦକ ସୁଧୀର କୁମାର ସାହୁ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ନାୟକ, ଉପଦେଷ୍ଟା ରୋହିତ କୁମାର ସାହୁ, ଶବର କୁମାର ତରାଇ, ନିରଞ୍ଜନ ମୁଦୁଲି, ପ୍ରମୋଦ କୁମାର ପଣ୍ଡା, କାର୍ଯ୍ୟକାରୀ ସଭ୍ୟ ପଙ୍କଜ କୁମାର ବାରିକି, ସୁରେଶ ନାୟକ, ବିଜୟ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ଦାଶ, ପ୍ରହଲ୍ଲାଦ ସାହୁ, ସମର ରଞ୍ଜନ ସ୍ୱାଇଁ, କାହ୍ନୁଚରଣ ନାହାକ, ରମାକାନ୍ତ ନାହାକ, ବିକ୍ରମ ବିଶ୍ୱାଳ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

## ଶ୍ରୀଜଗନ୍ନାଥ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ

**ଗଞ୍ଜାମ, ୧୧।୩(ସମିସ):** ଗଞ୍ଜାମ ସହର ବଡ଼ ବଜାରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାସୀମ କମ୍ପାନୀ ୟୁନିଟ ମୁଖ୍ୟ ଅଜୟ ଗୁପ୍ତା ମୁଖ ଅତିଥିଭାବେ ଯୋଗଦେଇ ଥିଲେ। କର୍ତ୍ତା ଭାବେ ପ୍ରଭାକର ପାଣିଗ୍ରାହୀ ଯୋଗଦେଇଥିଲେ। ପଣ୍ଡିତ କାଳିଆ ଶତପଥୀଙ୍କ ମୁଖ ନିଶ୍ରୁତ ଦେବବାଣି ଉକ୍ତ ଶୁଭକାର୍ଯ୍ୟ ସମ୍ପାଦନ ହୋଇଥିଲା। ଏଥିରେ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଜଗନ୍ନାଥ ପ୍ରେମୀ କାଙ୍ଗା ପଲାଇ, ବଡ଼ ବଜାର ବଣିକ ସଙ୍ଘ ସଭାପତି ଗୌରୀ ଶଙ୍କର ବାରିକି, କୋଷାଧ୍ୟକ୍ଷ ଜି.ଦାସ ରେଡ଼ି, ବିଜୟ ଦାଶ, ବିପ୍ର ଚରଣ ମହାପାତ୍ର, କିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

**କୋଦଳା, ୧୧।୩(ସମିସ):** କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ




କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଏସ୍ ସୂର୍ଯ୍ୟନାରାୟଣ ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜୁବାଳା ନନ୍ଦ ଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ମାଷ୍ଟର ଟ୍ରେନର ଭାବେ କଲ୍ୟାଣୀ କୁମାରୀ ପଣ୍ଡା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଅପରାଜିତା ପାତ୍ର ଓ ମନୀଷା ପଟ୍ଟନାୟକ ସହଯୋଗ କରିଥିଲେ।

### ବିଏସକେୱାଇ କାର୍ଡରେ ହେଲା ଜଟିଳ ଅସ୍ତ୍ରୋପଚାର; ମିଳିଲା ନୂଆ ଜୀବନ

# ପୂର୍ବଭଳି ଚାଲିବେ ହିଞ୍ଜିଳିକାଟୁର ଶଯ୍ୟାଶାୟୀ ବିଜୟ

**ବ୍ରହ୍ମପୁର,୧୧।୩(ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ଲୋକଙ୍କ ପାଇଁ ସାଜିଛି ସଞ୍ଜୀବନୀ। ବହୁ ଗରିବ ଯାହା କେବେ କଳ୍ପନା ମଧ୍ୟ କରିନଥିଲେ ତାହା ଏବେ ସାକାର ହୋଇପାରିଛି। ପ୍ରତିଦିନ ଗରିବଙ୍କ ପରିବାରରେ ଖୁସିର ହସ ଫୁଟାଇବାରେ ସହାୟକ ହୋଇଛି ଏହି ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ। ଏଭଳି ଆଉ ଏକ ପରିବାର ହେଉଛନ୍ତି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁର ବିଜୟଙ୍କ ପରିବାର। ଗତକିଛି ମାସ ଧରି ଶଯ୍ୟାଶାୟୀ ଥିବା ବିଜୟ ବର୍ତ୍ତମାନ ସୁସ୍ଥ ପ୍ରାୟ। ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଥିବାରୁ ମୁଣ୍ଡରେ ହାତ ଦେଇ ବସିଥିଲେ ବିଜୟ ଓ ତାଙ୍କ ପରିବାର ବର୍ଗ। ହେଲେ ଇତିମଧ୍ୟରେ ମାଗଣାରେ ସେପୁଣି ଲକ୍ଷାଧିକ ଟଙ୍କା ବ୍ୟୟରେ ବିଜୟଙ୍କର ହୋଇପାରିଛି ସଫଳ ଅସ୍ତ୍ରୋପଚାର। ବର୍ତ୍ତମାନ ବିଜୟ ଚିକିତ୍ସାଧୀନ ଥିଲେ ହେଁ ଉଭୟ ଗୋଡ଼ ସଚଳ ହୋଇ କାର୍ଯ୍ୟକ୍ଷମ ହୋଇପାରିଛି। କ୍ରମଶଃ ଫିଜିଓଥେରାପି ଜରିଆରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ସହ ପୂର୍ବଭଳି ପୁଣି ବିନା ସାହାରାରେ ଚାଲିବାକୁ ସକ୍ଷମ ହୋଇପାରିବେ ବୋଲି କହିଛନ୍ତି ବିଜୟଙ୍କୁ ଚିକିତ୍ସା କରିଥିବା ଡାକ୍ତର। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ବିଏସକେୱାଇ ସ୍ମାର୍ଟକାର୍ଡ ଜରିଆରେ ଏଭଳି ଜଟିଳ ତଥା ବ୍ୟୟବହୁଳ ଅସ୍ତ୍ରୋପଚାର କରିବାରେ ଗରିବ ବିଜୟଙ୍କ ପରିବାର ପାଇଁ ବେଶ ସହାୟକ ହୋଇପାରିଛି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଜୟ ଓ ତାଙ୍କ ପରିବାରବର୍ଗ। ଅନ୍ୟପକ୍ଷରେ ଅସ୍ତ୍ରୋପଚାର ନିମନ୍ତେ ଖର୍ଚ୍ଚ ହୋଇଥିବା ଲକ୍ଷାଧିକ ଟଙ୍କା ସ୍ମାର୍ଟ କାର୍ଡଜରିଆରେ ହସ୍ପିଟାଲକୁ ପ୍ରଦାନ କରାଯାଇଥିବା ବେଳେ

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ପରିବାର ଲୋକେ**

ବିଜୟଙ୍କ ପରିବାରକୁ ଏଥିପାଇଁ ଟଙ୍କାଟିଏ ମଧ୍ୟ ଦେବାକୁ ପଡ଼ିନାହିଁ।

ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ କେଉଟ ସାହିର ବିଜୟ କୁମାର ବେହେରା। ବିଜୟଙ୍କ ପରିବାର କହିଲେ ସ୍ତ୍ରୀ ସତ୍ୟ ବେହେରା, ଦୁଇ ଝିଅ ଏବଂ ଗୋଟିଏ ପୁଅ। ଦୁଇ ଝିଅଙ୍କ ମଧ୍ୟରୁ ଜଣେ ମୁକ ଓ ଅନ୍ୟଜଣେ ଦିବ୍ୟାଙ୍ଗ ଅଟନ୍ତି। ଏବଂ ଏକମାତ୍ର ପୁଅ ଦିନ ମଜୁରିଆ ଭାବେ କାମ କରି ବିଜୟଙ୍କୁ ପରିବାର ଗୁଜରଣରେ ସହାୟକ ହୋଇଥାନ୍ତି। ବିଜୟଙ୍କ ପରିବାର ଆର୍ଥିକ ଅବସ୍ଥା ଏତେଟା ସ୍ୱଚ୍ଛଳ ନଥିବା ବେଳେ ବିଜୟ ମାଛ ଧରି ଅର୍ଥ ଉପାର୍ଜନ କରି ପରିବାର ଗୁଜରଣ କରିଥାନ୍ତି। ସ୍ୱଳ୍ପ ରୋଜଗାର ସତ୍ତ୍ୱେ ହସଖୁସିରେ ଚାଲୁଥିଲା ବିଜୟଙ୍କ ପରିବାର। ତେବେ ହଠାତ ୪ମାସ କିନ୍ତୁ ଅସ୍ତ୍ରୋପଚାରର ମାତ୍ର କିଛିଦିନ ପରେ ଧିରେ ଧୀରେ ବିଜୟଙ୍କ ଦୁଇଗୋଡ଼ ଅଚଳ ହୋଇଯାଇଥିଲା। ଏନେଇ ସେ ବିଭିନ୍ନ ମେଡିକାଲରେ ଚିକିତ୍ସା କରିଥିଲେ ହେଁ ସୁସ୍ଥ ହୋଇ ପାରିନଥିଲେ। କ୍ରମଶଃ



ପୂର୍ବେ ବିଜୟଙ୍କ ପେଟରେ ଭିଷଣ ଯନ୍ତ୍ରଣା ହୋଇଥିଲା। ଡାକ୍ତର ପରୀକ୍ଷା କରିବା ପରେ ତାଙ୍କ ପେଟରେ ଷ୍ଟୋନ ଥିବା ଡାକ୍ତର କହିଥିଲେ। ଏବଂ ଏଥିପାଇଁ ତାଙ୍କୁ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ବିଜୟଙ୍କ ଅସ୍ତ୍ରୋପଚାର କରାଇବାକୁ ସହମତି ପ୍ରକାଶ କରିଥିଲେ। ପରେ ବିଜୟଙ୍କ ଏକ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର ମଧ୍ୟ ହୋଇଥିଲା। ବିଜୟଙ୍କ ମେରୁଦଣ୍ଡରେ ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ଏହି ସମୟରେ ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଚିକିତ୍ସା ପରେ ତାଙ୍କର ଅସ୍ତ୍ରୋପଚାର କରିବା ଜରୁରୀ ଥିବା ଡାକ୍ତର କହିଥିଲେ। ଏବଂ ତାହା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଜରିଆରେ ମାଗଣାରେ ହୋଇପାରିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ବିଜୟଙ୍କ ପରିବାର ପକ୍ଷରୁ ସ୍ୱାସ୍ଥ୍ୟମିତ୍ରଙ୍କ ସହ ଯୋଗାଯୋଗ କରିଥିଲେ। ଚଳିତ ମାସ ବିଜୟ ଜଗନ୍ନାଥ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ନିମନ୍ତେ ଆବଶ୍ୟକ ସମସ୍ତ ପରୀକ୍ଷା କରାଯାଇ ଚଳିତ ମାସ ୯ତାରିଖରେ ବିଜୟଙ୍କର ମେରୁଦଣ୍ଡର ଅସ୍ତ୍ରୋପଚାର ହୋଇଥିଲା। ଏଭଳି ଜଟିଳ ଅସ୍ତ୍ରୋପଚାର ପାଇଁ ସ୍ନାୟୁବିଶେଷଜ୍ଞଙ୍କର ଏକ ଡାକ୍ତରୀ ଟିମ୍ ଦୀର୍ଘ ୪ଘଣ୍ଟା ପରିଶ୍ରମ କରି ସଫଳ ଅସ୍ତ୍ରୋପଚାର କରିଥିଲେ। ଏଥି ନିମନ୍ତେ ମୋଟ ୧ଲକ୍ଷ ୮୭ହଜାର ୪୦୦ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସମସ୍ତ ତାଙ୍କ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଏସକେୱାଇ ସ୍ମାର୍ଟକାର୍ଡ ଦ୍ୱାରା ସମ୍ଭବପର ହୋଇପାରିଛି। ବର୍ତ୍ତମାନ ବିଜୟ ସୁସ୍ଥ ଅନୁଭବ କରୁଥିବା ବେଳେ ଧୀରେଧୀରେ ତାଙ୍କ ଦୁଇଗୋଡ଼ କାମ କରିବାକୁ ଲାଗିଲାଣି। କିଛି ଦିନ ମଧ୍ୟରେ ସେ ଚାଲିବାକୁ ସକ୍ଷମ ହେବେ ବୋଲି ଡାକ୍ତର କହିଛନ୍ତି। ଏସମସ୍ତ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ଭବ ହୋଇଥିବା ବେଳେ ସରକାରଙ୍କ ଏହି ଯୋଜନା ପାଇଁ ଆଜି ତାଙ୍କ ସ୍ୱାମୀ ଚାଲି ପାରିଥିବା ସ୍ତ୍ରୀ ସତ୍ୟ ବେହେରା କହିଛନ୍ତି। ଏଥି ନିମନ୍ତେ ସେ ଓ ତାଙ୍କ ପରିବାରବର୍ଗ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଶେରଗଡ଼ ପଞ୍ଚାୟତ ସମିତିର ବୈଠକ




**ଶେରଗଡ଼, ୧୧।୩(ସମିସ):** ଶେରଗଡ଼ ପଞ୍ଚାୟତ ସମିତିର ସାଧାରଣ ବୈଠକ ସୋମବାର ବିଡିଓ ଶିବାଶିଷ ବରାଳଙ୍କ ସଂଯୋଜନା ଓ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳ, ପରିମଳ, ଟିପିଏସଓଡିଏଲ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ, ମତ୍ସ୍ୟ, ପଶୁ ସମ୍ପଦ, ଶିକ୍ଷା, କୃଷି ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଘ୍ନେଶ୍ୱର ପାଣିଗ୍ରାହୀ ଯୋଗଦେଇ ଖରା ସମ୍ପର୍କିତ ସତର୍କତା ବିଷୟରେ ଅବଗତ କରିଥିଲେ। ଟିପିଏସଓଡିଏଲ ଦାୟିତ୍ୱ ନେବା ପରଠାରୁ ବିଦ୍ୟୁତ ବିଭାଗର ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ସଠିକ ସୁବିଧା ମିଳୁନଥିବା ଏବଂ ବିଦ୍ୟୁତ କାଟ୍ ଉପରେ ସମସ୍ତ ନିର୍ବାଚିତ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ଶେରଗଡ଼ ବିଦ୍ୟୁତ ବିଭାଗର ଏସଡିଓ ନରୋତ୍ତମ ନାୟକ ଯୋଗଦେଇ ଦୁଃଖ ପ୍ରକାଶ କରିବା ସହ ରହିଥିବା ବିଦ୍ୟୁତ ସମସ୍ୟା ଓ ଏହାର ସମାଧାନ ଯଥା ଶୀଘ୍ର ହେବ ବୋଲି ପ୍ରକାଶ କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ଦୁଇ ବର୍ଷ ହେଲା ନିର୍ବାଚିତ ହୋଇ ଆସିଥିଲେ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ କ୍ଷମତାରୁ ଦୂରେଇ ରଖାଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତୁରନ୍ତ ପଞ୍ଚାୟତ ମାନଙ୍କରେ ଥିବା ସମସ୍ୟାକୁ ଦୂର କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ନେତା ହୀନ ବେହେରା, ସହକାରୀ ଯନ୍ତ୍ରୀ ସିମାଞ୍ଚଳ ଦାସ, ସିଡିପିଓ ଗୀତାରାଣୀ ରାଉଳ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ବେହେରା, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଦୁର୍ଗା ପ୍ରସାଦ ହୋତା, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

■ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ

## ପ୍ରଥମ ଦିନରେ ୪ ପ୍ରାର୍ଥିପତ୍ର ଦାଖଲ



**ଛତ୍ରପୁର, ୧୧।୩(ସମିସ):** ଛତ୍ରପୁର ଓକିଲ ସଂଘର ବିଭିନ୍ନ କର୍ମକର୍ତ୍ତା ନିର୍ବାଚନ ମାର୍ଚ୍ଚ ୩୦ତାରିଖରେ ଅନୁଷ୍ଠିତ ହେବ। ସଂଘର ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିବାକୁ ମାର୍ଚ୍ଚ ୧୧ ଓ ୧୨ ତାରିଖ ଧାର୍ଯ୍ୟ ରହିଛି। ସୋମବାର ପ୍ରଥମ ଦିନରେ ୪ଜଣ ପ୍ରାର୍ଥୀ ନିଜ ନିଜ ପ୍ରାର୍ଥିପତ୍ର ନିର୍ବାଚନ ଅଧିକାରୀ ଦେବେନ୍ଦ୍ର ମିଶ୍ରଙ୍କ ନିକଟରେ ଦାଖଲ କରିଛନ୍ତି। ସହକାରୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ସାହୁ ଓ ନରସିଂହ ପାଢ଼ୀ ଦାୟିତ୍ୱ ତୁଲାଉଛନ୍ତି। ଓକିଲ ସଂଘର ସଭାପତି ପଦବୀ ନିମନ୍ତେ ପ୍ରଦୀପ କୁମାର ପାଢ଼ୀ ଓ ଏଲ.ଗୋପାଲ ରାଓ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସାଧାରଣ ସମ୍ପାଦକ ନିମନ୍ତେ ସୁରେଶ କୁମାର ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ସମୀର କୁମାର ପାଣିଗ୍ରାହୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମାର୍ଚ୍ଚ ୧୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ, ୧୬ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ନିମନ୍ତେ ତାରିଖ ଧାର୍ଯ୍ୟ ରହିଛି। ଛତ୍ରପୁର ଓକିଲ ସଂଘର ୧୮୭ଜଣ ସଭ୍ୟ ରହିଥିବା ସୂଚନା ମିଳିଛି।

**ବୁଗୁଡ଼ା ଅଞ୍ଚଳରେ ମାଳ ମାଳ ଇଟାଭାଟି**

## ବଢ଼ୁଛି ପ୍ରଦୂଷଣ; ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

**ବୁଗୁଡ଼ା, ୧୧।୩(ସମିସ):** ବୁଗୁଡ଼ା ଅଞ୍ଚଳରେ ମାଳ ମାଳ ଇଟାଭାଟି ଗଢି ଉଠିଥିଲେ ହେଁ ଏଠି ପ୍ରଶାସନ ଆଖିରେ ପଟି ବାନ୍ଧି ବସିଲା ଭଳି ପ୍ରତୀୟମାନ ହେଉଛି। ପରିବେଶ ପ୍ରଦୂଷଣକାରୀ ପୋଡ଼ା ଭାଟି ଇଟାକୁ ନ୍ୟାସନାଲ ଗ୍ରିନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ସମ୍ପୂର୍ଣ୍ଣ ବେଆଇନ ବୋଲି ଘୋଷଣା କରିବା ସହ ଏହା ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଜାରି କରିଛି। ତେବେ ବୁଗୁଡ଼ା ଅଞ୍ଚଳରେ ଏହାର ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏନଜିଟିର ନିର୍ଦ୍ଦେଶନାମାକୁ ଖାତିର ନକରି ମାଳ ମାଳ ଇଟା ଭାଟି ଚାଲିଛି। ବେଆଇନ ଇଟା ଭାଟିଗୁଡ଼ିକ ଉପରେ ପ୍ରଶାସନ ଚଡ଼ଉ କରିବା ପରିବର୍ତ୍ତେ ହାତଗୁଞ୍ଜା ନେଇ ସେମାନଙ୍କୁ ପ୍ରୋତ୍ସାହିତ କଲାଭଳି ମନେ ହେଉଛି। ଆବାସ ଯୋଜନାରେ ଘର ପାଇଥିବା ଲୋକେ ଘର ତିଆରି ପାଇଁ ଇଟା ପକାଉଥିବା ଆଳ ଦେଖାଇ ଇଟା ବେପାରୀଙ୍କୁ ସ୍ଥାନୀୟ ପ୍ରଶାସନ ଖୋଲା ଛାଡି ଦେଇଛି। ଫଳରେ ବୁଗୁଡ଼ା ତହସିଲ ଅଧିନସ୍ଥ ବିଭିନ୍ନ ଗ୍ରାମାଞ୍ଚଳରେ ପୋଡ଼ା ଇଟାଭାଟି ସଂଖ୍ୟା ବଢ଼ିବାରେ ଲାଗିଛି। କେହି ଅଭିଯୋଗ କଲେ କେବଳ ଲୋକଦେଖାଣିଆ ଫାଇନ କାଟି ଦେଇ ପଲା ଝାଡ଼ି ଦେଉଛି ପ୍ରଶାସନ। ଫଳରେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହି ଅସାଧୁ ବେପାରୀମାନେ ପୋଡ଼ା ଇଟା ପ୍ରସ୍ତୁତ



କରୁଥିବା ଅଭିଯୋଗ ହୋଇଛି। ଏହା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଇଟାଭାଟିରୁ ନିର୍ଗତ ହେଉଥିବା ଦୂଷିତ ଧୂଆଁ ଯୋଗୁଁ ଆଖପାଖ ଅଞ୍ଚଳର ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଲୋକେ ନାନା ପ୍ରକାର ଶ୍ୱାସ ରୋଗର ଶିକାର ହେଉଛନ୍ତି। ଏଭଳି ମାଳ ମାଳ ବେଆଇନ ପୋଡ଼ା ଇଟାଭାଟି ଯୋଗୁଁ ସରକାରଙ୍କ ରାଜସ୍ୱ ହାନି, ପରିବେଶ ପ୍ରଦୂଷଣ ଓ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ସତ୍ତ୍ୱେ ସ୍ଥାନୀୟ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶୂନ ହେତୁ ସତରେ କ'ଣ ଇଟାଭାଟି ବେପାରୀଙ୍କ କବଜାରେ ପ୍ରଶାସନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## କିମ୍ସ ହସ୍ପିଟାଲର ଶିଳାନ୍ୟାସ କଲେ ଅର୍ଥମନ୍ତ୍ରୀ

**ଭଞ୍ଜନଗର, ୧୧।୩(ସମିସ):** ଭଞ୍ଜନଗର ବ୍ଲକ ଛକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ସମ୍ମାନିତ ଅତିଥି ରୂପେ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଭଞ୍ଜନଗର ସରକାରୀ ଆଇଟିଆଇ ନିକଟରେ ନୂତନ ଭାବେ ନିର୍ମାଣ



ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ କିମସ୍ ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ତୁରୁମୁ ପଞ୍ଚାୟତର ଡୋଲପିଟା ଠାରେ ୧୦କୋଟି ଟଙ୍କା ବ୍ୟୟରେ ଏକ ସୁଉଚ୍ଚ ବିଜୁ ସେତୁ ନିର୍ମାଣର ଶୁଭାରମ୍ଭ ଏବଂ ପରେ ୩୫କୋଟି ଟଙ୍କା ବ୍ୟୟରେ ଭଞ୍ଜନଗର ଠାରୁ ଡହ ଭାୟା ବଡ଼ କୋଦଣ୍ଡା ୧୯କିଲୋମିଟର ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁଭ ଦେଇଥିଲେ।। ଶେଷରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଆରୁଖ ଭଞ୍ଜନଗର ବାସୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଦୀର୍ଘ ଦିନର ଦାବି ଥିଲା ତାହା ଆଜି ପୂରଣ ହୋଇଛି ବୋଲି କହିଥିଲେ।୧୦୦କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ହସ୍ପିଟାଲ ଏକ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏଠାରେ ବାହାରୁ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନେ ଆସି ସବୁ ଶ୍ରେଣୀର ଲୋକମାନଙ୍କୁ ଉନ୍ନତମାନର ଚିକିତ୍ସା ପ୍ରଦାନ କରିବା ସହ ସ୍ଥାନୀୟ ବହୁ ଯୁବକ ଯୁବତୀ ରୋଜଗାରକ୍ଷମ ହୋଇପାରିବେ ବୋଲି ସାଂସଦ ଶ୍ରୀ ସାମନ୍ତ କହିଥିଲେ। ଶେଷରେ କିଛି ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସହ ଲାଲ ସିଂ ଓ ସାନ କୋଦଣ୍ଡା ପଞ୍ଚାୟତର କିଛି ହିତାଧିକାରୀଙ୍କୁ ନବୀନ କାର୍ଡ଼ ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ତାଙ୍କ ସହିତ ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ବ୍ଲକ ଅଧ୍ୟକ୍ଷ ନରୀ ସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ବିପ୍ର ଚରଣ ବାରିକ, ଜଗନ୍ନାଥ ପ୍ରସାଦ, ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ ପାତ୍ର, ଶୂଳପାଣି ଶତପଥୀ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

**ଛତ୍ରପୁର, ୧୧।୩(ସମିସ):** ଛତ୍ରପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ମନରେଗା ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନା ୨୦୨୩ର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ଡଃ ରବୀନ୍ଦ୍ରନାଥ ମଲାଣ, ବ୍ଲକ ଉପାଧ୍ୟକ୍ଷା ଏସ୍. ସାରଦା ରେଡ୍ଡି, ବିଡିଓ ସୁଶାନ୍ତ କୁମାର ବରାଳ ମଞ୍ଚାସୀନ ଥିଲେ। ୨୦୨୩-୨୪ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଅବଧି ୧ ଅପ୍ରେଲ ୨୦୨୩ ଠାରୁ ୩୦ ସେପ୍ଟେମ୍ବର ୨୦୨୩ ରହିଛି। ମନରେଗା ଯୋଜନା କାର୍ଯ୍ୟର ସମୀକ୍ଷା କରିବା ସହ ଯେଉଁ ଯେଉଁ ପଞ୍ଚାୟତ ଗୁଡିକରେ ସମସ୍ୟା ଦେଖାଦେଇଛି ସେ ଗୁଡିକ ତୁରନ୍ତ ସମାଧାନ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ସହ ସମସ୍ତ କାର୍ଯ୍ୟଗୁଡିକ ସଠିକ୍ ଭାବେ କିପରି କାର୍ଯ୍ୟକ୍ଷମ ହେଇପାରିବ ସେଥି ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଜିଲ୍ଲାପାଳ ଶ୍ରୀ ମହାନ୍ତ ପରାମର୍ଶ ଦିଆଯାଇଥିଲା। ଏପିଓ ସନ୍ତୋଷିନୀ ପାତ୍ର ବିବରଣୀ ପାଠ କରିବା ସହିତ ଗତ ଥର ଆସିଥିବା ୪ଟି ଅଭିଯୋଗର ସମାଧାନ ହୋଇସାରିଥିବା କହିଥିଲେ। ଏହାସହ ୨୦୨୩-୨୪ ଆର୍ଥିକ ବର୍ଷର ବିବରଣୀ ପ୍ରଦାନ କରିବା ସହ ୧୮ଟି ପଞ୍ଚାୟତରେ ହୋଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଛତ୍ରପୁର ବ୍ଲକର ୧୮ଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ନିମନ୍ତେ ମନରେଗା ଯୋଜନା ବାବଦରେ ୩୮୭.୭ ଲକ୍ଷ ଖର୍ଚ୍ଚ ହୋଇଥିବା ସୂଚନା ମିଳିଥିବା ବେଳେ ଏଥି ନିମନ୍ତେ ୧୮୯ଟି ପ୍ରକଳ୍ପ ହାତକୁ ନିଆଯାଇଛି। ସେଥି ମଧ୍ୟରୁ ୧୫୯ଟି ପ୍ରକଳ୍ପର କାର୍ଯ୍ୟ ଚାଲିଥିବା ବେଳେ ୩୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ୧୮ଟି ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପ ମଧ୍ୟରୁ ୧୧ ପଞ୍ଚାୟତରେ ରେ ଗୋଟିଏ ବି ପ୍ରକଳ୍ପ କାମ ଶେଷ ହୋଇନାହିଁ। ହଂସପୁରରୁ




ପୋଟଲାମପୁରରେ ୭୫୦ ଗଛ ଲଗାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ ପୋଟଲାମପୁର ସମିତିସଭ୍ୟ ସମ୍ଭୁନାଥ ସ୍ୱାଇଁ କେଉଁଠି ଗଛ ଲାଗିନାହିଁ ବୋଲି କହିଥିଲେ। ଏପରିକି ଯେଉଁଠି ଗଛ ଲଗାଯାଉଛି ଉପଯୁକ୍ତ ଯତ୍ନ ନିଆଯାଉନଥିବାରୁ ତାହା ନଷ୍ଟ ହୋଇଯାଉଛି ବୋଲି କହିଥିଲେ। ବନ ବିଭାଗକୁ ପଚାରିଲେ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ ବୋଲି ସମିତିସଭ୍ୟା ସୁଜ୍ଞାନି ସେଠୀ ପଚାରିଥିଲେ। ଏନେଇ ଉକ୍ତ ପଞ୍ଚାୟତରେ ପିଇଓ ୭ ଦିନ ମଧ୍ୟରେ ଏକ ତଦନ୍ତ କରି ଏହାର ରିର୍ପୋଟ ପ୍ରଦାନ ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକରେ ମନେରଗାରେ ଯେଉଁସବୁ ପ୍ରକଳ୍ପ କାମ ସରିଛି ତାହାର ଏକ ବ୍ଲକ ସାମାଜିକ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ କିଛି ପଞ୍ଚାୟତରେ କାମ ନ ହୋଇ କାମ ହୋଇଥିବା ଦର୍ଶାଯାଇଥିବା ବୈଠକରେ କୁହାଯାଇଛି। ଏହାର ଏକ ତଦନ୍ତ କରାଯିବ। ପ୍ରତ୍ୟେକ କାର୍ଯ୍ୟରେ ଯେପରି ସ୍ୱଚ୍ଛତା ରହିବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ସେହିପରି ସାରା ଭାରତବର୍ଷରେ ଏମନେରଗାରେ ଗଂଜାମ ଜିଲ୍ଲା ୧ନଂ ରହି ପୁରସ୍କୃତ ହେଉଥିବା ବେଳେ ଛତ୍ରପୁର ବ୍ଲକ ଜିଲ୍ଲା ସଦର ମହକୁମା ହୋଇ ମଧ୍ୟ ସବୁବେଳେ ପଛରେ ରହୁଛି। ଏଣୁ ଆଗାମୀ ଦିନରେ ବିଭାଗ ଅଧିକାରୀ ଓ ପଞ୍ଚାୟତରାଜ ପ୍ରତନିଧୀ ମାନେ ସମନ୍ୱୟ ରଖି ସଠିକ ଭାବେ କାର୍ଯ୍ୟ କରିଲେ ଏମନରେଗାରେ ଛତ୍ରପୁର ବ୍ଲକ ଏକ ସମ୍ମାନଜନକ ସ୍ଥାନରେ ପହଞ୍ଚି ପାରିବ ବୋଲି କୁହାଯାଇଛି। ବୈଠକରେ ବ୍ଲକର ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କମ୍ୟୁନିଟି ହଲ୍ ଉଦ୍‌ଘାଟନ କଲେ ବିଧାୟିକା



**ପୁରୁଷୋତ୍ତମପୁର,୧୧।୩(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଆଇନଜୀବୀ ସଂଘ କାର୍ଯ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ସୌନ୍ଦର୍ଯ୍ୟକରଣ ସହ ନୂତନ କମ୍ୟୁନିଟି ହଲ୍ ଉଦ୍‌ଘାଟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, ଆଇନଜୀବୀ ସଂଘ ସଭାପତି ଉପେନ୍ଦ୍ର ପଣ୍ଡା, ସଂପାଦକ ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ପିପି ସୁରେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ଅରୁଣ କୁମାର ପଣ୍ଡା, ଅଶୋକ କୁମାର ମହାଙ୍କୁଡ, ରବୀନ୍ଦ୍ର ସାହୁ, ପ୍ରଭାତ ପଟ୍ଟନାୟକ, ସ୍ୱରାଜ୍ୟ ପାଣିଗ୍ରାହୀ, ରାମଚନ୍ଦ୍ର ଆଚାର୍ଯ୍ୟ, ଅକ୍ଷୟ ବେହେରା ପ୍ରମୁଖ ଆଇନଜୀବୀ ସଂଘର ସମସ୍ତ ସଦସ୍ୟ, ପୁରୁଷୋତ୍ତମପୁର ଏନଏଏସିର ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ପିଣ୍ଡିକିରେ ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି



**ମୋହନା,୧୧।୩(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ପିଣ୍ଡିକି ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଅତିରିକ୍ତ ଜିଲ୍ଲାପାଳ ଗୁଣନିଧି ନାୟକ ଓ ଏସପି ସ୍ୱାତୀ ଏସ କୁମାର ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଶୁଣାଣିରେ ସମୁଦାୟ ୫୩ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୧୫ଟି ବ୍ୟକ୍ତିଗତ ଓ ୩୮ ଟି ସାମୂହିକ ଅଭିଯୋଗଥିଲା। ୪ଟିଅଭିଯୋଗରତ୍ୱରିତସମାଧାନକରିଥିଲେଅତିରିକ୍ତଜିଲ୍ଲାପାଳ। ଏଥିରେ ବିଭିନ୍ନ ଅଞ୍ଚଳର ରାସ୍ତା, ପାଣି, ବିଦ୍ୟୁତ, ଭତ୍ତା ଆଦି ଅଭିଯୋଗ ଆସିଥିଲା। ଏହି ଅବସରରେ ବହୁ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## କେୟାର ସେଣ୍ଟର୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**ବେଗୁନିଆପଡ଼ା,୧୧।୩ (ସମିସ):** ବେଗୁନିଆପଡ଼ାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୭ ଲକ୍ଷ ଟଙ୍କା ବିନିମୟରେ ଡେ କେୟାର ସେଣ୍ଟର କାର୍ଯ୍ୟର କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ନିର୍ମାଣ ଫଳରେ ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବାରେ ସୁବିଧା



ହୋଇ ପରିବ ବୋଲି ବିଧାୟିକା କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଜିଲ୍ଲା ପରିଷଦ ପ୍ରତିନିଧି ଗୋପବନ୍ଧୁ ସାହୁ, ସ୍ଥାନୀୟ ସରପଞ୍ଚପ୍ରତିନିଧିଦଣ୍ଡୁପ୍ରଧାନ,ପୂର୍ବତନସରପଞ୍ଚଅରୁଣକୁମାରମାଝୀ,ବରିଷ୍ଠବିଜେଡି ନେତା ସୁରେନ୍ଦ୍ର ନାଥ ତିଆଡ଼ି, ସମିତି ସଭ୍ୟ ପ୍ରତିନିଧି ଇ. ସନ୍ତୋଷ ପାତ୍ରଙ୍କ ସମେତ କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ବିଷୋୟୀ ଓ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ଶ୍ରୀବିରଞ୍ଚି ନାରାୟଣ ମନ୍ଦିର ଉନ୍ନତିକରଣର ଭିତ୍ତି



**ବୁଗୁଡା,୧୧।୩(ସମିସ):** ସ୍ଥାନୀୟ ଶ୍ରୀବିରଞ୍ଚି ନାରାୟଣ ମନ୍ଦିରର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ପ୍ରାଚୀନ ମନ୍ଦିରର ଉନ୍ନତିକରଣ ସକାଶେ ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, କେ.ତ୍ରିଲୋଚନ ଦୋରା ଓ ମନୋରଞ୍ଜନ ଦାଶଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

### ଶୁଷ୍କ ହୋଇଗଲାଣି ମହେନ୍ଦ୍ରତନୟା

# ନଦୀକୂଳିଆ ବାସିନ୍ଦାଙ୍କୁ ଘାରିଲାଣି ଜଳସଙ୍କଟ





**ପାରଳାଖେମୁଣ୍ଡି,୧୧।୩(ସମିସ)**

ବ୍ୟାପକ ଗଛକଟା ଯୋଗୁଁ ଜଳବାୟୁରେ ପରିବର୍ତ୍ତନ ଏବଂ ଏହା ଦ୍ୱାରା ବର୍ଷା ଅଭାବ ପରିଲକ୍ଷିତ ହୋଇଛି। ଗଜପତି ଜିଲ୍ଲାରେ ବିଗତ ବର୍ଷ ଅଗଷ୍ଟରୁ ବର୍ଷା ଗାଏବ ହୋଇଯାଇଛି। ଜିଲ୍ଲାର ପାହାଡିଆ ଅଞ୍ଚଳରେ ପ୍ରାକୃତିକ ଜଳ ଉତ୍ସଗୁଡିକୁ ଶୁଷ୍କ ହେଉଥିବା ବେଳେ ସମତଳିଆ ଅଞ୍ଚଳରେ ମଧ୍ୟ ନଦୀ ତଥା ଜଳାଶୟ ଗୁଡିକ ଶୁଖି ପଡିଥିବା ଦେଖିବାକୁ ମିଳୁଛି । ଗ୍ରୀଷ୍ମଋତୁର ଆଗମନ ପୂର୍ବରୁ ଏଭଳି ଜଳ ସଂକଟ ପରିସ୍ଥିତି ଉପୁଜିଛି। ଆଗକୁ ଏହା ଗମ୍ଭୀର ରୂପ ନେବାର ଆଶଙ୍କା ରହିଛି । ଜିଲ୍ଲାର ପ୍ରମୁଖ ନଦୀ ନାଳ ତଥା ଚିରଶ୍ରୋତା ନଦୀ ଗୁଡିକର ଅବବାହିକାରେ ଘୋର ଜଳ ସଙ୍କଟ ସୃଷ୍ଟି ହୋଇଛି। ଭୌଗଳିକ ସ୍ଥିତିକୁ ଦେଖିଲେ ଜିଲ୍ଲାର ସମସ୍ତ ୭ ବ୍ଲକ ମୋହନା, ରା.ଉଦୟଗିରି, ନୂଆଗଡ, ରାୟଗଡ, ଗୋଷାଣି, ଗୁମ୍ମା ଓ କାଶୀନଗର ବ୍ଲକ ମଧ୍ୟରୁ ଗୋଷାଣି ଓ କାଶୀନଗର ସମତଳିଆ ଅଞ୍ଚଳ। ଏହି ଦୁଇ ବ୍ଲକରେ ଚିରଶ୍ରୋତା ମହେନ୍ଦ୍ରତନୟା ଏବଂ ବଂଶଧାରା ପ୍ରବାହିତ ହେଉଛି । ଅନ୍ୟ ପାଞ୍ଚ ବ୍ଲକ ପାହାଡିଆ ତଥା ଜଙ୍ଗଲ ଘେରା ମଧ୍ୟରେ ରହିଛି । ପାହାଡିଆ ତଥା ଜଙ୍ଗଲ ଘେରା ବ୍ଲକରେ ଜଳ ଉତ୍ସ ଭାବେ ସେପରି କୌଣସି ବଡ ବଡ ଜଳାଶୟ ନାହିଁ। ଅଡବା ହରଭଙ୍ଗି ଡ୍ୟାମ୍ ଅଞ୍ଚଳରେ ଜଳ ସମସ୍ୟା ନ ଥିଲେ ମଧ୍ୟ ଚାଷ ଜମିକୁ ଜଳସେଚନ ଲାଗି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହା କେବଳ ମାଛ ଚାଷ ପାଇଁ ଜଣାଶୁଣା। ବର୍ଷା ଅଭାବରୁ ସମଗ୍ର ଜିଲ୍ଲା ଏବେ ଜଳ ସଂକଟ ଆଡକୁ ମୁହାଁଉଛି । ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଜିଲ୍ଲାର ଏକ ମୁଖ୍ୟ ଜନବସତି ହୋଇଥିବା ବେଳେ ମହେନ୍ଦ୍ରତନୟା ନଦୀ ପାଣି ହିଁ ଏକ ମାତ୍ର ଜଳ ଉତ୍ସ । ମହେନ୍ଦ୍ରତନୟା ନଦୀ ଏବେ ଶୁଷ୍କ ହୋଇପଡିଥିବା ଦେଖିବାକୁ ମିଳୁଛି। ରାୟଗଡ ବ୍ଲକରେ ଡମ୍ବାପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ରାୟଗଡ ଓ ଗୋଷାଣି ବ୍ଲକ ଅଞ୍ଚଳରେ ଜଳ ସଂକଟ ସମସ୍ୟା ଦେଖା ଦେଇନଥାନ୍ତା। ବର୍ତ୍ତମାନ ଠାରୁ ପାଣି ଅଭାବ ଜମିକୁ ଜଳସେଚନ ହେଉକି ପରିବା ଚାଷ କି ରବି ଚାଷ ଆଦି ପ୍ରଭାବିତ ହେଉଛି । ମହେନ୍ଦ୍ରତନୟା ନଦୀ ମହେନ୍ଦ୍ରଗିରି ପର୍ବତରୁ ପ୍ରବାହିତ ହୋଇ ରାୟଗଡ, ଗୋଷାଣି, ଆନ୍ଧ୍ରପ୍ରଦେଶର ମେଳିଆପୁଟି, ରାଟିଣି ଦେଇ ପୁଣି ଓଡିଶାର ଅମରା ଡାଳିମ୍ବପୁର, କେରାଣ୍ଡି ଆଦି ଦେଇ ପାରଳାଖେମୁଣ୍ଡି ସହର ଉପକଣ୍ଠ ଏବଂ ପୁଣି ଆନ୍ଧ୍ର ପ୍ରଦେଶରେ ପ୍ରବାହିତ ବଂଶଧାରା ନଦୀରେ ବିଲୟ ହୋଇଛି । ଇତି ମଧ୍ୟରେ ଡାଳିମ୍ବପୁର ପୂର୍ବରୁ ଆନ୍ଧ୍ରର ରାଟିଣି ନିକଟରେ ଆନ୍ଧ୍ରର ଚାଷୀ ଓ ଜଳ ସମ୍ପଦ ବିଭାଗ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ଆନିକଟ ନିର୍ମାଣ କରି ନିଜ ନିଜ ଅଞ୍ଚଳ ପାଇଁ ଜଳ ସଂରକ୍ଷିତ କରିଛି । ହେଲେ ଓଡିଶା ତଥା ଗଜପତି ଜିଲ୍ଲାରେ ପ୍ରବାହିତ ମହେନ୍ଦ୍ରତନୟାରେ ସେପରି କିଛି ବ୍ୟବସ୍ଥା ହୋଇନାହିଁ । ଡମ୍ବାପୁର ପ୍ରକଳ୍ପ ସମ୍ପୂର୍ଣ୍ଣ ରୂପେ ନିର୍ମିତ ହୋଇଥିଲେ ସୁଦ୍ଧା ଜଳ ସଂରକ୍ଷଣ ସହ କେତେକ ବ୍ୟବସ୍ଥା ହୋଇପାରିନ ଥିବାରୁ ଏହା ଏବେ ଅଧପନ୍ତରିଆ ଭାବେ ରହିଛି । ଡମ୍ବାପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଗଜପତି ଜିଲ୍ଲାର ରାୟଗଡ ବ୍ଲକର କିଛି ଅଞ୍ଚଳ ସମେତ ଗୋଷାଣି ବ୍ଲକର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଜମିକୁ ଜଳସେଚନ ବ୍ୟବସ୍ଥା ସହ ପାରଳାଖେମୁଣ୍ଡି ସହରାଞ୍ଚଳକୁ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଉଛି। ତେବେ ବର୍ତ୍ତମାନ ସ୍ଥିତିରେ ବର୍ଷା ହିଁ ଜଳ ସଂକଟରୁ ମୁକ୍ତି ମିଳିବ ବୋଲି ଆଲୋଚନା ହେଉଛି । ବିଭାଗୀୟ କର୍ତ୍ତୃପକ୍ଷ ବର୍ତ୍ତମାନ ଠାରୁ ପାନୀୟ ଜଳ ସମ୍ପର୍କରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

### ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଆତଙ୍କରାଜ

## ହତ୍ୟା ଧମକ ସହ ପୋଡ଼ିଦେଲେ ସ୍କୁଟି

**ଦିଗପହଣ୍ଡି,୧୧।୩(ସମିସ):** ଦିଗପହଣ୍ଡି ଥାନା ଚାଞ୍ଚଡାପଲ୍ଲି ଗ୍ରାମରେ ତୋଫାନ ଗୌଡ଼ ନାମକ ଜଣେ ଦୁର୍ଦ୍ଦାନ୍ତ ଅପରାଧି ଆତଙ୍କ ଚଳାଇଛନ୍ତି। ତାଙ୍କ ଆତଙ୍କରେ ଗାଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ରବିବାର ରାତି ପ୍ରାୟ ୯ଟାରେ ଗ୍ରାମର ମାନସ ସ୍ୱାଇଁଙ୍କୁ ତୋଫାନ ରାସ୍ତାରେ ଅଟକାଇ ଏକ ମୋବାଇଲ ନମ୍ବରକୁ ତାଙ୍କ ମୋବାଇଲରେ ଫୋନ କରିବାକୁ ବାଧ କରିଥିଲେ। ମାନସ ଫୋନ କରିବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ତୋଫାନ ତାଙ୍କୁ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପ୍ରାଣ ଭୟରେ ମାନସ ତୋଫାନଙ୍କୁ ଠେଲି ଦେଇ ଘରକୁ ଦୌଡ଼ି ପଳାଇଥିଲେ। ପରେ ତୋଫାନ ଏବଂ ତାଙ୍କ କିଛି ସହଯୋଗୀ ମାନସଙ୍କ ଘରେ ପହଞ୍ଚି କବାଟ ବାଡାଇ ଥିଲେ। ମାନସ ଓ ତାଙ୍କ ପରିବାର ଲୋକେ କବାଟ ନ ଖୋଲିବାରୁ ତାଙ୍କ ଘର ସମ୍ମୁଖରେ ଥିବା ମାନସଙ୍କ ସ୍କୁଟିକୁ ପେଟ୍ରୋଲ ଢ଼ାଳି ଜାଳି ଦେଇଥିଲେ। ମାନସ ସୋମବାର ସକାଳେ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେବାପରେ ଥାନା ଆଇଆଇସି ବାବା ଶଙ୍କର ସରାଫ ଥାନା ମାମଲା ନଂ. ୧୦୯/୨୪ ଅନୁଯାୟୀ ଅଭିଯୁକ୍ତ ମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ତୋଫାନଙ୍କୁ ଗିରଫ ପାଇଁ ପୋଲିସ ଟିମ୍ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ଉ କରି ଥିଲେ ମଧ୍ୟ ସେ ଫେରାର ଥିବା ଜଣାପଡିଛି । ତୋଫାନଙ୍କ ନାଁରେ ଦିଗପହଣ୍ଡି ଓ ବ୍ରହ୍ମପୁର ସଦର ଥାନାରେ ଏକାଧିକ ସଙ୍ଗୀନ ମାମଲା ଥିବା ଜଣାପଡିଛି। ସେ କିଛିଦିନ ହେଲା ଜେଲରୁ ଜାମିନରେ ମୁକୁଳି ଥିବା ବେଳେ ଅଞ୍ଚଳରେ ଆତଙ୍କରାଜ ଚଳାଇଛି।

## ମ୍ୟୁନିସିପାଲିଟି ଦାବିରେ ଆଜି ଭଞ୍ଜନଗର ବନ୍ଦ



**ଭଞ୍ଜନଗର,୧୧।୩(ସମିସ):** ଗତ ୧୫ଦିନ ହେଲା ଭଞ୍ଜନଗର ଏନ୍‌ଏସିକୁ ପୌରପାଳିକା ମାନ୍ୟତା ଦାବିରେ ନାଗରିକ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଚାଲିଛି। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ବାଧହୋଇ ନାଗରିକ କମିଟି ଆଜି ଭଞ୍ଜନଗର ୧୨ଘଣ୍ଟିଆ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଦିନତମାମ ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦକୁ ସଫଳ କରିବା ନେଇ ସହର ସାରା ପ୍ରଚାର କରା ଯାଇଥିଲା। ଅପରାହ୍ଣରେ ଆବାହକ ଅଭିମନ୍ୟୁ ଗୌଡ଼ଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ବାଉଁଶ ଲୁଣ୍ଡି, ମେନ ରୋଡ଼, ବସ ଷ୍ଟାଣ୍ଡ, ଖାଲା ସାହି, ଷ୍ଟେଟ ବ୍ୟାଙ୍କ ଛକ, ଭେଜିପୁଟ, ଲଣ୍ଡେଇ ସାହି ବୁଲି ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲେ। ସକାଳ୬ଟାରୁ ସନ୍ଧ୍ୟା୬ଟା ପର୍ଯ୍ୟନ୍ତ ଦୋକାନ ବଜାର, ସ୍କୁଲ, କଲେଜ, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, ଗାଡ଼ି ମଟର ସବୁ ବନ୍ଦ ରହିବ ବୋଲି ଜଣାପଡ଼ିଛି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



**ବ୍ରହ୍ମପୁର,୧୧।୩(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମ ମୁକ୍ତମଞ୍ଚରେ ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶିକା ଉଷା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ ଶୁଭାରମ୍ଭ କରିଥିଲେ। ଏ ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ "ସ୍ୱୟଂ ସଂପୂର୍ଣ୍ଣା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ ଯୋଗଦେଇ ଯୁଗେ ଯୁଗେ ନାରୀମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ସ୍ଥିତ ମଧୁସୂଦନ ଏକାଡେମୀର ଯୁଗ୍ମ ସଚିବ ଡ ବିଭୁଦତ୍ତ ଆଚାରୀ, ରାଜ୍ୟ କାଜୁ ନିଗମର ଅଧ୍ୟକ୍ଷ ସୁବାସ ମହାରଣା ଏବଂ ନାଳନ୍ଦାଶ୍ରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ କାଳୀ ଚରଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆବାହକ ଡ ମିହିର କୁମାର ତ୍ରିପାଠୀ, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଅଶୋକ ବ୍ରହ୍ମା ଏବଂ ସଂଯୋଜକ ସୁଦିପ ସାହୁ ପ୍ରମୁଖ ମଂଚାସୀନ ଥିଲେ। ଉତ୍ସବରେ ଜୋସ୍ନାରାଣୀ ପଣ୍ଡା, ରଶ୍ମିତା ପଣ୍ଡା, ସସ୍ମିତା ରାଣୀ ସାହୁ, ଏମ. ରାଧାକୁମାରୀ, ବନ୍ଦନା ରାଣୀ ବେହେରା, ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ୧୫ ଜଣ ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ କୃତିତ୍" ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବାର ଗଠନରେ ସ୍ତ୍ରୀ-ସ୍"ାମୀଙ୍କୁ ସମାନ ଭାଗିଦାରୀ ଉପରେ ଆଧାରିତ ଏକ ଆଲୋଚନା ଚକ୍ର ' ସେଇ ସାଥୀ ତୁମେ ସୁନ୍ଦର ' ଶୀର୍ଷକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା।

## ବ୍ଲକସ୍ତରୀୟ ଗଣିତ ତାଲିମ ଉଦ୍‌ଯାପିତ

**ଟିକାବାଲି,୧୧।୩(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଶିକ୍ଷା ସାଧନ କେନ୍ଦ୍ରରେ ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟ ଗଣିତ ଶିକ୍ଷଣ ତାଲିମ ଉଦ୍‌ଯାପିତ ହୋଇଛି। ଏହି ତାଲିମ ଛଅଟି ପର୍ଯ୍ୟାୟରେ କରାଯାଇଥିଲା। ଏଥିରେ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ଗଣିତ ଶିକ୍ଷଣର ଲକ୍ଷ୍ୟ, ଉଦ୍ଦେଶ୍ୟ, ପ୍ରକୃତି, ସ୍ୱରୂପ ଓ କିଛି ପ୍ରସଙ୍ଗ ବିଷୟରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଗଣିତ ଶିକ୍ଷାଦାନ ସମୟରେ ଥିବା ସମସ୍ୟା ଓ ତାର ସମାଧାନ ପାଇଁ ଜାତୀୟ ଶିକ୍ଷା ନୀତି, ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ରେ କଣ କଣ ଉଲ୍ଲେଖିତ ହୋଇଛି ସେ ବିଷୟରେ ଆଲୋଚନା ହୋଇଥିଲା। ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ଏବଂ ସହ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ୍ତ ନାୟକ, ଗଣେଶ୍ୱର କହଁର ଓ ବିନୋଦିନୀ ସାମଲଙ୍କ ତତ୍ତ୍ୱାବଧାନରେ ତାଲିମ ପରିଚାଳିତ ହୋଇଥିଲା। ତାଲିମରେ ସମ୍ବଳ ଶିକ୍ଷକ ଭାବେ ପ୍ରଦୀପ ମହାପାତ୍ର, ଜୟପ୍ରକାଶ ପାତ୍ର, ବିଷ୍ଣୁପ୍ରସାଦ ହୋତା ଓ ଅରବିନ୍ଦ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ।

## 'କାଳିଆ' ସହାୟତା ରାଶି ପ୍ରଦାନ

**କୁକୁଡ଼ାଖଣ୍ଡି,୧୧।୩(ସମିସ):** ଚାଷୀମାନଙ୍କୁ ୨୦୨୪ ଖରିଫ ଚାଷ ପାଇଁ ମିଳିଲା 'କାଳିଆ' ସହାୟତା। ସୋମବାର ସନ୍ଧ୍ୟାରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ହିତାଧିକାରୀଙ୍କୁ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସହାୟତା ଅର୍ଥ ପ୍ରଦାନ କଲେ । କୁକୁଡ଼ାଖଣ୍ଡି ବ୍ଲକର ୯ ହଜାରରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୪ ହଜାର ଅଧିକ ଭୂମିହୀନ କୃଷକ ପରିବାରଙ୍କୁ ୨ ହଜାର ଟଙ୍କାର ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରତିବର୍ଷ ହିତାଧିକାରୀମାନଙ୍କୁ




ଦୁଇଟି ପର୍ଯ୍ୟାୟରେ ୪ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ରାଜ୍ୟ ବଜେଟ୍‌ରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଛି। ଏହି ଅର୍ଥରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଛି। ଏଥିରେ ଗୋଷ୍ଠୀ କୃଷି ଅଧିକାରୀ ପ୍ରସନ୍ନ ସ୍ୱାଇଁ, ସହକାରୀ କୃଷି ଅଧିକାରୀ ସଂଯୁକ୍ତା ପାତ୍ର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁପ୍ରଭା ସାହୁ, ପି.ପ୍ରମିଳା କୃଷି ଅଧିଦର୍ଶିକା, ବାସନ୍ତୀ ବେହେରା କୃଷି ଅଧିଦର୍ଶକ, ଅନୀଲ ପଣ୍ଡା ଗ୍ରାମ କୃଷି କର୍ମଚାରୀ, ନିବେଦିତା ସାମଲ ଯୋଗ ଦେଇଥିଲେ।

# ଶିକ୍ଷା ଅଧିକାର ଆଇନକୁ ଘରୋଇ ସ୍କୁଲର ବେଖାତିର!

**ବ୍ରହ୍ମପୁର,୧୧।୩(ସମିସ)**

ଜଣେ ବି ଶିଶୁ ଯେଭଳି ଶିକ୍ଷା ପାଇବା ଅଧିକାରରୁ ବଞ୍ଚିତ ନହୁଅନ୍ତି, ତାହାକୁ ଧ୍ୟାନରେ ରଖି ପିଲାଙ୍କ ପାଠପଢିବା ନିମନ୍ତେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ୟବସ୍ଥା କରିଛନ୍ତି। ସେହି ପରିପ୍ରେକ୍ଷୀରେ ଆର୍ଥିକ ଅନଗ୍ରସ ବର୍ଗର ଛାତ୍ରଛାତ୍ରୀମାନେ କିଭଳି ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ଉତ୍ତମ ଶିକ୍ଷା ଲାଭ କରିପାରିବେ ସେନେଇ ମଧ୍ୟ ସ୍ୱତନ୍ତ୍ର ଆଇନ ରହିଛି। ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରତି ଘରୋଇ ସ୍କୁଲ ମୋଟ ସିଟ ସଂଖ୍ୟାର ଶତକଡା ୨୫ପ୍ରତିଶତ ସିଟ ଆର୍ଥିକ ଅନଗ୍ରସର ବା (ଇଡବ୍ଲୁଏସ) ବର୍ଗର ପିଲାଙ୍କୁ ନାମ ଲେଖାଇବାର ନିୟମ ରହିଛି। ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପାରଦର୍ଶୀ ପୋର୍ଟାଲକୁ ୨୦୧୯ମସିହାରେ ଖୋଲାଯାଇଛି। ଯେଉଁଥିରେ ସମସ୍ତ ସ୍କୁଲର ତାଲିକା ରହିଛି। ବର୍ଷ ଆରମ୍ଭରୁ ଇଡବ୍ଲୁଏସ୍ ବର୍ଗର ଛାତ୍ରଛାତ୍ରୀ ତାଲିକା ଦେଖି ମନପସନ୍ଦର ସ୍କୁଲରେ ଆବେଦନ କରି ପାରିବେ। ପରେ ଗଣଶିକ୍ଷା ବିଭାଗ ଆଡମିଶନ ପାଇଁ ଯୋଗ୍ୟତାଲିକା ପ୍ରକାଶ କରିଥାଏ। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବ୍ରହ୍ମପୁର ସହରରେ ଅନେକ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି। କିନ୍ତୁ ସେଥି ମଧ୍ୟରୁ ଓଡିଆ ମିଡ଼ିୟମର ୨୩ଟି ଓ ଇଂରାଜୀ ମିଡ଼ିୟମର ୧୫ଟି ବିଦ୍ୟାଳୟ ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ବିଦ୍ୟାର୍ଥୀଙ୍କୁ ମାଗଣାରେ ପାଠପଢ଼ାଇ ଥାଆନ୍ତି। ଉକ୍ତ ଘରୋଇ ବିଦ୍ୟାଳୟ ଗୁଡିକରେ ଶତକଡ଼ା ୨୫ପ୍ରତିଶତ ଅର୍ଥାତ ମୋଟ ୬୦୩ଟି ସିଟ ସଂରକ୍ଷିତ ରହିଛି। ନାମଲେଖା ପାଇଁ ଯୋଗ୍ୟ ବୟସ ସୀମା ମଧ୍ୟରେ ନର୍ସରୀ ପାଇଁ ୩ବର୍ଷରୁ ୪ବର୍ଷ ରହିଥିବା ବେଳେ ଏଲକେଜୀ ନିମନ୍ତେ ୪ ବର୍ଷରୁ ୫ବର୍ଷ ଏବଂ ପ୍ରଥମ ଶ୍ରେଣୀ ପାଇଁ ୫ବର୍ଷରୁ ୭ବର୍ଷ ସୀମା ରହିଛି। କିନ୍ତୁ ଶିକ୍ଷା ଅଧିକାର ଆଇନ ପାଳନରେ ବିଭିନ୍ନ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ସରକାରୀ ପୋର୍ଟାଲରେ ଆବେଦନ କରି ମଧ୍ୟ ଆଡମିଶନ୍ କରିପାରୁନାହାନ୍ତି ବହୁ ଉତ୍ସାହୀ ଛାତ୍ରଛାତ୍ରୀ। ସେହିପରି ବହୁ ଘରୋଇ ସ୍କୁଲ ଗଣଶିକ୍ଷା ବିଭାଗର ପାରଦର୍ଶୀ ପୋର୍ଟାଲ୍‌ରେ ଜାଣିଶୁଣି ପଞ୍ଜିକରଣ କରୁନଥିବା ମଧ୍ୟ ଅଭିଯୋଗ ହୋଇଛି। ଆଉ କିଛି ସ୍ଥାନରେ ଯୋଗ୍ୟ ତାଲିକାରେ ନାମ ଥାଇ ମଧ୍ୟ ପିଲା ଓ ଅଭିଭାବକମାନଙ୍କୁ ଘରୋଇ ସ୍କୁଲଗୁଡିକ ଆଡମିଶନ ନକରାଇବା ପାଇଁ ନାନା ପ୍ରକାରର ହଇରାଣ ହରକତ କରୁଥିବା ଦେଖିବାକୁ ମିଳିଛି। ଫଳରେ ଗରିବ ପିଲା ଭଲ ସ୍କୁଲରେ ନାମ ଲେଖାଇ ପାରୁନାହାଁନ୍ତି। ୨୦୦୯ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲ୍ ଗୁଡିକ ଏଣ୍ଟ୍ରିଲେବେଲ୍ ବା ପ୍ରବେଶସ୍ତରରୁ ସମୁଦାୟ ସିଟ୍‌ର ୨୫ପ୍ରତିଶତ କୋଟାରେ ଆର୍ଥିକ ଅନଗ୍ରସର ବର୍ଗର ପିଲାମାନଙ୍କୁ ଆଡମିଶନ ଦେବାକୁ ନିୟମ ଥିଲେ ସୁଦ୍ଧା ଏହାର ଗଳାବାଟ ଦେଇ ଶିକ୍ଷା ଅଧିକାର ଆଇନକୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ମାନୁନାହାନ୍ତି। ଗଣଶିକ୍ଷା ବିଭାଗଠାରୁ ପ୍ରତିବର୍ଷ ଘରୋଇ ସ୍କୁଲ ଗୁଡିକ ସାର୍ଟିଫିକେଟ ଅଫ ରେକଗ୍ନିସନ ବା ସିଓଆର୍ ନେଉଛନ୍ତି। କିନ୍ତୁ ସାର୍ଟିଫିକେଟ ପାଇବା ପରେ ଶିକ୍ଷା ଅଧିକାର ନିୟମକୁ ଖିଲାପ କରୁଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏଭଳି ଘରୋଇ ବିଦ୍ୟାଳୟ ଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳିଛି। ଯାହାଫଳରେ ମାଗଣା ଶିକ୍ଷାରୁ ଅନେକ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ଏନେଇ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଶିକ୍ଷା ଅଧିକାର ଆଇନକୁ ଖିଲାପ କରୁଥିବା କିଛି ଘରୋଇ ଶିକ୍ଷା ଅନୁଷ୍ଠାନକୁ ସିଓଆର୍ ପ୍ରଦାନ କରାଯାଇ ନାହିଁ। ଏବଂ ଆଗକୁ ଏଭଳି କିଛି ଘରୋଇ ସ୍କୁଲକୁ ଚିହ୍ନଟ କରାଯିବ। ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶିକ୍ଷା ବିଭାଗକୁ ଚିଠି ଲେଖାଯିବ ବୋଲି ସେ କହିଛନ୍ତି।

- ସ୍ୱୀକୃତି ପ୍ରମାଣପତ୍ର ପାଇବା ପରେ ଭୁଲିଯାଉଛନ୍ତି ମାର୍ଗଦର୍ଶିକା
- ଖିଲାପୀ ଘରୋଇ ସ୍କୁଲ ବିରୋଧରେ ନିଆଯିବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ : ବିଇଓ

## ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ସମୀକ୍ଷା ବୈଠକ




**କୁକୁଡ଼ାଖଣ୍ଡି,୧୧।୩(ସମିସ):** ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରୁଛନ୍ତି। ତେଣୁ ରାଜକୋଷରୁ କୋଟି କୋଟି ଟଙ୍କାର ଅନୁଦାନ ପଞ୍ଚାୟତ ଓ ପଞ୍ଚାୟତ ସମିତି ମାଧ୍ୟମରେ ଖର୍ଚ୍ଚ ହେଉଛି। କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରହଲ୍ଲାଦ ପ୍ରଧାନ ଏହାର ସମୀକ୍ଷା କରିଛନ୍ତି । ଏଥିରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁଙ୍କ ଉପସ୍ଥିତିରେ ପଞ୍ଚଦଶ ଅର୍ଥ କମିଶନ ଦ୍ୱାରା ମଞ୍ଜୁରୀ ପାଇଥିବା ଅର୍ଥରାଶିର ସଠିକ ବିନିଯୋଗ, ୟୁସି ଓ ପ୍ରମାଣ ପତ୍ର ପ୍ରଦାନ ଓ ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ପିଇଓ ସଂଘ ସଭାପତି ମହେଶ୍ୱର ବେହେରା, ସମ୍ପାଦକ ବିଦୀପ୍ତ କୁମାର ଟହଲ, ଉପଦେଷ୍ଟା ଅଶୋକ ପଟ୍ଟନାୟକ, ରବୀନ୍ଦ୍ରନାଥ ନାୟକଙ୍କ ସମେତ ପିଇଓ ବିଷ୍ଣୁଚରଣ ସାହୁ, ମହେନ୍ଦ୍ର ମଲ୍ଲିକ, ସୁଦାମ ମଲ୍ଲିକ, ଚିନ୍ମୟ କୁମାର ବେହେରା, ପ୍ରଶାନ୍ତ କୁମାର ବେହେରା, ଏସ.ରାଜେଶ ରାଓ, ଦିଲ୍ଲୀପ କୁମାର ଓଡ଼ିଆ, ସୁବାସିନୀ ପାଳ, ପୁଷ୍ପାଞ୍ଜଳି ପାତ୍ର, ସୁଚିତ୍ରା କୁମାରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଇତିହାସ

- ୧୯୦୪- ବ୍ରିଟେନ୍‌ରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରିକ୍ ଟ୍ରେନ୍ ଚାଲିଲା।
- ୧୯୫୪- ଭାରତ ସରକାର ସାହିତ୍ୟ ଅକାଦେମୀର ଆରମ୍ଭ କଲେ।
- ୧୯୬୭- ଇନ୍ଦିରା ଗାନ୍ଧୀ ଦ୍ୱିତୀୟ ଥର ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୬- ଇରାକ୍‌ରେ ସଦ୍ଦାମ ହୁସେନ୍‌ଙ୍କ ବିରୋଧରେ ମୋକଦ୍ଦମା ଶୁଣାଣି ଆରମ୍ଭ।
- ୨୦୦୭-ଜାମାଇକାରେ ନବମ କ୍ରିକେଟ୍ ବିଶ୍ୱକପ୍‌ର ଉଦ୍‌ଘାଟନ ହେଲା।

# ହାଇଟେକ୍ କାଫେ
## ଡ୍ରୋନ୍ ପିଆଉଛି କଫି

ସମ୍ପ୍ରତି ପିଜ୍ଜା ଆଦି ଅନ୍ୟାନ୍ୟ ସାମଗ୍ରୀକୁ ଡ୍ରୋନ୍‌ରେ ଡେଲିଭରି କରାଯାଉଛି। ହେଲେ କୋଲକାତାରେ ଏକ କାଫେରେ ୱେଟର୍ ଗ୍ରାହକଙ୍କୁ ହାତରେ ନୁହେଁ, ବରଂ ଡ୍ରୋନ୍‌ରେ କଫି ପରଷୁଛନ୍ତି। ଏହି ଘଟଣା ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ଗ୍ରାହକ ମଧ୍ୟ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। କୋଲକାତା ୬୪ ସଲ୍ଟ ଲେକ୍‌ରେ ଥିବା ଏହି କାଫେରେ କଫି ଅର୍ଡର ଦେବାର କିଛି ମିନିଟ୍‌ରେ ଗରମ ଗରମ କଫି ଡ୍ରୋନ୍ ମାଧ୍ୟମରେ ଗ୍ରାହକଙ୍କୁ ପରଷା ଯାଉଛି। ତେବେ କାଫେର ଏହି ସେବା ହୋମ୍ ଡେଲିଭରି ପାଇଁ ଉଦ୍ଦିଷ୍ଟ ନୁହେଁ। ଅନ୍ୟପଟେ କଫିର ଡ୍ରୋନ୍ କ୍ୟାଟରିଂ ବ୍ୟବସ୍ଥା ପାଇଁ ଏହାକୁ ହାଇଟେକ୍ କାଫେ ବୋଲି କୁହାଯାଉଛି। ଗ୍ରାହକ ଏହା ମାଧ୍ୟମରେ ଭିନ୍ନ ଏକ ଅନୁଭୂତି ସାଉଁଟୁଛନ୍ତି। ତା'ସହ ଏଭଳି କରି କାଫେର ଏକପ୍ରକାର ବ୍ୟବସାୟ ବୃଦ୍ଧି ଯୋଜନା ଲକ୍ଷ୍ୟ ରଖିବା ନେଇ ବି ଚର୍ଚ୍ଚା ହେଉଛି। ଏହି ସେବା ପରିବେଶ ଅନୁକୂଳ। ଅନ୍ୟପଟେ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।






# 'ଏ ୱତନ ମେରେ ୱତନ'ର ଗୀତ ରିଲିଜ୍

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏବେ ତାଙ୍କ ଫିଲ୍ମ 'ଏ ୱତନ ମେରେ ୱତନ' ପାଇଁ ଚର୍ଚ୍ଚାରେ। ପ୍ରଥମ ଥର ପାଇଁ ସାରା ଦେଶପ୍ରେମ ଉପରେ ଆଧାରିତ ଏକ ଫିଲ୍ମରେ କାମ କରୁଛନ୍ତି। ଇତିମଧ୍ୟରେ ଫିଲ୍ମର ଗୀତ 'କତାରା କତାରା' ରିଲିଜ୍ ହୋଇଛି। ଏହି ଗୀତରେ ଦେଶପ୍ରେମର ଝଲକ୍ ଦେଖିବାକୁ ମିଳିଛି। ଗୀତଟିକୁ ସୁଖବିନ୍ଦର ସିଂହ ଗାଇଛନ୍ତି। ଏଥିରେ ସାରା ଯୁବ ସଂଗ୍ରାମୀ ଭାବେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରୁଥିବାର ଦେଖାଯାଇଛନ୍ତି। କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ ଏହି ଫିଲ୍ମର ନିର୍ମାଣ କରୁଛି। ଏଥିରେ ସାରା ସ୍ୱାଧୀନତା ସଂଗ୍ରାମୀ ଉଷା ମେହେତାଙ୍କ ଭୂମିକାରେ ଦେଖାଯିବେ। ଫିଲ୍ମଟି ଓଟିଟି ପ୍ଲାଟ୍‌ଫର୍ମରେ ଆମାଜନ୍ ପ୍ରାଇମ୍ ଭିଡିଓରେ ରିଲିଜ୍ ହେବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି କନ୍ନନ୍ ଆୟର୍। ଫିଲ୍ମଟି ଏଇ ୨୧ରେ ରିଲିଜ୍ ହେବ।

# ସ୍ପାଇଡରମ୍ୟାନ୍
## ଓଲଟା ଚଢ଼ନ୍ତି ନଡ଼ିଆ ଗଛ

ଆମ ଦେଶରେ ପ୍ରତିଭାଶାଳୀ ଲୋକମାନଙ୍କର ଅଭାବ ନାହିଁ। କର୍ଣ୍ଣାଟକର ଗଡ଼ଗରେ ରହୁଥିବା ଜଣେ ଯୁବକ ସ୍ଥାନୀୟ ଅଞ୍ଚଳରେ ଦେଶୀ ସ୍ପାଇଡର୍‌ମ୍ୟାନ୍ ଭାବେ ପରିଚିତ। ଶିରହଟ୍ଟୀ ଗାଁରେ ରହୁଥିବା ୨୨ ବର୍ଷୀୟ ଈଶ୍ୱର ଜିଦ୍‌ଗନ୍ନାବର ପିଲାଦିନରୁ ବଡ଼ ବଡ଼ ବିଲ୍‌ଡିଂ ଚଢ଼ିବାକୁ ପସନ୍ଦ କରନ୍ତି। ସାଧାରଣତଃ ନିୟମିତ ଗଛ ଚଢ଼ୁଥିବା ଲୋକଙ୍କୁ ନଡ଼ିଆ ଗଛ ଚଢ଼ିବା ପାଇଁ ୪ରୁ ୫ ମିନିଟ୍ ସମୟ ଲାଗିଥାଏ। ଆଶ୍ଚର୍ଯ୍ୟର କଥା ହେଉଛି, ଈଶ୍ୱରଙ୍କୁ ନଡ଼ିଆ ଗଛ ଚଢ଼ିବାକୁ ମାତ୍ର ୧ ମିନିଟ୍ ଲାଗିଥାଏ ତାହା ପୁଣି ଓଲଟା ଭାବରେ। ତାଙ୍କର ଓଲଟା ଗଛ ଚଢ଼ିବାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ଦେଖାଯାଇଛି ଯେ, ସେ ନଡ଼ିଆ ଗଛ ଚଢ଼ୁଥିବାବେଳେ ତାଙ୍କ ମୁଣ୍ଡ ତଳକୁ ରହିଥାଏ ଓ ଗୋଡ଼ ଉପରକୁ ରହିଥାଏ। ତେବେ ପ୍ରାରମ୍ଭରେ ତାଙ୍କର ଏହି କାର୍ଯ୍ୟ ଏତେ ସହଜ ନ ଥିଲା। ପ୍ରଥମ ଥର ସେ ଏପରି ମାତ୍ର ୧୫ ଫୁଟ ଚଢ଼ି ପାରିଥିଲେ। ଦୁଇ ବର୍ଷର ଲଗାତାର ପ୍ରୟାସ ପରେ ଏବେ ସେ ଏଥିରେ ସଫଳ ହୋଇଛନ୍ତି। ଏବେ ସେ ୬୦ ଫୁଟର ନଡ଼ିଆ ଗଛକୁ ବି ମାତ୍ର ଏକ ମିନିଟ୍‌ରେ ଚଢ଼ି ଯାଉଛନ୍ତି। ସେ ଏଥିରେ ଏତେ ପାରଙ୍ଗମ ହୋଇଯାଇଛନ୍ତି ଯେ, କୌଣସି ସାହାରା ନ ନେଇ ନଡ଼ିଆ ଗଛ ଚଢ଼ିଯାଆନ୍ତି। ଭବିଷ୍ୟତରେ ସେ ଓଲଟା ଭାବେ ୧୦୦ ଫୁଟର ନଡ଼ିଆ ଗଛ ଚଢ଼ିବାକୁ ଇଚ୍ଛା କରିଛନ୍ତି।



## ଆଜିର ରାଶିଫଳ

**ମେଷ:** କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହେବ। ବ୍ୟବସାୟରେ ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ଚକ୍ଷୁ ପାଇଁ କଷ୍ଟ ପାଇପାରନ୍ତି। ମହିଳାମାନେ ଆଳସ୍ୟତା ଅନୁଭବ କରିବେ।

**ବୃଷ:** ସମସ୍ତ କାର୍ଯ୍ୟରେ ସଫଳତା ପାଇବେ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ। ତ୍ୱରିତ କାର୍ଯ୍ୟ ପାଇଁ ଦୂର ସ୍ଥାନ ଯାତ୍ରା କରିପାରନ୍ତି। ଆୟ ବୃଦ୍ଧି ହେତୁ ଉତ୍ସାହିତ ହେବେ। ପରିବାରର ସହାୟତା ପାଇବେ।

**ମିଥୁନ:** କୌଣସି ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହିବେ। ନୂତନ ଜମି କ୍ରୟ କରିପାରନ୍ତି। ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇପାରନ୍ତି। ଘରୋଇ ମାମଲା ଉପରେ ଅଧିକ ଧ୍ୟାନ ଦିଅନ୍ତୁ।

**କର୍କଟ:** ସକାରାତ୍ମକ ଚିନ୍ତାଧାରାରେ ଦିନ ଆରମ୍ଭ ହେବ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। କାର୍ଯ୍ୟଭାର ବୃଦ୍ଧି ପାଇବ।

**ସିଂହ:** ଚିନ୍ତା ଓ ଅବସାଦରେ ଦିନ ବିତିବ। ସାମାନ୍ୟ କଥାକୁ କେନ୍ଦ୍ର କରି ବିବାଦ ଉପୁଜିପାରେ। ଧାର୍ମିକ କାର୍ଯ୍ୟରେ ମନ ଦେବେ। କଠିନ ସମସ୍ୟାରେ ବୁଦ୍ଧିମାନ ଲୋକଙ୍କ ପରାମର୍ଶ ନିଅନ୍ତୁ।

**କନ୍ୟା:** ଭବିଷ୍ୟତ ପାଇଁ ନୂତନ ଯୋଜନା କରିବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ଉଚ୍ଚଅଧିକାରୀଙ୍କ ସହଯୋଗରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ ହେବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ।

**ତୁଳା:** କାମ ଚାପ ପାଇଁ ପରିବାର ଲୋକଙ୍କ ସହ ସମୟ ବିତାଇପାରିବେନି। ନିବେଶ କରୁଥିଲେ ସାବଧାନ ରୁହନ୍ତୁ। ଅନ୍ୟଙ୍କୁ କଟୁ କଥା କହି ସମାଲୋଚିତ ହୋଇପାରନ୍ତି।

**ବିଛା:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପୁରୁଣା ସମ୍ପର୍କରେ ତିକ୍ତତା ସୃଷ୍ଟି ହେବ। ଧାର୍ମିକ ସଂସ୍ଥାରେ ଦାନ କରନ୍ତୁ। କାର୍ଯ୍ୟରେ ସଫଳତା ମିଳିବା ଦ୍ୱାରା ଉତ୍ସାହିତ ଅନୁଭବ କରିବେ।

**ଧନୁ:** ନିବେଶରେ କ୍ଷତି ସହିପାରନ୍ତି। ଆର୍ଥିକ ଲାଭ ପାଇବାର କିଛି ସୁଯୋଗ ପାଇବେ। ଅନାବଶ୍ୟକ ଖର୍ଚ୍ଚରୁ ବର୍ତ୍ତି ରୁହନ୍ତୁ। ନକାରାତ୍ମକ ବିବାଦରୁ ଦୂରେଇ ରହିବା ଭଲ।

**ମକର:** ପରିବାର ସହିତ ସମୟ ଅତିବାହିତ କରିବେ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ। ଭୁଲ ବିନିଯୋଗ କରି ଦୁଶ୍ଚିନ୍ତାରେ ରହିବେ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟକରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ମହିଳାମାନେ ସ୍ୱାଧୀନମନା ହେବେ। ପିଲାଙ୍କ ଶିକ୍ଷା ଉପରେ ଧ୍ୟାନ ଦିଅନ୍ତୁ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ଅଧିକ ରହିବ। ନିବେଶ କରୁଥିଲେ ସାବଧାନ ରୁହନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅନ୍ୟକୁ ଧାର ଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ।




# କୃଷିକୁ ସଶକ୍ତ କରୁଛି 'ଡ୍ରୋନ୍'
## କୀଟନାଶକ ସିଞ୍ଚନ ପାଇଁ ଅଧିକ ଉପଯୋଗୀ



**ଫସଲରେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ, ଠିକ୍ ସମୟରେ ରୋଗପୋକ ପରିଚାଳନା ନ ହେବା କାରଣରୁ ଚାଷରେ ଅଧିକ କ୍ଷତି ହୁଏ। ତେଣୁ ଚାଷ କ୍ଷେତରେ କୃଷି ଯାନ୍ତ୍ରିକୀକରଣ, ପ୍ରଦ୍ୟୋଗିକ କୃଷି ତଥା କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଉପଯୋଗରେ ଚାଷ କରାଗଲେ ଅଧିକ ଲାଭ ମିଳିବ। ଏବେ ଆମ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଚାଷୀ ଚାଷ କ୍ଷେତରେ ଡ୍ରୋନ୍ ବ୍ୟବହାର ପାଇଁ ତାଲିମ ନେଉଛନ୍ତି। ଡ୍ରୋନ୍‌ରେ ଫସଲ ଦେଖାରଖା ସହ ରାସାୟନିକ କୀଟନାଶକ ଓ ରାସାୟନିକ ସାର ଯଥା - ୟୁରିଆ ଓ ନାନୋୟୁରିଆ ବ୍ୟବହାର ହୋଇପାରୁଛି।**

**କୃଷି ଡ୍ରୋନ୍:** କୃଷି ଡ୍ରୋନ ହେଉଛି କୃଷି କାର୍ଯ୍ୟରେ ବ୍ୟବହୃତ ଏକ ମାନବ ବିହୀନ ବିମାନ ଯାନ (ୟୁଏଭି)। ଏହା ମୃତ୍ତିକାର ଭୌଗୋଳିକ ସ୍ଥିତି ଓ ଅବସ୍ଥାର ଆକଳନ, ସଠିକ୍ ଭାଗରେ ଫସଲର ଅବସ୍ଥା, ରୋଗପୋକ ଚିହ୍ନଟ, ସାର ଯଥା ରାସାୟନିକ କୀଟନାଶକ ପ୍ରୟୋଗ ଆଦି କାର୍ଯ୍ୟ କରିଥାଏ। ଡ୍ରୋନ୍ ଫସଲ ବୃଦ୍ଧି ଓ ଫସଲ ଉତ୍ପାଦନ ଉପରେ ନଜର ରଖିଥାଏ। ଡ୍ରୋନ ସିଞ୍ଚନରେ ଫସଲକୁ ଆବଶ୍ୟକ ପରିମାଣର ସାର ମିଳିଥାଏ। ସାଧାରଣତଃ ଫଳଗଛ, ବିଭିନ୍ନ ଫସଲ, ପନିପରିବା, ମୁଗ, ବିରି, ମକା, ଚିନାବାଦାମ ଆଦି ଫସଲ ପାଇଁ ଡ୍ରୋନ୍ ଜରିଆରେ ସାର ଓ କୀଟନାଶକ ସିଞ୍ଚନ ସହଜ ହୋଇପାରୁଛି।

**ମାଟିର ସ୍ଥିତି ସର୍ବେକ୍ଷଣ:** ଯେଉଁ ସ୍ଥାନକୁ ଚାଷୀ ଯାଇପାରନ୍ତିନି ବା ବିପଦଜନକ ହୋଇଥାଏ, ଏଠାରେ ଡ୍ରୋନ ଜରିଆରେ ଫଟୋ ଉଠାଇ ମାଟିର ଆର୍ଦ୍ରତା, ସାର ଅଭାବରୁ ଗଛ ଦୁର୍ବଳ, ଘାସ ସମସ୍ୟା, ଫସଲର ସ୍ଥିତିକୁ ଅନୁଧ୍ୟାନ କରି ପାଣିରେ ଦ୍ରବୀଭୂତ ହୋଇଥିବା ରାସାୟନିକ ସାର, ଘାସମରା ଔଷଧ ନିର୍ଦ୍ଦିଷ୍ଟ ପରିମାଣରେ ପ୍ରୟୋଗ କରାଯାଏ। ସେହିପରି ଜଳ ଅଭାବରୁ ମାଟି ଶୁଷ୍କ ହୋଇଗଲେ, ଗଛ ଝାଉଁଳିବା ସମସ୍ୟା ହୁଏ। ଏହାକୁ ମୁକାବିଲା କରିବା ପାଇଁ ଡ୍ରୋନ୍ ମାଧ୍ୟମରେ ଜଳସିଞ୍ଚନ କରାଯାଇପାରେ। ଏଥିରେ ପାରମ୍ପରିକ ପଦ୍ଧତି ତୁଳନାରେ କୀଟନାଶକ ଦ୍ୱାରା ପରିବେଶ ଦୂଷିତ ହେବାର ଆଶଙ୍କା କମ୍ ଅଟେ। ରୋଗପୋକ ସର୍ବେକ୍ଷଣ କାର୍ଯ୍ୟ ଡ୍ରୋନ୍ ମାଧ୍ୟମରେ ବହୁତ ଶୀଘ୍ର ଓ ସଠିକ୍ ଭାବେ ହୋଇପାରୁଛି। ଅଧିକାଂଶ ଏହି ନିଜସ୍ୱ ଡ୍ରୋନ୍ ଯୋଗାଣ କେନ୍ଦ୍ର କରି ମାସିକ ଭଲ ରୋଜଗାର କରିପାରିବେ।

ପୁରୀ, ଜଗତସିଂହପୁର, ନୟାଗଡ଼, ମୟୂରଭଞ୍ଜ, ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରକୁ ଡ୍ରୋନ୍ ଦିଆଯାଇଥିବାବେଳେ ଏହା ଚାଷୀଙ୍କ କ୍ଷେତ ପ୍ରଦର୍ଶନ କରୁଛି। ଏମିତିକି ବିଭିନ୍ନ ଚାଷୀ ରାଜ୍ୟ ବାହାରେ ଡ୍ରୋନ୍ ବ୍ୟବହାର ପାଇଁ ତାଲିମ ମଧ୍ୟ ନେଉଛନ୍ତି। ନିକଟ ଭବିଷ୍ୟତରେ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ ମାଧ୍ୟମରେ ଆରପିଟିଓ ପ୍ରତିଷ୍ଠା କରି ଡ୍ରୋନ୍ ସମ୍ବନ୍ଧୀୟ ତାଲିମ ଦେବାର ଯୋଜନା ରହିଛି।

ବିଭିନ୍ନ ଆକାରର ଡ୍ରୋନ୍‌ରେ ୫ରୁ ୩୦ ଲିଟର ଜଳ ଧାରଣାର କ୍ଷମତା ରହିଛି। ତେବେ ବେସରକାରୀ କ୍ଷେତ୍ରରେ ଜମିରେ ଡ୍ରୋନ୍‌ରେ ସାର ଓ ରାସାୟନିକ କୀଟନାଶକ ସିଞ୍ଚନ କରିବାକୁ ଏକର ପିଛା ୩୫୦ ଟଙ୍କାରୁ ୪୦୦ ଟଙ୍କା ଦେବାକୁ ପଡ଼େ।

**ଡ୍ରୋନ୍ ପାଇଁ ରିହାତି:** ଡ୍ରୋନ୍ ପାଇଁ କୃଷି ଯାନ୍ତ୍ରିକ ମହା ବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ରାଜ୍ୟ କୃଷି ବିଭାଗ, କୃଷି ବିଶ୍ୱବିଦ୍ୟାଳୟ ଆଦି ସରକାରୀ ସଂସ୍ଥାଗୁଡ଼ିକୁ ସରକାରଙ୍କ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯାଇଥାଏ।। ସେହିପରି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଡ୍ରୋନ୍ ଉପରେ ୮୦ ପ୍ରତିଶତ ରିହାତି ମିଳୁଥିବା କୃଷି ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ) ପାଇଁ ୭୫ ପ୍ରତିଶତ ରିହାତି ମିଳୁଛି। କୌଣସି ସଂସ୍ଥା ଡ୍ରୋନର କିଣା ଉପରେ ସରକାରଙ୍କ ଠାରୁ ଆବଶ୍ୟକ ରିହାତି ପାଇପାରିବେ।

**ସମୂହ ଚାଷରୁ ଅଧିକ ଲାଭ:** ଡ୍ରୋନ୍ ସ୍ପ୍ରେର ବ୍ୟବହାର ଦ୍ୱାରା ପରିବେଶ ଓ ଚାଷୀ ସୁରକ୍ଷିତ ରୁହନ୍ତି। ଡ୍ରୋନ୍‌ର ମୂଲ୍ୟ ଅଧିକ ହୋଇଥିବାରୁ ଏହାକୁ ଚାଷୀଭାଇମାନେ ସମୂହ ଭାବେ କିଣି ସମାନ ଫସଲ ଚାଷ କଲେ ଅଧିକ ଉପକୃତ ହୋଇପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଧାନରେ ବକାନି ରୋଗ ଦେଖାଦେଲେ, ୧ ଲିଟର ପାଣିରେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁପି ମିଶାଇ ସିଞ୍ଚନ କରନ୍ତୁ। ସେହିପରି ମହିଷା ରୋଗର ଲକ୍ଷଣ ଦେଖାଗଲେ ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ ଟେବୁକୋନାଜୋଲ ୫୦% ସିଞ୍ଚନ କରନ୍ତୁ।
- ଆଳୁ ଲଗାଇବାର ୭୫-୮୫ ଦିନ ପରେ ଅମଳ କରିଦିଅନ୍ତୁ। ଅମଳର ୧୫ ଦିନ ପୂର୍ବରୁ ଜଳସେଚନ ବନ୍ଦ କରିଦିଅନ୍ତୁ।
- ପିଆଜରେ ପତ୍ର ଉକୁଣି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକ୍ଟିନକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ଛେଳିଙ୍କ ପାଇଁ ପ୍ରାଣଘାତୀ ବସନ୍ତ



